
ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ଶନିବାର ୧୫ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 15 AUGUST 2020
Vol.No. 30 ■ No. 206■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj
2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,



ପବିତ୍ର ସ୍ୱାଧୀନତା ଦିବସ – ୨୦୨୦ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇ-ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ବୈଶ୍ୱିକ ମହାମାରୀ କରୋନା ବିରୋଧରେ ସମଗ୍ର ମାନବଜାତିର ଲଢ଼େଇରେ ଓଡ଼ିଶାର ପ୍ରଦର୍ଶନ ବେଶ ଉତ୍ସାହଜନକ ଓ ପ୍ରେରଣାଦାୟୀ । ଏହି ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

DADLS-50 OIPR: 15001/13/0076/2021



ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ୨୦୨୦ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏକ ବିକଶିତ ଓଡ଼ିଶା ଓ ଅଗ୍ରଣୀ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଆସନ୍ତୁ, ଆମେ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିଚାଲିବା ।

କୋଭିଡ୍-୧୯ ନିୟନ୍ତ୍ରଣ ପାଇଁ ଆପଣମାନେ ସରକାରଙ୍କ କୋଭିଡ୍ ନିୟମାବଳୀ ପାଳନ କରନ୍ତୁ । ନିଜେ ସୁରକ୍ଷିତ ରୁହନ୍ତୁ ଏବଂ ସମସ୍ତଙ୍କୁ ସୁରକ୍ଷିତ ରଖିବା ପାଇଁ ସହଯୋଗ କରନ୍ତୁ ।

(ନବୀନ ପଟ୍ଟନାୟକ)

DADLS-50 OIPR: 15001/13/0076/2021



ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ବାର୍ତ୍ତା

ପବିତ୍ର ୭୪ତମ ସ୍ୱାଧୀନତା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଭାରତର ସ୍ୱାଧୀନତା, ଲକ୍ଷ ଲକ୍ଷ ସଂଗ୍ରାମୀମାନଙ୍କ ଆତ୍ମୋତ୍ସର୍ଗ, ଦେଶପ୍ରେମ ଓ ଅହିଂସା ଅସ୍ତ୍ରରେ ସମାହିତ ଚିରସ୍ମରଣୀୟ ଉପଲବ୍ଧି । ଆସନ୍ତୁ, ସ୍ୱାଧୀନତାର ମୂଲ୍ୟବୋଧକୁ ସ୍ମରଣ କରି ସେହି ସଂଗ୍ରାମୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟ କରିବା । କରୋନାକୁ ହରାଇ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ନିର୍ମାଣ କରିବାକୁ ସଂକଳ୍ପବଦ୍ଧ ହେବା ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-50 OIPR: 15001/13/0076/2021

## ଆଜି ସ୍ୱାଧୀନତା ଦିବସ: ରାଜ୍ୟସ୍ତରୀୟ ଉତ୍ସବରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୮ (ନି.ପ୍ର): ଆସନ୍ତାକାଲି (ଶନିବାର) ସ୍ୱାଧୀନତା ଦିବସରେ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିବେ । ଚଳିତ ବର୍ଷ କରୋନା ମାହାମାରୀ ଯୋଗୁଁ କଡ଼ା କଟକଣା ଭିତରେ ସ୍ୱାଧୀନତା ଦିବସ ପାଳନ ହେବ । ଏଥିପାଇଁ ସକାଳ ୯ଟା




ପରେ ଜାତୀୟ ପତାକା ଉତୋଳନ କରିବାକୁ ସ୍ଥିର କରାଯାଇଛି । ଏହା ବ୍ୟତୀତ ସପ୍ତାହାନ୍ତ ସଟ୍ ଡାଉନ୍ ହେଉଥିବା ସ୍ଥାନରେ ଦିନ ୧୧ ପର୍ଯ୍ୟନ୍ତ କଟକଣା କୋହଳ କରାଯାଇଛି । ତେବେ ସ୍ୱାଧୀନତା ଦିବସ ଉତ୍ସବରେ ୧୦ ଜଣରୁ ଅଧିକ ବ୍ୟକ୍ତି ସାମିଲ ହୋଇପାରିବେ ନାହିଁ । ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ବେଳେ ଛାତ୍ରଛାତ୍ରୀମାନେ

▶▶ପୃଷ୍ଠା ୭

## କରୋନାମୁକ୍ତ ହେଲେ ଅମିତ୍ ଶାହା

ନୂଆଦିଲ୍ଲୀ,୧୪।୮ (ନି.ପ୍ର): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି । ଏ ସମ୍ପର୍କରେ ସେ ନିଜେ ଟ୍ୱିଟ କରି ସୂଚନା ଦେଇଛନ୍ତି । ଟ୍ୱିଟରରେ ସେ ଲେଖିଛନ୍ତି ଯେ ଆଜି ତାଙ୍କ କରୋନା ରିପୋର୍ଟ ନେଗେଟିଭ ଆସିଛି । ଏଥିପାଇଁ ସେ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଆଉ କିଛିଦିନ ଏକାନ୍ତବାସରେ ରହିବେ ବୋଲି ଲେଖିଛନ୍ତି ।

▶▶ପୃଷ୍ଠା ୭



ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର

74th Independence Day

ସ୍ୱାଧୀନତା ଦିବସ
ସମସ୍ତ ଦେଶବାସୀଙ୍କୁ ଶୁଭେଚ୍ଛା

ଜୟ ହିନ୍ଦ

"୧୫ ଅଗଷ୍ଟ ଭାରତର ସ୍ୱାଧୀନତା ପାଇଁ କଠିନ ପରିଶ୍ରମ କରିଥିବା ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିବାର ଏକ ଦିବସ । ଏହି ଦିବସ ଆମ ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଗର୍ବିତ କରୁଥିବା ଏକ ଭାରତର ନିର୍ମାଣ କରିବା ଲାଗି ଆମ ପ୍ରତିବଦ୍ଧତାକୁ ଦୋହରାଇବାର ଏକ ଅବସର ।"

-ନରେନ୍ଦ୍ର ମୋଦୀ

davp 22201/13/0015/2021



ଲାଲକିଲ୍ଲାଠାରେ ସ୍ୱାଧୀନତା ଦିବସ ସମାରୋହର ସିଧାପ୍ରସାରଣ ଦୂରଦର୍ଶନରେ ସକାଳ ୬.୨୫ରୁ ଆରମ୍ଭ ହେବ ।

# ୧୭ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୪।୮ (ନି.ପ୍ର): ଉତର- ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨୪ ଘଂଟା ମଧ୍ୟରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏହା ସହ ଉପରୋକ୍ତ ୨ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ୨ ଜିଲ୍ଲା ବ୍ୟତୀତ ଆସନ୍ତା ୨୪ ଘଂଟା ମଧ୍ୟରେ ଆଉ ୧୦ ଟି ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । ଏହି ଜିଲ୍ଲା ଗୁଡିକ ହେଲା ଗଂଜାମ, ପୁରୀ, ଗଜପତି,ଜଗତସିଂହପୁର, ରାୟଗଡା, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ସମ୍ବଲପୁର ଓ ଦେବଗଡ । ଏହି ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଲଘୁଚାପ ପ୍ରଭାବରେ ପବନର ବେଗ ବୃଦ୍ଧି ପାଇପାରେ । ଏହି ସମରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

# ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨୪ ଲକ୍ଷ ଟଙ୍କା ପ୍ରଦାନ

ଭୁବନେଶ୍ୱର,୧୪।୮ (ନି.ପ୍ର): ରାଜ୍ୟରେ କୋଭିଡ୍-୧୯ ସ୍ଥିତିର ମୁକାବିଲା ପାଇଁ ସାଲେପୁରର ବିଧାୟକ ଶ୍ରୀ ପ୍ରଶାନ୍ତ ବେହେରାଙ୍କ ତତ୍ୱାବଧାନରେ ସାଲେପୁର ଓ ଟାଙ୍ଗୀ ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୬ ଲକ୍ଷ ୮୪ ହଜାର ୪୩୭ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ଟାଙ୍ଗି ଚୌଦ୍ୱାର ବ୍ଲକ୍ ର ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତାମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୮ ଲକ୍ଷ ୭ ହଜାର ୭୭୭ ଟଙ୍କା ପ୍ରଦାନ କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶଙ୍କୁ ସାଲେପୁର ଓ ଟାଙ୍ଗୀ ବ୍ଲକ୍ ଶିକ୍ଷକ ସଂଘ ଏବଂ ଟାଙ୍ଗି ଚୌଦ୍ୱାର ବ୍ଲକ୍ ର ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତା ଏହି ଅର୍ଥ ରାଶିକୁ ଚେକ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ଏହି ଅବସରରେ ଟାଙ୍ଗି ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀ ଚନ୍ଦ୍ରଶେଖର ଦାସ, ସାଲେପୁର ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରେମଲତା ନାୟକଙ୍କ ସମେତ ଶିକ୍ଷକ ସଂଘର କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଦକ୍ଷିଣ ପୁର୍ବ ସମ୍ଭାଗ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଦ୍ୱାରା ଆଲୋଚିତ ନୁତନ ଶିକ୍ଷାନୀତି

କନ୍ଧମାଳ,୧୪।୮ (ନି.ପ୍ର): ଶିକ୍ଷା ବିକାଶ ସମିତି ଓଡିଶା(ଦକ୍ଷିଣ ପୂର୍ବ ସମ୍ଭାଗ)ର ଏକ ଗୁରୁତ୍ୱପୁର୍ଣ୍ଣ ଆଲୋଚନା ଚକ୍ର ତା୧୧/୦୮/୨୦ ରିଖ ଅପରାହ୍ନ ୪ଟା ସମୟରେ ଜୁମ ଆପ୍ ମାଧମରେ ଆୟୋଜନ କରାଯାଇଥିଲା । ଉକ୍ତ ଆଲୋଚନାରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ୧୮ ଜଣ ସଦସ୍ୟ ଭାଗନେଇ "ନୂତନ ଜାତୀୟ ଶିକ୍ଷାନୀତି-୨୦୨୦" ବିଷୟରେ ବଷଦ ଆଲୋଚନା କରିଥିଲେ । ନୂତନ ଶିକ୍ଷାନୀତି-୨୦୨୦ର ବିଚା, ଉପକାରିତା, ବୈଜ୍ଞାନିକତା ଏବଂ ଯୁଗପଯୋଗିତା ସମ୍ପର୍କରେ ସନ୍ଦର୍ଭ, ପ୍ରବନ୍ଧ ଆଲୋଚନା ଏବଂ ମତାମତକୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ନିକଟରେ ପହଂଚାଇବା ପାଇଁ ଉକ୍ତ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।ଏହି ବୈଠକରେ ପତ୍ରିକା ସଂଯୋଜକ ଶ୍ରୀ ଦେବେନ୍ଦ୍ର ପଟ୍ଟନାୟକ,ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ଚିନ୍ମୟ ରଞ୍ଜନ ଶତପଥୀଙ୍କ ସମେତ ଅନ୍ୟ ସଦସ୍ୟ ଯଥା କମ୍ଭୁ ପାଣୀ ସାମନ୍ତ,ଡ଼.ଚିତ ରଞ୍ଜନ ମିଶ୍ର ଅଧକ୍ଷ ପଂଚାୟତ ମହାବିଦ୍ୟାଳୟ ଫିରିଙ୍ଗିଆ, ଶିବରାମ ସାହୁ ଅଧକ୍ଷ ଉଦୟଗିରି, ଆଦିତ୍ୟ ପ୍ରସାଦ ତ୍ରିପାଠୀ ଆଇନଜିବୀ ଓ ସାମ୍ବାଦିକ କନ୍ଧମାଳ ଜିଲ୍ଲା ପ୍ରତିନିଧି, ମନୋଜ କୁମାର ପଣ୍ଡା ସାମ୍ବାଦିକ ପାରଳାଖେମୁଣ୍ଡି, ଦୁତିକୃଷ୍ଣ ପାଢ଼ୀ ସାମ୍ବାଦିକ ସମ୍ବାଦ, ଅଶୋକ କୁମାର ନନ୍ଦ ସାମ୍ବାଦିକ ସମୟ,ଶ୍ରୀ ପଣ୍ଡା ଶିକ୍ଷାବିତ, ସରୋଜ କୁମାର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ରଞ୍ଜନ କୁମାର ପ୍ରଧାନ, ରବି ପ୍ରସାଦ ସରକାର, ଉପେନ୍ଦ୍ର ପଣ୍ଡା, ଜ୍ୟୋତି ରଞ୍ଜନ ବିଷୋୟୀ ପ୍ରମୁଖ ଉପସ୍ଥିତ ରହି ନିଜର ମତବ୍ୟକ୍ତ କରିଥିଲେ । କୋଭିଡ-୧୯ ଦ୍ୱାରା ଶିକ୍ଷାଦାନ କାର୍ଯ୍ୟକ୍ରମ ବହୁମାତ୍ରାରେ ପ୍ରଭାବିତ ହୋଇଛି । ଏହ ପରିପ୍ରେକ୍ଷୀରେ ଶିକ୍ଷା ବିକାଶ ସମିତି ଓଡ଼ିଶା(ଦକ୍ଷିଣ ପୂର୍ବ ସମ୍ଭାଗ)ନୁତନ ଜ୍ଞାନ କୌଶଳ ପ୍ରୟୋଗ କରି ନୁତନ ଶିକ୍ଷାନୀତିକୁ ସହରାଂଚଳ ଠାରୁ ଆରମ୍ଭ କରି ଗ୍ରାମାଂଚଳରେ ଅଧିକ ପ୍ରଚାର ପ୍ରସାର କରିବା ପାଇଁ ପ୍ରଚେଷ୍ଟା କରିଛନ୍ତି ଯାହାକି ଏହା ବିଭିନ୍ନ ମହଲରେ ଆଦୃତ ହୋଇପାରିବ ବୋଲି ଆଶା ପୋଶଣ କରିଛନ୍ତି ସମସ୍ତ ସଦସ୍ୟ ବୃନ୍ଦ ।

# ପୁଲିସ ଜନତା ଖଣ୍ଡଯୁଦ୍ଧ ମାମାଲା: ୧୨ କୋର୍ଟ ଚାଲାଣ

କୋରେଇ,୧୪।୮ (ନି.ପ୍ର): କୋରେଇ ବ୍ଲକ ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଂଚାୟତ ଅମୃତିଆ ଗ୍ରାମରେ ଗତକାଲି ଏକ ଜମିବାଡିକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗୋଷ୍ଠି ସଙ୍ଘର୍ଷ ଘଟିବା ସହ ୨ଜଣ ଗୁରୁତର ଆହାତ ହୋଇଥିଲେ । ଗୁରୁତର ଦୁଇ ଜଣଙ୍କ ମଧ୍ୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବାଟରେ ଜଣେ ଭାଇଙ୍କ ମୃତ୍ୟୁ ହୋଇଥିବାର ମିଥ୍ୟା ଖବର ପ୍ରଚାର ପରେ ଗ୍ରାମବାସୀମାନେ ପ୍ରତିହିଂସା ପରାୟଣ ହୋଇ ୨ଟିବାଇକ ପୋଡିବା ସହିତ ପୁଲିସକୁ ଆତର୍କିତ ଆକ୍ରମଣ କରିଥିଲେ ଏଥିରେ ୩ଟି ପୁଲିସ ଗାଡି ଭାଙ୍ଗିବା ସହିତ ୩ ପୁଲିସ କର୍ମଚାରୀ ଗୁରୁତର ଆହାତ ହୋଇଥିଲେ । ଏ ଘଟଣାକୁ ଜିଲ୍ଲା ଏସପି ଚରଣ ସିଂ ମୀନା ଗୁରୁତ୍ୱର ସହିତ ନେବା ସହିତ ଅକ୍ରମଣକାରୀଙ୍କ ବିରୁଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଗତକାଲି ବିଳମ୍ବିତ ରାତିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀଙ୍କ ନେତୃତ୍ୱରେ ଯାଜପୁରରୋଡ ଏସଡିପିଓ ଛିନ୍ମୟ ନାୟକ, ପାଣିକୋଇଲି ଥାନାଧିକାରୀ ସସ୍ମିତା ସାହୁ, ଯାଜପୁରରୋଡ ଥାନାଧିକାରୀ ଅନିଲ ମହାନ୍ତି, ବରୀ ଥାନାଧିକାରୀ ଅଜୟ କୁମାର ଜେନା ଓ ଇନିସିପେକ୍ଟର ଚକ୍ରପତି କଅଁର ପ୍ରମୁଖ ପୁଲିସ ଫୋର୍ସ ସହିତ ଅମୃତିଆ ଗ୍ରାମରେ ପହଁଚି ଘଟଣା ସମୟର ରେକର୍ଡି ଭିଡିଓରୁ ପୁଲିସକୁ ଆକ୍ରମଣ କରିଥିବା ଚିହ୍ନିଟ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ୯ ଜଣଙ୍କୁ ଘରୁ ଉଠାଇ ଆଣିଥିଲା । ପୁଲିସର ଗିରଫଦାରୀ ଭୟରେ ଗ୍ରାମ ପୁରୁଷ ଶୁନ୍ୟ ହୋଇଯାଇଛି । ଏ ନେଇ ପୁଲିସ ୩ଟି ମାମଲା ରୁଜୁ କରି ଏହି ମାମଲାରେ ଆଜି ୧୨ ଜଣଙ୍କୁ କୋର୍ଟ ଚାଲାଣ କରିଛି । ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ଦୁଇଟି ମାମଲା ଓ ପୁଲିସ ନିଜ ପକ୍ଷରୁ ଗୋଟିଏ ମାମାଲା ୧୮୦/୨୦ ରୁଜୁ କରିଛି । ଗୁରୁତର ଆହାତ ସାରଙ୍ଗ ମହାପାତ୍ରଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ମାମଲା ୧୭୯/୨୦ ରୁଜୁ କରାଯାଇ ଅମୃତିଆ ଗ୍ରାମର ମହୀ ମହାପାତ୍ରଙ୍କ ପୁଅ କାହ୍ନୁ ସ୍ୱାଇଁ ଓରଫ ମହାପାତ୍ର(୩୭), ବାଇଧର ପରିଡାଙ୍କ ପୁଅ ପ୍ରଶାନ୍ତ(୪୯), ବଣହରା ଗ୍ରାମର ଅନୁ ସାହୁଙ୍କ ପୁଅ ଲକ୍ଷ୍ମୀଧର(୪୭)ଙ୍କୁ ଦଫା ୧୪୭,୧୪୮,୪୪୭,୩୨୪,୩୪ ଆଇପିସି ୩୦୭, ୫୦୬, ୧୪୯ ଆଇପିସିରେ କୋର୍ଟଚାଲାଣ କରାଯାଇଥିବା ବେଳେ କାହ୍ନୁ ସ୍ୱାଇଁଙ୍କ ଅଭିଯୋଗ କ୍ରମେ ଏକ ମାମଲା ୧୮୧/୨୦ ରୁଜୁ ହୋଇଛି । ସେହିପରି ପୁଲିସକୁ ଆକ୍ରମଣ ମାମଲାରେ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ନବଘନ ମହାପାତ୍ରଙ୍କ ପୁଅ ପ୍ରଦୀପ, ମୁରଲୀ ମହାପାତ୍ରଙ୍କ ପୁଅ ରଂଜନ, ଦୈତାରୀ ମହାପାତ୍ରଙ୍କ ପୁଅ ମୁରଲୀ, ଝରୀଆ କବିଙ୍କ ପୁଅ ବିଶ୍ୱନାଥ, ବିଶ୍ୱନାଥ କବୀଙ୍କ ପୁଅ ଅମର, ମୁରଲୀଧର ମହାପାତ୍ରଙ୍କ ପୁଅ ରବିନ୍ଦ୍ର, ଗୌରାଙ୍ଗ ମହାପାତ୍ରଙ୍କ ପୁଅ କେଦାର ଓ ସତ୍ୟନାରାୟଣ ଓ କ୍ଷେତ୍ରବାସୀ ମହାପାତ୍ରଙ୍କ ପୁଅ ବିଦ୍ୟାଧରକୁ ଗତକାଲି ରାତିରେ ଗିରଫ କରାଯିବାପରେ ଆଜି ଦଫା ୧୪୭, ୧୪୮,୧୪୯, ୩୫୩, ୩୩୬, ୩୩୭, ୩୩୮, ୩୩୨, ୩୪୧, ୨୯୪, ୩୨୫, ୩୨୬, ୩୦୭,୫୦୬ ଆଇପିସି/୧୪୯ ଆଇପିସି/୩ପିଏପିଡି ପିପି ଆକ୍ଟରେ କୋର୍ଟ ଚାଲାଣ କରାଯାଇଛି । ପୁଲିସ କରିଥିବା ମାମଲାର ତଦନ୍ତଭାର ନିଜେ ଥାନାଧିକାରୀ ସସ୍ମିତା ସାହୁ ନେଇଥିବାବେଳ ଅନ୍ୟ ଦୁଇଟି ମାମାଲାର ତଦନ୍ତ ଏସଆଇ ପୁଷ୍ପଲତା ବେହେରା କରୁଛନ୍ତି ।

## ଭୁବନ ସିଏଚସି ରେ ତୃତୀୟ ଦିବସରେ ୫୫ ଜଣ ଆଂଟିଜେନ ଟେଷ୍ଟିଂ କଲେ

ଭୁବନ,୧୪।୮ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ଆଂଟିଜେନ ଟେଷ୍ଟିଂର ଆଜି ତୃତୀୟ ଦିନରେ ସମୁଦାୟ ୫୫ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ରମେଶ କୁମାର ସାହୁ ଙ୍କ ତତ୍ୱାବଧାନ ଓ ଆକାଉଂଟ ମ୍ୟାନେଜର ଦିଲ୍ଲୀପ କୁମାର ଦାସ ଙ୍କ ଉପସ୍ଥିତିରେ ଲ୍ୟାବ ଟେକ୍ନିସିଆନ(କୋଭିଡ-୧୯) ସୁଶାନ୍ତ କୁମାର ସାହୁ ସ୍ୱାବ ସଂଗ୍ରହ କରିଥିଲେ । ଭୁବନରେ କରୋନା ସଂକ୍ରମଣ କୁ ପ୍ରତିହତ କରିବା ସକାଶେ ଡାକ୍ତରଖାନାରେ ନିୟମିତ ଭାବେ ଏହି ଟେଷ୍ଟିଂ ଚାଲୁ ରହିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଚାନ୍ଦବାଲି ତହସିଲ ନିଲାମ ନେଇ ମାଣିପୁର ଯୋରରେ ମାଛ ଧରିବା ପାଇଁ ବନ୍ଧ

**ଜଳନିଷ୍କାସନ ହୋଇନପାରି ଶହଶହ ଏକର ଧାନଫସଲ ନଷ୍ଟ ହେବା ଆଶଙ୍କା**

ଭଦ୍ରକ, ୧୪/୮ (ହି.ସ.) - ଚାନ୍ଦବାଲି ବ୍ଲକର ହଳଦିଆ ନିକଟ ନୂଆନଈରୁ ବାହାରିଥିବା ମାଣିପୁର ଯୋର ଚାଷୀମାନଙ୍କ ପାଇଁ କୃଷି ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ । ମରୁଡି ହେଲେ ଚାଷୀମାନେ ଜଳସେଚନ ପାଇଁ ଏହା ଉପରେ ନିର୍ଭର କରୁଥିବା ବେଳେ ବର୍ଷା ହେଲେ ଚାଷ ବିଲର ଉଦବୃତ ଜଳ ମଧ୍ୟ ଏହି ଯୋର ଦେଇ ତେରଯୋଡ଼ିଆ ନଦୀକୁ ନିଷ୍କାସନ ହୋଇଥାଏ । ତେବେ କୃଷି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଏହି ଯୋରକୁ ଚାନ୍ଦବାଲି ତହସିଲ ପକ୍ଷରୁ ନିଲାମ ଦିଆଯାଇଛି । ନିଲାମ ନେଇଥିବା ସଂପୃକ୍ତ ବ୍ୟକ୍ତି ମାଛ ଧରିବା ପାଇଁ ଏକ ବନ୍ଧ ସନାନତ ଗୋସାଇଁ ମଠ ନିକଟରେ ନିର୍ମାଣ କରିଦେଇଛନ୍ତି । ଛୋଟିଆ ବାଟଟିଏ ରଖିଛନ୍ତି । ଫଳରେ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ । ଚାଷ ଜମିରେ ବର୍ଷା ଜଳ ଲହରି ଭାଙ୍ଗୁଛି । ମାଛ ଧରିବା ପାଇଁ ନିଲାମ ନେଇଥିଲେ ବି ନଦୀରେ ବନ୍ଧ ବାନ୍ଧିବା ବା ଜଳକୁ ଅବରୋଧ କରିବା ଆଦି କାର୍ଯ୍ୟ ନିୟମ ବର୍ହିଭୁତ ଅଟେ । ପ୍ରାଶାସନିକ ଅବହେଳା କାରଣରୁ ଏହାକୁ କେହି ମାନିବାକୁ ପ୍ରସ୍ତୁତ ନୁହଁନ୍ତି । ମାଣିପୁର ଯୋରରେ ବନ୍ଧ ବାନ୍ଧିବା ଫଳରେ ସଂପ୍ରତି ହଳଦିଆ, ଛତ୍ରପଦା, ମାଣିପୁର, ନୂଆସାହି, ନରେନ୍ଦ୍ରପୁର ଆଦି ମୌଜାର ଶହଶହ ଏକର ଚାଷ ଜଳର୍ଣ୍ଣାବ ହୋଇ ଯାଇଛି । ଏହି ସବୁ ଅଞ୍ଚଳର ଧାନଚାଷ ସଂପୂର୍ଣ୍ଣ ଭାବେ ବର୍ଷା ଉପରେ ନିର୍ଭରଶୀଳ । କିଛିଦିନ ତଳେ ମରୁଡ଼ିର ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ସଂପ୍ରତି କୃତ୍ରିମ ବନ୍ୟା ମଧ୍ୟ ସୃଷ୍ଟି ହୋଇଛି । ଶହଶହ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଯୋରକୁ ଚାନ୍ଦବାଲି ତହସିଲ ନିଲାମ ନଦେବାକୁ ଦାବି ହେଉଛି ।

# ରୋଗାଗ୍ରସ୍ତ ମାକୁ ଭଲ କରିବା ସହ ନିଜ ପେଟ ପୋଷିବା ପାଇଁ ଘରୋଇ ଶିକ୍ଷାଦାନ ଏକ ମାତ୍ର ବିକଳ୍ପ

**ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଦିବ୍ୟାଙ୍ଗ ଗୀତାଞ୍ଜଳୀ**

ଧର୍ମଶାଳା,୧୪।୮ (ନି.ପ୍ର): ସଂସାର ଭିତରେ ଦୁଃଖ ଏମିତି ବି ଆସେ । ପରିବାର ଉପରେ ଘୋଟି ଆସିଛି କଳା ବାଦଲ । ସୁନା ସଂସାରକୁ ଛାରଖର କରି ଦେଇଛି ସବୁ ସୁଖ । ଏବେ କେବଳ ଶେଷ ଜୀବନ ବଂଚାଇବା ପାଇଁ ଚାଲିଛି ସଂଗ୍ରାମ । ସରକାରୀ ସହାୟତା ଏବେ ସମୁଦ୍ରକୁ ଶଙ୍ଖେ ପରି । ନିଜ ମା'କୁ ବଂଚାଇବା ଓ ନିଜ ପେଟ ପୋଷିବା ପାଇଁ ବାରଦୁଆରେ ଯାଇ ଶିକ୍ଷା ଦାନ କରି ଅନ୍ୟମାନଙ୍କ ଉଦାହରଣ ପାଲଟିଛନ୍ତି ଦିବ୍ୟାଙ୍ଗ ଝିଅ ଗୀତାଞ୍ଜଳୀ ମହାନ୍ତି । ବୟସ ହେଉଛି ୨୨ । ଜଣେ ଉଚ୍ଚ ଶିକ୍ଷତ ହୋଇ ମା' ଆଖିରୁ ଲୁହ ପୋଛିବା ପାଇଁ ପଦାକୁ ଆସିଛି ଦିବ୍ୟାଙ୍ଗ ଝିଅ । ଏଭଳି ଦୁଃଖଦ ପରିବାର ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ କଦମପାଳ ଗ୍ରାମର ଦୁର୍ଗା ମହାନ୍ତିଙ୍କ ପରିବାର କ୍ଷେତ୍ରରେ । ଭଗବାନ ସବୁ ସୁଖ ଛଡାଇ ନେଇଛି । ଦୁର୍ଗାଙ୍କ ପରିବାର କହିଲେ ସ୍ୱାମୀ,ଝିଅ ଆଉ ପୁଅ । ରୋଜଗାର କରିବା ଆଗରୁ ପୁଅ ୨୨ ବର୍ଷ ବୟରେ ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ପରେ ପରିବାର ବୋଝ ପଡିଲା ସ୍ୱାମୀଙ୍କ ଉପରେ । ସ୍ୱାମୀ ପ୍ରଥମେ ଧାନମଣ୍ଡଳସ୍ଥିତ କୋଣାର୍କ ଝୋଟ କଳରେ କାମ କରୁଥିଲେ । ଝୋଟ କଳ ବନ୍ଦ ହେବା ପରେ ସେ ଗାଁ ଆସି ଦିନ ମଜୁରୀଆ ଭାବେ କାମଧନ୍ଦା କଲେ । ସ୍ୱାମୀ ୬ ବର୍ଷ ହେବ ରୋଗାଗ୍ରସ୍ତ ହୋଇପଡିବା ପରେ ସବୁ ରୋଜଗାର ବନ୍ଦ ହୋଇଗଲା । ଦିବ୍ୟାଙ୍ଗ ଝିଅକୁ ପାଠ ପଢାଇବା ତାଙ୍କ ପକ୍ଷେ ଆଉ ସମ୍ଭବ ପର ହେଲା ନାହିଁ । ଘରର ପରିସ୍ଥିତିକୁ ଦେଖି ଦିବ୍ୟାଙ୍ଗ ଗୀତାଞ୍ଜଳୀ ପାଠ ପଢିବା ସାଙ୍ଗକୁ ପାଠ ପଢେଇବା ପାଇଁ ମନସ୍ଥ କରି ଘରୁ ଗୋଡ କାଢିଲେ । ଯଥାସାଧ ଘରର ଆୟ ଅନୁଯାୟୀ ମାଟ୍ରିକ ପାସ୍ ସହ ଗ୍ରାଜୁଏସନ ସାରିବା ପରେ ସେ ଏନଆଓଏସ ସିଟି କରି ପାସ୍ କଲେ । ଏବଂ ପାଠ ପଢା ସାଙ୍ଗକୁ ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷାଦାନ କଲେ ସେଥିରୁ ଯାହା ପାରିଶ୍ରମିକ ମିଳେ ଘର ଚଳେ । ୩ ବର୍ଷ ହେବ ବାପା ପେଟ ରୋଗରେ ପଡିବା ସହ କ୍ୟାନସର ରୋଗ ପିଡ଼ିତ । ଅର୍ଥ ଅଭାବ ସାଙ୍ଗକୁ ବାପାଙ୍କର ଏଭଳି ରୋଗକୁ ନେଇ ବିଚଳିତ ହୋଇପଡୁଥିଲେ ଗୀତାଞ୍ଜଳୀ । ସରକାରୀ ସହାୟତ କହିଲେ ନିଜର ଦିବ୍ୟାଙ୍ଗ ଭତା ବାବଦକୁ ୭ ଶହ ଓ ମା'ଙ୍କର ବାର୍ଦ୍ଧକ୍ୟ ଭତା ବାବଦକୁ ୫ ଶହ ଟଙ୍କା । ଏହି ଲକ୍ ଡାଉନ ସମୟରେ ସେମାନଙ୍କ ପରିବାର ଉପରେ ପଡିଲା କଳା ନଜର । କରୋନା ମହାମାରୀ ସମୟରେ ଘରୋଇ ବିଦ୍ୟାଳୟ ବନ୍ଦ ହୋଇଗଲା । ତାହା ଭିତରେ ୨ ମାସ ପୂର୍ବେ ବାପା ଆର ପାରିକୁ ଚାଲିଗଲେ । ମା'ଙ୍କୁ ୬୫ ବର୍ଷ ଅତିକ୍ରାନ୍ତ କରିଥିବା ବେଳେ ଏବେ ସେ କିଡନୀ ରୋଗରେ ଆକ୍ରାନ୍ତ । ଏହି ଭତା ବାବଦରେ ୧୨ଶହ ଟଙ୍କାରେ ଘର ଚଳିବା ସାଙ୍ଗକୁ ମା'ର ଔଷଧ ଖର୍ଚ୍ଚକୁ ନିଅଂଟ । ସବୁ ଦୁଃଖକୁ ଆଦରି ଶେଷରେ ନିଜ ପୋଟ ପୋଷିବା ସାଙ୍ଗକୁ ମା'ର ଔଷଧ ଖର୍ଚ୍ଚ ପାଇଁ ଘର ଘର ବୁଲି ୩ରୁ ୪ କିମି ଟ୍ରାଇ ସାଇକଲରେ ଯାଇ ୨ ଓଳି ଟ୍ୟୁସନ କରିବା ଆରମ୍ଭ କଲେ । ସେଥିରୁ ଯାହା ଆଣନ୍ତି ମା' ଝିଅ ଚଳନ୍ତି । ମଝିରେ ମଝିରେ ଗାଡିରେ ତାଙ୍କ ପୁତୁରା ନେବା ଆଣିବାରେ ସହଯୋଗ କରନ୍ତି । ଏବେ ଭଲ ଖାଇବା ଓ ଭଲ ପିନ୍ଧିବା ଓ ଭଲ ଘରେ ରହିବା ଏବେ ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି । ମେଧାବୀ ଛାତ୍ରୀ ହୋଇଥିବା ବେଳେ ପରିବାର ପ୍ରତିପୋଷଣ ପାଇଁ ସେ ସବୁ କିଛି କରିବାକୁ ପ୍ରସ୍ତୁତ । ଯେତେ ଦୁଃଖ କଷ୍ଟ ଆସୁ ପଛେ ଏହି ସଂସାରକୁ ଆଗକୁ ନେବାକୁ ହେବ ଏବଂ ଯଦି ସରକାର ଚାହିଁଲେ ନିଯୁକ୍ତି ଯୋଜନା ମାଧ୍ୟମରେ ତାଙ୍କୁ କେଉଁଠି ଥାଇଥାନ କରିବା ନେଇ ଶେଷ ଆଶା ରଖିବା ନେଇ କୋହ ଭରା ଆଖି ଛଳଛଳ ଲୁହରେ ଗୀତାଞ୍ଜଳୀ ପ୍ରକାଶ କରିଛନ୍ତି । ସରକାର ଚାହିଁଲେ ସବୁ ଠିକ୍ ଠାକ ହୋଇଯିବ ବୋଲି ମଧ ଆଶା ରଖିଛନ୍ତି ଏବଂ ଚାକିରୀ କରିବା ତାଙ୍କର ଶେଷ ଇଛା ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ମା'ଅଧିକ କିଛି ସରକାରୀ ସହାୟତା ସାଙ୍ଗକୁ ଝିଅକୁ କେଉଁଠି ସରକାର ରଖିବାର ବ୍ୟବସ୍ଥା କରିବାକୁ ତାଙ୍କର ଶେଷ ଜୀବନର ଇଚ୍ଛା ବୋଲି ମା' ଦୁର୍ଗା ମନରେ ଆଶା ବାନ୍ଧିଛନ୍ତି । ଏହି ଅସହାୟ ପରିବାରକୁ ତୁରନ୍ତ ସରକାରୀ ସହାୟତା ସାଙ୍ଗକୁ ମେଧାବୀ ଛାତ୍ରୀ ଦିବ୍ୟାଙ୍ଗ ଗୀତାଙ୍କୁ ସରକାରଙ୍କ ପକ୍ଷରୁ ଥଇଥାନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

# ଚଳିତ ବର୍ଷ ନିରାଡମ୍ବର ଓ କମ ଲୋକଙ୍କ ଅଂଶଗ୍ରହଣରେ ପାଳିତ ହେବ ସ୍ୱାଧିନତା ଦିବସ

କନ୍ଧମାଳ,୧୪।୮ (ନି.ପ୍ର): ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ ପ୍ରକାରେ କନ୍ଧମାଳ ଜିଲାରେ ମଧ୍ୟ ଚଳିତ ବର୍ଷ କରୋନା ସଂକ୍ରମଣକୁ ଆଖିରେ ରଖି ଚଳିତ ବର୍ଷ ସ୍ୱାଧିନତା ଦିବସ ନିରାଡମ୍ବରରେ ଏବଂ ଅତି କମ ଅଂଶଗ୍ରହଣକାରୀଙ୍କୁ ନେଇ ସ୍ୱାଧିନତା ଦିବସ ପାଳନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ଦିନ ପ୍ରତ୍ୟୁଷ ୪.୩୦ ମିନିଟ ସମୟରେ ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଫୁଲବାଣୀ ସହରରେ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ୍ ପରିବେଷଣ କରାଯିବ ଏବଂ ପରେପରେ ସହରରେ ଥିବା ମାହାପୁରୁଷ ମାନଙ୍କ ପ୍ରତିମୁର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ । ସକାଳ ୭.୩୦ ମିନିଟ ସମୟରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ଜାତୀୟ ପତାକା ଉତୋଳନ କରାଯିବ । ଏହି ଅବସରରେ କୌଣସି ଶିକ୍ଷା ଅନୁଷ୍ଠାନ ମାନଙ୍କରେ ଛାତ୍ରଛାତ୍ରୀ ମାନେ ଯୋଗ ଦେବେନାହିଁ କିମ୍ବା ଅନ୍ୟ ଅନୁଷ୍ଠାନ ମାନଙ୍କରେ କୌଣସି ବୟୋଜ୍ୟୋଷ୍ଠ ବ୍ୟକ୍ତି ବିଶେଷମାନେ ମଧ୍ୟ ଯୋଗ ଦେବେନାହିଁ । ଅଳ୍ପ ସଂଖ୍ୟକ କର୍ମଚାରୀ ମାନଙ୍କ ଉପସ୍ଥିତିରେ ସାମାଜିକ ଦୁରତା ବଜାୟ ରଖିବା ସହିତ ମାସ୍କ ପିନ୍ଧି ସମସ୍ତେ ଏଥିରେ ଭାବଗ ନେବେ । ଜିଲା ସ୍ତରୀୟ ସ୍ୱାଧିନତା ଦିବସ ପାଳନ ବେଳେ ସେହି ଦିନର ଅତିଥି ସ୍ଥନୀୟ ପୋଲିସ ପଡିଆରେ ପତାକା ଉତୋଳନ କରିବା ସହିତ ପୋଲିସ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ । ସେଠାରେ ଥିବା ସମସ୍ତ ଅତିଥିମାନେ ସେଠାରେ ସାମାଜିକ ଦୁରତା ବଜାୟ ରକ୍ଷା କରିବେ । ଚଳିତ ବର୍ଷ ଏହି ଉତ୍ସବରେ ମାର୍ଚ୍ଚପାଷ୍ଟ କରାଯିବନାହିଁ । କେବଳ ନିର୍ଦ୍ଧାରିତ ପୋଲିସ ବାହୀନି ଦ୍ୱାରା ଜାତୀୟ ପତାକାକୁ ଅଭିବାଦନ ପ୍ରଦାନ କରାଯିବ । ଜିଲ୍ଲା ପ୍ରଶାସନ ତରଫରୁ ସେହି ଦିନରେ କେବଳ ୫୦ରୁ ୭୫ ଜଣ ଅତିଥିଙ୍କୁ ନିମନ୍ତ୍ରଣ କରାଯିବାର ବ୍ୟବସ୍ଥା ଥିବା ନେଇ ଜିଲ୍ଲା ପ୍ରଶାସନ ତରଫରୁ ସୁଚନା ପ୍ରଦାନ କରାଯାଇଛି । ପୁର୍ବ ବର୍ଷ ମାନଙ୍କ ପରି ଚଳିତ ବର୍ଷ ପଡିଆରେ କୌଣସି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କିମ୍ବା ରକ୍ତଦାନ ଶିବିର ସମରତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଅନୁମତି ପ୍ରଶାସନ ପ୍ରଦାନ କରିନଥିବା ଜଣାପଡିଛି ।

# ଆଖଣ୍ଡଳମଣିଙ୍କ ପୀଠରେ ଜନ୍ମାଷ୍ଟମୀ ନିଆରା ଭାବେ ପାଳିତ

**ମଧରାତ୍ରରେ ସମ୍ପନ୍ନ ହେଲା କଂସ ମହିପାଳନୀତି : ଶ୍ରୀକୃଷ୍ଣଙ୍କୁ ବାଟ ଓଗାଳିଲେ ଉଗ୍ରେସନ**

ଭଦ୍ରକ, ୧୪/୮ (ହି.ସ.) -ପ୍ରସିଦ୍ଧ ଶୈବକ୍ଷେତ୍ର ଆରଡିଧାମ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଗତ ମଙ୍ଗଳବାର ନିଆରା ଭାବେ ପାଳିତ ହୋଇଯାଇଛି ପବିତ୍ର ଜନ୍ମାଷ୍ଟମୀ ନୀତି । ଚଳିତବର୍ଷ ମହାମାରୀ କରୋନା ନିମନ୍ତେ କଟକଣା ଜାରି ହୋଇଥିବାରୁ ସେବାୟତମାନେ ସାମାଜିକ ଦୂରତା ରକ୍ଷା କରି ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ । ପୀଠର ଶତାଧିକ ବର୍ଷର ପରମ୍ପରା ଓ ରୀତିନୀତି ଅନୁଯାୟୀ ମଧ୍ୟ ରାତ୍ରରେ ଭଗବାନ ଶ୍ରୀକୃଷ୍ଣ ଜନ୍ମଗ୍ରହଣ କରିବା ପରେ ଅନୁଷ୍ଠିତ ହୋଇଯାଇଥିଲା କଂସ ମହିପାଳ ନୀତି । ଏହି ନୀତ ପ୍ରାରମ୍ଭରୁ ନିଧି ପାଢୀ ସାହି ସ୍ଥିତ ଭଗବାନ ଶ୍ରୀକୃଷ୍ଣଙ୍କ ପୂଜା ମଣ୍ଡପରେ ଭୋର ୫ଟାରେ ରୀତିନୀତି ଅନୁଯାୟୀ ଦ୍ୱାରଫିଟା, ମଙ୍ଗଳଆଳତୀ, ମହାସ୍ନାନ, ଘଟସ୍ଥାପନ, ଦ୍ୱାରାପାଳ ପୂଜା, ଷୋଡଶ ଉପଚାର ନୀତିକାନ୍ତି ସରିବା ପରେ ସଂଧ୍ୟା ଠାରୁ ମଧ୍ୟ ରାତ୍ର ପର୍ଯ୍ୟନ୍ତ ଖଣ୍ଡିକିଆ ହରିବଂଶ ପୁରାଣ ପଠନ କରାଯାଇଥିଲା । ରାତ୍ର ୧୨ଟାରେ ଅର୍ଥାତ ପୂରାଣ ବର୍ଣ୍ଣିତ ଅନୁଯାୟୀ ମଧରାତ୍ରରେ ଶ୍ରୀକୃଷ୍ଣ ଜନ୍ମଗ୍ରହଣ କରିବା ପରେ ଘଂଟା, କିର୍ତନ,ଛତ୍ର,ଆଲଟ, ଚାମର ଆଦିରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଏକ ବିରାଟ ପଟୁଆର ସହ ବସୁଦେବ ସାଜିଥିବା ଶୁସାନ୍ତ ତ୍ରିପାଠୀ ଆଖଣ୍ଡଳମଣିଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ପୂର୍ବରୁ ମନ୍ଦିର ବେଢା ଦ୍ୱାର ନିକଟରେ ଜଗି ରହିଥିବା କାହ୍ନା ମିଶ୍ର ଉଗ୍ରେସନ ଭାବେ ଭଗବାନ ଶ୍ରୀକୃଷ୍ଣଙ୍କୁ ବାଟ ଓଗାଳିଥିଲେ । ଏପରିକି ଭଗବାନଙ୍କ ପରିଚୟ ରାଜା ଉଗ୍ରେସନ ପାଇବା ପରେ ଆଜ୍ଞାମାଳ ପ୍ରାପ୍ତ କରି ବାଟ ଛାଡିଥିଲେ । ଏହି କଂସ ମହିପାଳ ନୀତିକାନ୍ତି ସାରା ରାଜ୍ୟରେ ପାଳିତ ହେଉଥିବା ଜନ୍ମାଷ୍ଟମୀ ଠାରୁ ସ୍ୱତନ୍ତ୍ର ଓ ନିଆରା ବୋଲି ମନ୍ଦିରର ବରିଷ୍ଠ ସେବାୟତ ଗୋକୁଳା ନନ୍ଦ ପାଢୀ, ସୀତାନାଥ ପାଢୀ, ଶୁସାନ୍ତ ତ୍ରିପାଠୀ, ଗୋପାଳକୃଷ୍ଣ ପାଢୀ ପ୍ରମୁଖ ପ୍ରକାଶ କରିଛନ୍ତି । ଏପରିକି ଜନ୍ମାଷ୍ଟମୀ ନୀତିକାନ୍ତି ବାବା ଆଖଣ୍ଡଳମଣିଙ୍କ ନୀତିକାନ୍ତି ସହ ଜଡିତ ରହୁଥିବାରୁ ମନ୍ଦିର ନୀତିକାନ୍ତି ଅନୁଯାୟୀ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ । ସେହିପରି ପୀଠର ବଡପଣ୍ଡା ସାହି , ମହାକାଳିମନ୍ଦିର, ଜଗନ୍ନାଥ ମନ୍ଦିର, ଧନି ପାଢୀ ସାହି, ରସିକ ନାଗର ମନ୍ଦିର, ମଠଡିହ ପତିତପାବନ ମନ୍ଦିର ସମେତ ଦୋହରାପାଟଣା, ସୁନ୍ଦରପୁର, ବାତୋଳ, ସିଂଗିପୁର, ଭୂଇଁପୁର ଆଦି ସମସ୍ତ ସ୍ଥାନରେ ଜାକଜମକର ସହ ପାଳିତ ହୋଇଯାଇଛି ଜନ୍ମାଷ୍ଟମୀ ନୀତିକାନ୍ତି ।

## ଶ୍ରୀପଦ ୟେସୋ ନାୟକଙ୍କ ଆଶୁ ଆରୋଗ୍ୟ କାମନା କଲେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ

ନୂଆଦିଲ୍ଲୀ,୧୪।୮ (ନି.ପ୍ର): କେନ୍ଦ୍ର ଆୟୁଷ ମନ୍ତ୍ରୀ ଶ୍ରୀପଦ ୟେସୋ ନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ଶ୍ରୀ ଷଡଙ୍ଗୀ ଟ୍ୱିଟ କରି କହିଛନ୍ତି ଯେ ଆୟୁଷ ମନ୍ତ୍ରୀ ଶ୍ରୀପଦ ୟେସୋ ନାୟକ କରୋନା ପଜିଟିଭ ହୋଇଥିବା ସମ୍ପର୍କରେ ସେ ଜାଣିବାକୁ ପାଇଛନ୍ତି ତଥା ସେ ଘରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ଆଶୁଆରୋଗ୍ୟ କାମନା କରିବା ସହ ଶ୍ରୀ ଷଡଙ୍ଗୀ ଶ୍ରୀ ନାୟକଙ୍କ ଉତମ ସ୍ୱାସ୍ଥ୍ୟ ପାଇଁ ମହା ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

# ଉଇସଡମ୍ ହାୟାର ସେକେଣ୍ଡାରୀ ସ୍କୁଲରେ ଯୁକ୍ତଦୁଇ ବିଜ୍ଞାନ କୃତୀଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୧୪।୮ (ନି.ପ୍ର): ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଉଇସଡମ୍ ସିନିୟର ହାୟାର ସେକେଣ୍ଡାରୀ ସ୍କୁଲର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଆଜି ସମ୍ବର୍ଦ୍ଧିତ କରାଯାଇଛି । ଏନେଇ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ସ୍ମିତାଦେବୀ ଘଡ଼େଇ, ଅଧ୍ୟକ୍ଷ ଶାନ୍ତିଭୂଷଣ ନାୟକ, ଏଡମିନ୍ଷ୍ଟ୍ରେଟର ସଂଜୟ କୁମାର ସେନାପତି, ପରିଚାଳନା କମିଟି ସଦସ୍ୟା ଜ୍ୟୋତିର୍ମୟୀ ଶତପଥୀ ପ୍ରମୁଖ ଯୋଗଦେଇ ଯୁକ୍ତଦୁଇ ପରୀକ୍ଷାରେ କୃତିତ୍ୱର ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ । ଏହି ଅବସରରେ ଯୁକ୍ତଦୁଇ ପରୀକ୍ଷାରେ ୯୧.୧୭ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଶିକ୍ଷାନୁଷ୍ଠାନର ଶ୍ରେଷ୍ଠ ଛାତ୍ରୀ ମନୀଷା କରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ନିଜର ସଫଳତାର ଶ୍ରେୟ ସେ ପିତାମାତା, ଉଇସଡମ ହାୟାର ସେକେଣ୍ଡାରୀ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେବା ସହ ଭବିଷ୍ୟତରେ ଜଣେ ସଫଳ ଡାକ୍ତର ହୋଇ ଜନସେବା ପାଇଁ ଲକ୍ଷ୍ୟ ରଖିଥିବା ମନୀଷା କହିଛନ୍ତି । ତେବେ ଏହି ବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀ ଅନ୍ୟ ଅନୁଷ୍ଠାନଠାରୁ ଭନ୍ନ ହୋଇଥିବା କର୍ମକର୍ତ୍ତାମାନେ କହିଛନ୍ତି । ଏଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶ୍ରେଷ୍ଠ ୩୦ ଜଣଙ୍କୁ ବଛାଯାଇ ସୁପ୍ରସିଦ୍ଧ ସୁପର-୩୦ ମଡେଲରେ ଶିକ୍ଷାଦାନ ଦିଆଯାଉଥିବାରୁ ଉଇସଡମର ସଫଳତା ହାର ବେଶ୍ ଅଧିକ ବୋଲି ଏଡମିନ୍ଷ୍ଟ୍ରେଟର ଶ୍ରୀ ସେନାପତି କହିଛନ୍ତି । ଏହି ବିଦ୍ୟାଳୟରେ ଗୁରୁଶିଷ୍ୟଙ୍କ ସମ୍ପର୍କ ସହ ଛାତ୍ରଛାତ୍ରୀଙ୍କ ଆଗ୍ରହ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ଉଇସଡମକୁ ଅଧିକ ସଫଳତା ଆଣିଦେଇଛି ବୋଲି ପରିଚାଳନା କମିଟି ସଦସ୍ୟା ଶ୍ରୀମତୀ ଶତପଥୀ କହିଛନ୍ତି । ଚଳିତ ବର୍ଷ ଉଇସଡମରୁ ମୋଟ ୨୧୨ ଜଣ ଯୁକ୍ତଦୁି ବିଜ୍ଞାନ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୨୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୬୦ ଜଣ ଓ ତୃତୀୟ ଶ୍ରେଣୀରେ ୩୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ତେବେ ସେମାନଙ୍କ ମଧ୍ୟରୁ ମନୀଷା କର ୫୪୭ ନମ୍ବର ରଖିଥିବା ବେଳେ ୮ ଜଣ ୮୫ ପ୍ରତିଶତରୁ ଅଧିକ ଓ ୪୦ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା କଲେଜର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି

୧୫ ଅଗଷ୍ଟ ୨୦୨୦
ବାଲେଶ୍ୱର

୩

# ସ୍ୱାଧୀନତା ଦିବସ ବିଶେଷାଙ୍କ-୨୦୨୦

## ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ

**ଶ୍ରୀ ବିଧାନଚନ୍ଦ୍ର ରାୟ**

ଭାରତକୁ ସ୍ୱାଧୀନ କରିବା ପାଇଁ ସାଧାରଣତଃ ତିନୋଟି ପର୍ଯ୍ୟାୟରେ ଆନ୍ଦୋଳନ କରାଯାଇଛି। ୧୯୨୧ ମସିହାରେ ଇଂରେଜମାନଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ଅସହଯୋଗ କରିବା ନିମିତ୍ତ ଯେଉଁ ଆନ୍ଦୋଳନ ମହାତ୍ମାଗାନ୍ଧୀଙ୍କ ଦ୍ୱାରା କରାଯାଇଥିବା ତାହାକୁ ଅସହଯୋଗ ଆନ୍ଦୋଳନ ବୋଲି କୁହାଯାଇଥିଲା। ୧୯୩୦ ମସିହାରେ ଦାଣ୍ଡିଠାରେ ମହାତ୍ମାଗାନ୍ଧୀ ହଜାର ହଜାର ସତ୍ୟାଗ୍ରହୀମାନଙ୍କୁ ନେଇ ଲୁଣ ମାରିଥିବାରୁ ତାହାକୁ ଲବଣ ସତ୍ୟାଗ୍ରହ ବୋଲି କୁହାଯାଉଥିଲା। ୧୯୩୨ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନ ଓ ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନ ମାଧ୍ୟମରେ ଦୁଇଶହ ବର୍ଷଧରି ଭାରତବର୍ଷକୁ ଶାସନ କରି ଆସୁଥିବା ଇଂରେଜମାନଙ୍କୁ ତଡିବାପାଇଁ ବ୍ୟବସ୍ଥା କରାଯାଇଥିଲା। ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ ସମୟରେ ବିଦେଶୀ ଜିନିଷ ବର୍ଜନ, ସ୍ୱଦେଶୀ ଦ୍ରବ୍ୟ ପ୍ରଚଳନ, ଅରଟରେ ସୂତା କାଟି ତନ୍ତରେ ଲୁଗାବୁଣି ଖଦଡ଼ ଖଦୀ ବସ୍ତ୍ର ପରିଧାନ କରିବା ପାଇଁ ସ୍ୱଦେଶୀ ଆନ୍ଦୋଳନ, ଦେଶରୁ ମଦ, ଅଫିମ, ଗଞ୍ଜେଇ ଭଳି ନିଶା ଦ୍ରବ୍ୟକୁ ବନ୍ଦ କରିବା ନିମନ୍ତେ ଯେଉଁ ଆନ୍ଦୋଳନ କରାଯାଇଥିଲା ତାହାକୁ ନିଶାବାରଣ ଆନ୍ଦୋଳନ ନାମରେ ନାମିତ କରାଯାଇଥିଲା। ଏହା ବ୍ୟତିତ ବିହାରରେ ନୀଳ ଚାଷୀଙ୍କ ଉପରେ ଟେକ୍ସ ବସାଯାଇଥିବାରୁ ତାହାର ପ୍ରତ୍ୟାହାର ପାଇଁ ଆନ୍ଦୋଳନ, ଚୁକ୍ତି ଟେକ୍ସ ବିରୋଧରେ ଆନ୍ଦୋଳନ ମହାତ୍ମାଗାନ୍ଧୀଙ୍କ ନିର୍ଦ୍ଦେଶରେ ହିଁ କରାଯାଇଥିଲା। ଭାରତର ଅଗଣିତ ଜନତା ସ୍ୱତଃସ୍ପୃତ ଭାବରେ ଆନ୍ଦୋଳନରେ ଯୋଗଦାନ କରି ସ୍ୱାଧିନତା ଆନ୍ଦେଳନକୁ ଉଜ୍ଜିବିତ କରିଥିଲେ। ୧୯୪୧ ମସିହାରେ ଦ୍ୱିତୀୟ ବିଶ୍ୱ ଯୁଦ୍ଧକୁ ବିରୋଧ କରି ଇଂରେଜ ମାନଙ୍କୁ କୌଣସି ପ୍ରକାର ସାହାର୍ଯ୍ୟ ନକରିବା ପାଇଁ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ କରାଯାଇଥିଲା। ଏହା ଆରମ୍ଭ ହୋଇଥିଲା ୧୯୪୨ ମସିହାରେ ଭାରତର ସର୍ବଶେଷ ଭାରତଛାଡ଼ ଆନ୍ଦୋଳନ କରାଯାଇ ସେଥିରେ 'କର ଆଉ ମର' ନୀତିକୁ ଗୁରୁତ୍ୱ ଦିଆଯାଇଥିଲା। ଫଳରେ ବାଧ ହୋଇ ଇଂରେଜମାନେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତକୁ ସ୍ୱାଧନତା ପ୍ରଦାନ କରି ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀଙ୍କର ସାତଗୋଟି ନୀତି ଥିଲା ଯଥା -(୧) ନୀତି ବିହିନ ରାଜନୀତି (୨) କର୍ମ ବିହୀନ ସମ୍ପଦ (୩) ବିବେକ ବିହୀନ ସୁଖ (୪) ଚରିତ୍ର ବିହୀନ ଜ୍ଞାନ (୫) ନୈତିକତା ବିହୀନ ବ୍ୟବସାୟ (୬) ମାନବିକତା ବିହୀନ ବିଜ୍ଞାନ (୭) ତ୍ୟାଗ ବିହୀନ ସାଧନା। ଗାନ୍ଧିଜୀ ସର୍ବଦା ସତ୍ୟ, ଅହିଂସା, ନ୍ୟାୟକୁ ତାଙ୍କର ଆନ୍ଦୋଳନର ମୁଖ୍ୟ ଆଧାର ରୂପେ ରଖିଥିଲେ। ସେ ଟିକିଏ ହିଂସା ଦେଖିଲେ ସଙ୍ଗେ ସଙ୍ଗେ ଅନଶନ ଆରମ୍ଭ କରି ଦେଉଥିଲେ।



ତାଙ୍କର ନିର୍ଦ୍ଦେଶରେ ଓ ଆହ୍ୱାନ ଦେଶର ପ୍ରତ୍ୟେକ ନାଗରିକ ବିନା ଦ୍ୱିଧାରେ ପାଳନ କରୁଥିଲେ। ସେଥିପାଇଁ ସେ ଯେତେବେଳେ ଇଂରେଜ ବିରୁଦ୍ଧରେ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଉଥିଲେ। ସେତେବେଳେ ବହୁବ୍ୟକ୍ତି ସରକାରୀ ଚାକିରୀ ପରିତ୍ୟାଗ କରି, ଛାତ୍ରଛାତ୍ରୀମାନେ ସ୍କୁଲ, କଲେଜ ପରିତ୍ୟାଗ କରି ସ୍ୱତଃସ୍ପୃତ ଭାବରେ ପ୍ରତ୍ୟେକ ଶ୍ରେଣୀରେ ବ୍ୟକ୍ତି ଆନ୍ଦୋଳନରେ ଝାସଦେଇ କାରାବରଣ କରିବା ସହିତ ଶାରିରୀକ ଅତ୍ୟାଚାର ମଧ ସହ୍ୟ କରିଥିଲେ। ଓ ଅନେକ ସ୍ୱାଧୀନତା ସଂଗ୍ରାମ ମାନେ ହସିହସି ଫାଶୀ ଖୁଣ୍ଟକୁ ଆଦରି ନେଇଥିଲେ। ସେମାନଙ୍କର ତ୍ୟାଗ ବଳରେ ଭାରତ ଆଜି ସ୍ୱାଧୀନତା ଲାଭ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ମହାତ୍ମାଗାନ୍ଧୀଙ୍କର ଏକାଦଶବ୍ରତ ତାଙ୍କର ଅନୁଗାମୀ ମାନଙ୍କୁ ଖୁବ୍ ପ୍ରଭାବିତ କରିଥିଲେ। ତାଙ୍କର ଏକାଦଶବ୍ରତ ହେଉଛି ଯଥା (୧) ସତ୍ୟ (୨) ଅହିଂସା (୩) ଅସ୍ତେୟ (୪) ବ୍ରହ୍ମଚର୍ଯ୍ୟ (୫) ଅସଂଗ୍ରହ (୬) ଶରୀରର ଶ୍ରମ (୭) ଅପରିଗ୍ରହ (୮) ଅସ୍ୱାଦ (୯) ସର୍ବତ୍ର ଭୟ ବର୍ଜନ (୧୦) ସଚ୍ଚ ଧର୍ମ ସମାନତ୍ୱ (୧୧) ସ୍ୱଦେଶୀ ସ୍ପର୍ଶ ଭାବନା। ଏହି ନିୟମ ଗୁଡ଼ିକ ନିଷ୍ଠା ପର ଭାବରେ ପାଳନ କରିବା ନିମନ୍ତେ ଗାନ୍ଧିଜୀ ପ୍ରତ୍ୟେକ ଦେଶ ଗୁଡିକୁ ଆହ୍ୱାନ ଜଣାଇଥିଲେ।ଭାରତ ବର୍ଷର ଭାରତ ଛାଡ଼ ଆନ୍ଦୋଳନର ପ୍ରଭାବ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ଭାବରେ ପରିବ୍ୟାପ୍ତ ପ୍ରସାର ହେବା ଫଳରେ ମହାତ୍ମାଗାନ୍ଧିଜୀଙ୍କର ଅହିଂସା ନୀତି ବଦଳରେ ହିଂସାର ପ୍ରଭାବ ଅଧିକ ଭାବରେ ପରିଲକ୍ଷିତ ହେଲା। ଅନେକ ସ୍ଥାନରେ ପୋଲିସଙ୍କର ଜୁଲମରୁ ରକ୍ଷା ପାଇଁ ଥାନା ପୋଡି। ସରକାରୀ କାର୍ଯ୍ୟାଳୟ ପୋଡି ଆରମ୍ଭ ହୋଇଯାଇଥିଲା। ଏହାଦ୍ୱାରା ପୋଲିସ ତରଫରୁ ଆନ୍ଦୋଳନକାରୀ ମାନଙ୍କୁ ଦମନ କରିବା ପାଇଁ ଆଖିବୁଜା ଗୁଳି ଚାଳନା କରିବା ଯୋଗୁ ବହୁ ନିରୀହ ଜନସାଧାରଣ ମୃତାହତ ହେଲେ। ଅନେକ ଆନ୍ଦୋଳନକାରୀ ଜେଲ ବରଣ କଲେ ଓ ଅନେକ ମଧ ହସି ହସି ଫାଶୀ ଖୁଣ୍ଟକୁ ଆଦରି ନେଲେ।

ଏହି ସୁଯୋଗ ନେଇ ନେତାଜୀ ସୁବାଷବୋଷ ମଧ ଇଂରେଜ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ଆଣ୍ଡାମାନ-ନିକବରରେ ଦୁଇଟି ଦ୍ୱିପକୁ ଦଖଲ କରି ୧୯୪୫ ମସିହାରେ ତାହାର ନାମ ଶହୀଦ ଓ ସ୍ୱରାଜ୍ୟ ନାମରେ ନାମିତ କଲେ ଏବଂ ନୂତନ ଉତ୍ସାହ ଏବଂ ପ୍ରେରଣା ଦେଇ ଦିଲ୍ଲୀ ଚଲ୍ଲୋ, ବନ୍ଦେ ମାତରମ୍, ଖୁନ୍‌କୀ ବଦ୍‌ଲା ଖୁନ୍, ଆଜାଦ୍‌ହିନ୍ଦ-ଜିନ୍ଦାବାଦ ସ୍ଲୋଗାନ୍ ଦେଇ ଆସାମର ବୋହିମୀ ପର୍ଯ୍ୟନ୍ତ ମାଡିଆସିଲେ। ଇଂରେଜ ସରକାର ଦେଖିଲେ ମହାତ୍ମାଗାନ୍ଧୀଙ୍କର ଭାରତଛାଡ଼ ଆନ୍ଦୋଳନ ଓ ନେତାଜୀ ସୁବାଷଙ୍କର ବୀର ଦର୍ପରେ ଦିଲ୍ଲୀ ଚଲ୍ଲୋ ଅଭିଯାନର ଭୟଭିତହୋଇ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଅଟଲି ଲର୍ଡ ମାଉଣ୍ଟ ବେଡଟନଙ୍କୁ ଭାରତର ବଡ଼ଲାଟ କରି ପଠାଇଲେ ଏବଂ ଭାରତର ସ୍ୱାଧୀନତା ପାଇଁ ନୂତନ ଖସଡ଼ା ତିଆରି କରି ଇଂଲଣ୍ଡକୁ ପଠାଇବାକୁ ନିର୍ଦ୍ଦେଶ ଦେଲେ। ଫଳରେ ଲର୍ଡ ମାଉଣ୍ଟ ବେଡଟନଙ୍କର ଶାନ୍ତିପୂର୍ଣ୍ଣ ଆଲୋଚନାରେ ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହରଲାଲ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସାମିଲ ଥିବା ବେଳେ ମୁସଲିମଜିନ୍ନା ଭାରତକୁ ଭାଗ ଭାଗ କରି ମୁସଲମାନ୍ ଅଞ୍ଚଳକୁ ନେଇ 'ପାକିସ୍ଥାନ' ଗଠନ କରିବା ପାଇଁ ଜିଦ୍ ଧରି ବସିଲେ। ତେଣୁ ବାଧ ହୋଇ ଲର୍ଡ ମାଉଣ୍ଟ ବେଟେନ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ମଧରାତ୍ରରେ ଭାରତ ଓ ପାକିସ୍ଥାନ ନାମରେ ଦୁଇଟି ଦେଶ ଗଠନ କରି ସ୍ୱାଧୀନତା ପ୍ରଦାନ କରିଥିଲେ। ତେଣୁ ସେହି ଦିନଠାରୁ ଅଗଷ୍ଟ ୧୫ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପ୍ରତିବର୍ଷ ପାଳନ କରି ଆସୁଅଛୁ।



## ନବ୍ୟ ଆଧୁନିକ ମଠ (ଚାହାଭାଟି)

**ଡ. କୃଷ୍ଣ ନନ୍ଦ ଗିରି**

ଗାଁ ମୁଣ୍ଡ ଚାହାଭାଟୀ
ଜଗତ ଯାକର ଖଟି ॥
ଖଟି ନୁହେଁ ସେ'ତ ମଠ
ଭୋଟବାଲାଙ୍କ ପୀଠ ॥
ମଠାଧୀଶ ଶିରିଫଳ ।
ଭିରତଟା ମହାକାଳ ॥
ଘରଭଙ୍ଗା ରାଜନୀତି ।
ଚେଲାଙ୍କୁ ଶିଖାନ୍ତି ନିତି ॥
ମଠ ଦ୍ୱାର ସଦା ଖୋଲା ।
କୁଜିନେତା ଠେଲା ପେଲା ॥
ବେକାର ଟୋକାଙ୍କ ମେଳ ।
ସେଠାରେ କରନ୍ତି ଖେଳ ॥
ଦିଆନିଆ ପ୍ରିୟା ପ୍ରୀତି ।
ଘରବୁଡ଼ା ରାଜନୀତି ॥
ସକଳ ନେତାଙ୍କ ଗୁଣ ।
ନିତି କାଢ଼ନ୍ତି ଖୁଣ ॥
ପାଇଗଲେ ମୋଟା ଥାଳି ।
ଦେଉଥା'ନ୍ତି କରତାଳି ॥
ଇନ୍ଦିରା ଆବାସ ଗୃହ ।
ବାର୍ଦ୍ଧକ୍ୟ ଭତ୍ତାର ମୋହ ॥
ବୁଢ଼ାବୁଢ଼ୀଙ୍କ ଭରସା ।
ସତେ ଯିବ ଦୁରୁଦଶା ॥
ମିଛ କଥା ସତ ମଣି ।
ଦିଅନ୍ତି ପଇସା ଗଣି ॥
ଟୋକା ଟୋକି ପ୍ରେମଲୀଳା
ଭଙ୍ଗା ଗଢ଼ା ଲୀଳା ଖେଳା ॥
ସବୁରି ଭରସା ଦାତା ।
ପାଇଗଲେ କିଳାପୋତା ॥
ଛାଡ଼ି ଭାଗବତ ଗାଦି ।
ଜପା ଚାହାଭାଟୀ ମାଳୀ ॥
କଳିଯୁଗ ପୁଣ୍ୟପୀଠ ।
ନବ୍ୟ ଆଧୁନିକ ମଠ ॥

+ବାଲେଶ୍ୱର

## ଆମେ କ'ଣ ସତରେ ସ୍ୱାଧୀନ !



**ଇଂ. ବିଦ୍ୟାଧର ପଣ୍ଡା**

ଆମେ କ'ଣ ସତରେ ସ୍ୱାଧୀନ! ପଡୋଶୀ ଶତ୍ରୁଦେଶ ଉପରେ ବି ବେଳେବେଳେ ଆମେ ବହୁତ ଜିନିଷପାଇଁ ନିର୍ଭର କରୁଛେ। ଏତେବର୍ଷ ପରେ ଆମଦେଶର ପ୍ରଧାନମନ୍ତ୍ରୀ ଘୋଷଣା କଲେ ଯେ ଆତ୍ମନିର୍ଭର ଭାରତ ଆମର ଆଗାମୀ ଦିନର ଲକ୍ଷ। ସ୍ୱାଧନତାର ଏତେବର୍ଷ ପରେ ଆମେ ଯଦି ନିଜେ ଖାଇବା ପାଇଁ, ପିନ୍ଧିବାପାଇଁ ଏବଂ ରହିବାପାଇଁ ବିଦେଶ ଉପରେ ନିର୍ଭର ତେବେ ଆମେ ସ୍ୱାଧୀନ କିପରି! ତଥାପି ଏହି ଆଂଶିକ ସ୍ୱାଧୀନତାକୁ ଆମେ ପ୍ରତିବର୍ଷ ବହୁଆଡମ୍ବରରେ ପାଳନ କରିଆସୁଛେ। କିନ୍ତୁ ଆମର ଆସନ୍ତା ଚଉସ୍ତରିତମ ସ୍ୱାଧୀନତା ଦିବସ ଅଗଷ୍ଟ ୧୫, ୨୦୨୦ ପ୍ରଥମ ହେବ ଯାହାକି କରୋନା ଭୂତାଣୁ ପାଇଁ ନିରାଡମ୍ବର ଭାବରେ ପାଳନ କରାଯିବ। ସୀମିତ ଅତିଥି ଏବଂ ସାମାଜିକ ଦୂରତାରକ୍ଷା କରିବା ପାଇଁ ସୀମିତ ଦର୍ଶକମାନଙ୍କ ଉପସ୍ଥିତିରେ ଲାଲ୍‌କିଲ୍ଲାରେ ତ୍ରୀରଙ୍ଗା ଉଡିବ। ଅନେକଙ୍କ ମନରେ ପ୍ରଶ୍ନ ଆସେ ଅଗଷ୍ଟ ମାସର ୧୫ତାରିଖକୁ କାହିଁକି ସ୍ୱାଧୀନତା ଦିବସରପେ ଚୟନ କରାଗଲା ? କାରଣ ଏହା ବହୁତ ଦିନଧରି ବ୍ରିଟିଶପ୍ରତିନିଧିଙ୍କ ସହ ବାରମ୍ବାର ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ସୁଚିନ୍ତିତ ଦିବସଟିଏ ଧାର୍ଯ୍ୟ କରାଯାଇଥିଲା। ପ୍ରକୃତ ତଥ୍ୟ ଜାଣିଲେ ଆମର କିଛି ଦେଶପ୍ରେମୀଙ୍କୁ ନିଷ୍ଚୟ କଷ୍ଟହେବ। ଆମଦେଶର ସ୍ୱାଧୀନତା ଦିବସ ଆମପାଇଁ ଶୁଭ କି ଅଶୁଭ ସେତେବେଳେ ଦେଖାନଯାଇ ବ୍ରିଟିଶ୍‌ଙ୍କ ପାଇଁ ଶୁଭଦିନଟିକୁ ବଛା ଯାଇଥିଲା। ୧୯୪୫ମସିହା ଅଗଷ୍ଟ ୧୫ ତାରିଖରେ ଜାପାନର ସୈନିକମାନେ ବ୍ରିଟିଶସେନା ଆଗରେ ସମର୍ପଣ କରିଥିଲେ ଏବଂ ବ୍ରିଟିଶ୍ ବିଜୟ ଘୋଷଣା କରିଥିଲା। ତେଣୁ ବ୍ରିଟିଶ ସରକାର ପାଇଁ ଏହି ଅଗଷ୍ଟ ୧୫ଦିନଟି ଶୁଭ ହୋଇଥିବାରୁ ଲର୍ଡ ମାଉଁଟବେଟନ୍ ଭାରତକୁ ଦୁଇଭାଗରେ ବିଭକ୍ତ କରି ଏହି ଦିନଟିରେ ସ୍ୱାଧୀନତା ଦେବାକୁ ସହମତି ପ୍ରକାଶ କରିଥିଲେ। ତେଣୁ ସେହି ବ୍ରିଟିଶ୍ ଅଧିକାରୀଙ୍କ ଇଚ୍ଛାକୁ ସମ୍ମାନ ଦେଇ ୧୯୪୭ ଅଗଷ୍ଟ ୧୫ତାରିଖ ଦିନଟିକୁ ଆମର ସ୍ୱାଧୀନତା ଦିବସରପେ ଗ୍ରହଣକରି ଆମ୍ଭେମାନେ ସେହିଠାରୁ ପ୍ରତିବର୍ଷ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଆସୁଛୁ। ପ୍ରଥମେ ୧୯୨୯ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଏହି ଦିବସର ମୂଳଦୁଆ ପକାଇ ଭାରତକୁ ନ୍ତପୂର୍ଣ୍ଣ ସ୍ୱରାଜନ୍ତ ବା ନ୍ତସମ୍ପୂର୍ଣ୍ଣ ସ୍ୱାଧୀନତାନ୍ତ ଲାହୋର ସଭାରେ ଘୋଷଣା କଲା। ସେହିଦିନଠାରୁ ନିରବଚ୍ଛିନ୍ନ ଭାବରେ ସଭା ସମିତି ଆନ୍ଦୋଳନ ଆଦି ଏମିତି ଚାଲିଲା ଯେ ପ୍ରତ୍ୟେକ ଭାଇସ୍‌ରାୟ୍ ଭରତରେ ବହୁତ ଜନ ଅସନ୍ତୋଷକୁ ସାମ୍ନା କରିବାକୁ ପଡିଲା। ଜାଗା ଜାଗାରେ ହିଂସାତ୍ମକ ଆନ୍ଦୋଳନମାନ ମୁଣ୍ଡ ଟେକିଲା। ଶେଷରେ ଶେଷ ଭାଇସ୍‌ରାୟ୍ ଲର୍ଡ ମାଉଁଟବେଟନ୍ ପରିସ୍ଥିତି ଅସମ୍ଭାଳ ହେବାକୁ ଯାଉଥବା ଲକ୍ଷ୍ୟକରି ଭାରତକୁ ସ୍ୱାଧୀନତା ଦେବାକୁ ରାଣୀଙ୍କ ପାଖକୁ ସୁପାରିସପତ୍ର ଲେଖିବାକୁ ବାଧହେଲେ। ବହୁ ପ୍ରତିକ୍ଷିତ ଦିନଟି ଆସିଲା। ଜବାହାର ଲାଲ୍ ନେହେରୁ ରେଡ୍‌ଫୋର୍ଟରେ ତ୍ରୀରଙ୍ଗା ଲହରାଇଲେ। ରେଡ୍‌ଫୋର୍ଟ ପସନ୍ଦକରିବା ପଛରେ ବି ବହୁତ କାରଣ ରହିଛି। ଏହା ୨୫୫ଏକର ଜାଗାରେ ଏକାଧିକ ଧର୍ମାବଲମ୍ବୀଙ୍କ ସାଙ୍କେତିକ ସ୍ମାରକୀ ଭାବରେ ଏପରି ଏକ ବିରଟକାୟ କିଲ୍ଲା କୌଣସିଜାଗାରେ ନାହିଁ। ଲାଲ୍‌ରଙ୍ଗର ବାଲିପଥରରେ ନିର୍ମିତ ଅଢେଇ କିଲୋମିଟର ପ୍ରାଚିର ସହ କିଲ୍ଲାର ଅନେକାଂଶ ଭିତରଭାଗ ମଧ ଏହି ପଥରରେ ଗଢା। ବାକି ସବୁ ଶଙ୍ଖମଲ୍ଲମଲ୍ଲ ପଥରରେ ଗଢା ଯାଇଛି। ପ୍ରତିବର୍ଷ ଦେଶର ପ୍ରଧାନମନ୍ତ୍ରୀ ଲାଲ୍‌କିଲ୍ଲାରୁ ତ୍ରୀରଙ୍ଗା ଉଡାଇ ଦେଶକୁ ସମ୍ବୋଧନ କରନ୍ତି। ଏହି ସମାରୋହରେ କୌଣସି ଏକ ବିକଶିତ ଦେଶର ମୁଖିଆଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ କରାଯାଏ। କିନ୍ତୁ ଏଥର କୋଭିଡ଼ ୧୯ପାଇଁ ପୂର୍ବବର୍ଷ ପରି ସେମିତି କେହି ମାନ୍ୟଗନ୍ୟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାନଯାଇ ସୀମିତ ଦର୍ଶକ ଏବଂ ଗଣମାଧ୍ୟମ ଉପସ୍ଥିତିରେ ଏହି ଦିବସଟିର ସମାପନ ହେବ। ଏହି ଦିବସଟିର ପାଳନ ଅବସରରେ ଆମର ମନେପଡେ ଆଣ୍ଠୁ ଉପରକୁ ଖଦିପିନ୍ଧା ଅଂଟାଭଙ୍ଗା ଚଷମାଲଗା ବାଡିଧରା ଗାନ୍ଧୀବୁଢାର ଚିତ୍ର। ଅହିଂସାରେ ବିଶ୍ୱାସ ଓ ମାନବବାଦରେ ଭରସା ସହ ବିକାଶବାଦରେ ପୁରୁଷାର୍ଥର ଆଦର୍ଶ କଥା। ୧୫୯୯ମସିହାରେ ଏକ ବଣିକ ସଂସ୍ଥାଭାବରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତକୁ ବଣିଜକରିବାକୁ ଆସି ଆମମାନଙ୍କ ଭିତରେ ଅସ୍ମିତା ଏବଂ ଏକତା ଅଭାବଥିବାରୁ ପରବର୍ତ୍ତିକାଳରେ ଆମକୁ ଶାସନ କରିବାକୁ ଇଚ୍ଛା କଲା। ପରେ ସମର୍ଥ ବି ହେଲା। ୧୭୧୭ ରୁ ୧୭୬୫ ମସିହା ଭିତରେ ପଲ୍ଲାସାପରେ ଓଡିଶା ବେଙ୍ଗଲ୍ ଓ ବିହାରରୁ କର ଆଦାୟ କରିବାକୁ ମୋଗଲଙ୍କ ସହ ଆଲ୍ଲାହାବାଦ୍ ସନ୍ଧିକରି ମୟିଶୁର୍, ମରାଠା ଓ ବାକି ଗଡଜାତ ଅଂଚଳକୁ ଗୋଟିକ ପରେ ଗୋଟିଏ ଦଖଲକରିବାକୁ ଲାଗି ପଡିଲେ। ଏସବୁଥିରେ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଇଂଲଣ୍ଡର ରାଣୀଙ୍କ ବିସ୍ତାରବାଦୀ ନୀତିଯୋଗୁଁ ସୈନ୍ୟ ସହାୟତା କରିବାରୁ ଦିନକୁ ଦିନ ତାଙ୍କର ଭାରତରେ ପ୍ରତିପତି ବଢିବାକୁ ଲାଗିଲା। ୧୮୪୯ମସିହାରେ ଶିଖ୍ ମାନଙ୍କର ପରାଜୟ ପରେ ପୂରା ଭାରତ ବ୍ରିଟିଶ୍‌ଶାସନ ଅଧିନକୁ ଆସିଯାଇଥିଲା। ସେତେବେଳେ ଇଂଲାଣ୍ଡର ବିସ୍ତାରବାଦୀ ନୀତିକୁ ଭାରତବାସୀ ଚିହ୍ନିବାରେ ବହୁତ ବିଳମ୍ବ କରିଦେଲେ। ନ୍ତଅତିଥି ଦେବୋ ଭବନ୍ତ ଧର୍ମରେ ଭାରତବାସୀ ସେମାନଙ୍କୁ ଦେବତାଭଳି ଜ୍ଞାନକରି ସାହାଯ୍ୟ କଲାବେଳେ ସେମାନେ ତାଙ୍କୁ ଗୋଲାମକରି କ୍ରିତଦାସ ପରି ବ୍ୟବହାର କରିବାକୁ ଗାତ ମାନ ଖୋଳି ଚାଲିଥିଲେ। ଆମର ଇତିହାସରେ ମଧ ହଜାରେ ତ୍ରୁଟି। ଅହିଂସାବଳରେ ଆମେ ସ୍ୱାଧୀନତା ପାଇଲେ ବୋଲି ଯାହାସବୁ ଲେଖାଯାଇଛି ତାହା ସମ୍ପୂର୍ଣ୍ଣ ସତ୍ୟନୁହେଁ। ବ୍ରଟିଶ୍‌ଶାସକଙ୍କ ଦ୍ୱାରା ହଜାରହଜାର ଦେଶପ୍ରେମୀଙ୍କୁ ହତ୍ୟା କରାଯାଇଛି, ଅନେକ ଯୁବକଯୁବତୀଙ୍କ ଉପରେ ଅକଥନୀୟ ଅତ୍ୟାଚାର ହୋଇଛି ଏବଂ କାଁ ଭାଁ ଜାଗାରେ ଭାରତୀୟମାନେ ମଧ କିଛି ବ୍ରଟିଶ୍ ଲୋକଙ୍କୁ ମାରିଛନ୍ତି। ରକ୍ତପାତ ତ ହୋଇଛି। ଜାଲିଓ୍ୱାନାବାଗ୍ ହତ୍ୟାକାଣ୍ଡ କ'ଣ ସ୍ୱାଧୀନତା ସଂଗ୍ରାମରୁ ଅଲଗା ! ଏମିତି ଅନେକ ଛୋଟମୋଟ ଘଟଣାରେ ଲୋକେ ମରିଛନ୍ତି, କଳାପାଣି ଭୋଗିଛନ୍ତି। ସେଲୁଲାର୍‌ଜେଲ୍‌ରେ ଘଣା ପେଲିଛନ୍ତି, ଚାବୁକ୍‌ମାଡଖାଇ ଅନେକ ଭାରତୀୟଙ୍କର ପିଠିରୁ ଚମଡା ଛାଡିଛି। ଅମାନ୍ୟ କି ପ୍ରତିବାଦ କଲେ ଫାଶି ଖୁଂଟରେ ଝୁଲେଇ ଦିଆଯାଇଛି। ସୁବାସବୋଷ୍ ପରି ଅନେକ ବୀର ଅଦୃଶ୍ୟ ହୋଇ କାଳର କରାଳ ଗର୍ତ୍ତରେ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି। ଏସବୁ ବଦଳରେ ଆମେ ସ୍ୱାଧୀନତାର ସ୍ୱାଦ ଚାଖିଛେ। ସେତେବେଳର ନେତୃବୃନ୍ଦ ଗ୍ରାମ ସ୍ୱରାଜକୁ ଗୁରୁତ୍ୱ ଦେଉଥିଲେ, ଯାହାକି ଏଇ କେତେଯୁଗ ହେଲା ଆମେ ପାଶୋରି ଦେଲେ। ଆଉଗ୍ରାମସଭା ନାହିଁ କି ଗ୍ରାମର ମୁଖିଆମାନେ ନ୍ୟାୟନିଶାପ କରୁନାହାନ୍ତି। ଟିକେ କ'ଣ ହେଲେ ଲୋକେ ସରକାରୀ ନ୍ୟାୟାଳୟର କବାଟ ଠକ୍‌ଠକ୍ କରୁଛନ୍ତି। ଏହାଦ୍ୱାରା ଲକ୍ଷଲକ୍ଷ କେସ୍ ଅଦାଲତରେ ଅସମାହିତ ହୋଇ ପଡିରହୁଛି। ଏତ୍‌ଦ୍ୱାରା ପ୍ରକୃତ ନ୍ୟାୟ ଅପେକ୍ଷାରେ ଥିବାଲୋକଟି ନ୍ୟାୟର ବଂଚିତ ହୋଇ ଶେଷରେ ଆଖି ବୁଜୁଛି। କରୋନାରେ ସରକାର ଅକଳରେ ପଡି ପଂଚାୟତର ସରଂପଚମାନଙ୍କୁ ଜିଲ୍ଲାପାଳ କ୍ଷମତା ଦେଇଛନ୍ତି। ସୁଫଳ ମିଳୁଛି। ସେମିତି ନିକଟ ଭବିଷ୍ୟତରେ ଶିକ୍ଷାବିଭାଗରେ ସରକାର ଏକ ଆମୂଳଚୂଳ ପରିବର୍ତ୍ତନ କରି ଏକ ଐତିହାସିକ କ୍ରାନ୍ତିକାରୀ ପଦକ୍ଷେପ ନେବାକୁ ଯାଉଛନ୍ତି, ଯହାକୁ ବୁଦ୍ଧିଜୀବୀ ସମୟୋପଯୋଗୀ ବୋଲି ବିବେଚନା କରୁଛନ୍ତି। ଏବେ ନିର୍ବାଚିତ ପ୍ରତିନିଧି ସହ ସରକାର କିଛି କଲାପରି ମନେହେଉଛି ଏବଂ ଏହାର ସୁଫଳ ଆମକୁ ପାଂଚ ଦଶବର୍ଷ ଭିତରେ ନିଶ୍ଚିତ ଭାବରେ ଦେଖିବାକୁ ମିଳିବ ବୋଲି ଆଶା। ହୁଏତ ଆମଦେଶ ପ୍ରଥମେ ଆତ୍ମନିର୍ଭର ଭାରତ ହୋଇ ପରେ ସମ୍ପୂର୍ଣ୍ଣ ସ୍ୱାଧୀନତା ଆଡକୁ ଗତିଶୀଳ ହେବାକୁ ଆରମ୍ଭ କରିପାରେ।

+ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
ମୋ- ୯୪୩୯୧୨୮୦୫୦

## ନବ୍ୟ ଆଧୁନିକ ମଠ

**ଶିବଦତ୍ତ କର**

ବନ୍ଦ ଆଖିଟା ମୋର
ଖୁବ ମେଲେଇଯାଏ ଆସ୍ତେ ଆସ୍ତେ
ମଣିଷ ମାନଙ୍କୁ ଏକଦମ ଚିହ୍ନି ହୁଏନା,
ଛଳନା ର ଗନ୍ତଘରେ କୁବେର ସବୁ ଆମେ
ସାଲିସ ର ବିନା ବଞ୍ଚି ହୁଏନା।

ହଁ ଖୋଲା ଆଖିଟାକୁ ବି ବନ୍ଦ କରିବାକୁ ହୁଏ
କିଏ ବ୍ୟଭିଚାର କରୁଥିବା ବେଳେ
ଅବା କିଏ ପ୍ରହସନର ଚମଡ଼ାରେ
ଆଦର୍ଶକୁ ଘୋଡ଼ାଇବା ବେଳେ।

ଅନ୍ତର ରେ ଶୋଇଥିବା ମଣିଷ କୁ ଥରେ ନୁହେଁ
ଆଖିବୁଜି ଶହେଥର ଧର୍ଷଣ କରିବାକୁ ହୁଏ
କ୍ଷତାକ୍ତ ହୋଇଯାଏ ହୃଦୟର ତନ୍ତ୍ରୀ ସବୁ
ପ୍ରତିବାଦର ସ୍ୱର ଆପେ ଆପେ ବନ୍ଦ
ହୋଇଯାଏ।

ଆମେପରା ଆଦର୍ଶବାଦୀ, ପ୍ରତିଷ୍ଠା ଲୋଭୀ
ବାରଂବାର ଧର୍ଷିତ ହୋଇ ମରିଯିବୁ ପଛେ
କୁରୁକ୍ଷେତ୍ରର ଭୀଷ୍ମ ପରି
ବିବେକର ଚିତ୍କାରକୁ ଶୁଣିବୁନି
କି ପ୍ରତିବାଦର ଅଳଣା ପ୍ରେମରେ ପଡ଼ିବୁନି

+୫୮୮/ଇ
ନିକୋପାର୍କ ରୋଡ଼
ଭୁବନେଶ୍ୱର



## କହ କେଉଁ ଜାତି ପାଇଛି ମୁକତି...



**ଡି ଶୁଭମ**

ବିପ୍ଳବୀ କବି ରବି ସିଂ ଙ୍କ ଭାଷାରେ -
ବିପ୍ଳବି କି ମରେ କେବେ
ଶାସକର ସୁତୀକ୍ଷ୍ଣ ସଂଗୀନେ
ଫାଶୀ ମଂଚେ କାରାଗାରେ
ଅବା କେଉଁ ବନର ଗହନେ।

ବର୍ବର ବ୍ରିଟିଶର ଚାତୁର୍ଯ୍ୟ ଆଉ ଶଠତାରେ ବଶୀଭୂତ ହୋଇଥିଲେ ଭାରତବାସୀ। ଶାସନ ନାମରେ ଆରମ୍ଭ ହେଲା ଶୋଷଣର ପର୍ବ। ଅତ୍ୟାଚାରର ପୈଶାଚିକ ନାଟକ। ଶୌର୍ଯ୍ୟଭୂମୀ ଭାରତବର୍ଷର ଐଶ୍ୱର୍ଯ୍ୟରେ ପ୍ରଲୁବ୍ଧ ହୋଇ ଇଂରେଜ ମାନେ କରିଥିଲେ ବିଭୀଷିକାର ରାକ୍ଷସୀ ମାୟା। ପୁଣ୍ୟଭୂମି ଭାରତ ପାଇଁ ଆସିଲା ଚରମ ଦୁର୍ଭାଗ୍ୟ। ଭାରତର ସାଂସ୍କୃତିକ ପରିସ୍ଥିତି ହେଲା ଅବକ୍ଷୟ। ଇଂରେଜଙ୍କର ଏହି କ୍ରମାଗତ ଶୋଷଣ ଶେଷରେ ୧୮୫୭ରେ ସିପାହୀ ବିଦ୍ରୋହର ରୂପ ନେଲା। ଦୁର୍ଦ୍ଧଷ ଭାରତୀୟ ଶକ୍ତିର ଚରମ ସିଂହନାଦରେ ଭୟଭୀତ ହେଲେ ବ୍ରିଟିଶଗଣ। ପରାଧୀନତାର ଗଗନରେ ଆବଦ୍ଧ ବସା ଭିତରେ ବାନ୍ଧି ହୋଇ ରହିଥିଲେ ଭାରତୀୟ। ସତରେ ସେତେବେଳର ଅସ୍ତମିତ ସୂର୍ଯ୍ୟ ସମସ୍ତଙ୍କୁ ଏକ ଅନ୍ଧକାରମୟ ଦୁନିଆ ଭିତରେ ଆବଦ୍ଧ କରି ରଖିଥିଲା। ବାରଦୁଆର ଶୁଣ୍ଢିପିଣ୍ଡା ହୋଇ ଜୀବନ ନିଭାଉଥିଲେ ଭାରତ ବାସୀ। ନା ଥିଲା ପାଟି ଖୋଲିବାର ତାକତ ନା ସାମ୍ନା କରିବାର ସେ ଅଦମ୍ୟ ସାହସ। ଏକ ପଙ୍କିଳ ପୁଷ୍କରିଣୀରେ ଉବୁଟୁବୁ ହେବା ଛଡ଼ା ଆଉ କିଛି ଉପାୟ ନଥିଲା। ସେମିତି ଜୀବନ ଜୀଇଁବାରେ କଣ ବା ଲାଭ ? ଆଉ ଠିକ୍ ଏଇ ସବୁ ଭିତରେ ବାଦ ପଡ଼ି ନଥିଲା ଓଡ଼ିଶାର ରକ୍ତତୀର୍ଥ ବୋଲାଉଥିବା ଇରମ। ଦେଶପ୍ରେମର ମନ୍ତ୍ରକୁ ଗୁଂଜରିତ କରି ସାରା ଭାରତର ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲା ଏ ଇରମ ମାଟି। ଅଗଷ୍ଟ କ୍ରାନ୍ତି ଦିବସ ଆସିଲେ ମନେ ପଡ଼େ ଏଇ ମୁକ୍ତି ସଂଗ୍ରାମର ମୁକସାକ୍ଷୀର କଥା। ୧୮୮୫ରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସର ମହାସିନ୍ଧୁ। ଏହାର ଗୁରୁଗମ୍ଭୀର ଧ୍ୱନିରେ ସାରା ଦିଗ ବିଦିତ ହେଲା। ଆଉ ସେତେବେଳେ ଭାରତର ସ୍ୱାଧୀନତା ସଂଗ୍ରାମର ମହାନାୟକ ଭାବେ ଉଭା ହେଲେ ଜାତିର ପିତା ଗାନ୍ଧୀଜୀ। ସଂଗ୍ରାମୀ ସେନାପତି ସାଜି ବିପ୍ଳବର ବହ୍ନିକୁ ଚତୁର୍ଦିଗରେ ପ୍ରଜ୍ୱଳିତ କଲେ। ଆନ୍ଦୋଳନ ଓ ସତ୍ୟାଗ୍ରହ କାଳକ୍ରମେ ଭାରତରେ ସୂତ୍ରପାତ ହେଲା। ସ୍ୱଦେଶୀ ଆନ୍ଦୋଳନ , ଅସହଯୋଗ ଆନ୍ଦୋଳନ , ଲବଣ ସତ୍ୟାଗ୍ରହ ପ୍ରମୁଖ ବିପ୍ଳବର ମାଇଲଖୁଣ୍ଟ ସାଜିଲା। ଶେଷରେ ଭାରତୀୟମାନେ ଅନୁଭବ କଲେ ଜୀବନ ଠାରୁ ଶ୍ରେଷ୍ଠ ସମ୍ପଦ ହେଉଛି ସ୍ୱାଧୀନତା। ଜୀବନକୁ ତୁଚ୍ଛ କରି ସଭିଏଁ ଭାରତୀୟତା ଓ ଏକତାର ମନ୍ତ୍ରରେ ଆନ୍ଦୋଳନରେ ଝାସ ଦେଲେ। ଗାଁ ଠୁ ସହର ସବୁଆଡ଼େ ବ୍ୟାପିଗଲା ଅହିଂସାର ବାତାବରଣ। ପ୍ରଜ୍ଞା , ଶ୍ରମ , ସାଧନା ଏବଂ ଉତ୍ସାହର ମିଳିତ ଶକ୍ତିରେ ଭାରତୀୟ ମାନେ ସକ୍ରିୟ ହୋଇଉଠିଲେ।

୧୯୪୨ ଅଗଷ୍ଟ ପ୍ରଥମ ସପ୍ତାହ। ଚାରିଆଡ଼େ ଦେଶପ୍ରେମର ବହ୍ନିରେ ଜୁଡୁବୁଡୁ ଦେଶବାସୀ। ସବୁଆଡ଼େ ଆନ୍ଦୋଳନର ଡ଼ିଣ୍ଡିମ ବାଜୁଥାଏ। ଏତିକି ବେଳେ ସଂଗ୍ରାମର ତୂର୍ଯ୍ୟନାଦ ଶୁଭି ଉଠିଲା ଇରମ ପ୍ରଦେଶରୁ । ୧୯୪୨ରେ ଇଂରେଜଙ୍କ ନେତୃତ୍ୱ ନେଇଥିଲେ ଚର୍ଚ୍ଚିଲ। ଅମାନୁଷିକ ଗୁଳିଚାଳନା କରିବାରେ ବେଶ ପ୍ରସଦ୍ଧି ଲାଭ କରିଥିବା ଚର୍ଚ୍ଚିଲ ୧୯୪୨ ନଭେମ୍ବର ୫ ସୁଦ୍ଧା ସାରା ଭାରତରେ ୧୦୨୩ଜଣ ମୃତ୍ୟୁବରଣ କରିସାରିଥିଲେ। ଏପରି ସମୟରେ ଓଡ଼ିଶାରେ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ହଜାରହଜାର ବାନରସେନା ଏହି ଆନ୍ଦୋଳନରେ ଝାସ ଦେଇଥିଲେ। ଇରମର ଜମିଦାର ମାନଙ୍କୁ ଏକପ୍ରକାରରର ନିଜ ଅକ୍ତିଆରକୁ ନେଇ ଆସିଥିଲେ ବ୍ରିଟିଶ। ଏ ପରିପ୍ରେକ୍ଷୀରେ ଇରମର ସେଇ ଜନନାୟକ ବାଂଛାନିଧି ମହାନ୍ତିଙ୍କ କବିତା ବାନରସେନାଙ୍କ ରକ୍ତରେ ବହ୍ନିକୁ ପ୍ରଜ୍ୱଳିତ କଲା। ସେତେବେଳେ ତାଙ୍କ କଲମ ମୁନ ଥିଲା ଦେଶପ୍ରେମୀଙ୍କ ପାଇଁ ଏକ ତୀକ୍ଷଣ୍ ଖଡ଼ଗ୍। ସେ କହୁଥିଲେ-

କହ କେଉଁ ଜାତି ପାଇଛି ମୁକତି
କରି ହୁରି ହାରି ଗୁହାରି
କହ ପାଇଛି କି ସୁଖ , ନିଭାଇଛି ଦୁଖ
ମାଗି ମାଗି ପଥ ଭିକାରୀ।

୧୯୩୦ ଲବଣ ସତ୍ୟାଗ୍ରହ ସମୟରେ ଜଣେ ଆଗଧାଡ଼ିର ସେବକ ଥିଲେ ବାଂଛାନିଧି। ଅନେକ ଥର ଜେଲର ଚାରିକାନ୍ଥ ଭିତରେ ଦିନ କାଟିଥିଲେ ହେଁ କେବେ ଦେଶପ୍ରେମ କବିତା ରଚନାରେ ବିଚ୍ୟୁତ ହୋଇନଥିଲେ। ୧୯୪୨ ସେପ୍ଟେମ୍ବର ୭ ତାରିଖ। ଇରମର ମେଳଣ ପଡ଼ିଆରେ ବସିଲା ବାନର ସେନାର ବୈଠକ। ମରିବୁ ପଛେ , ଡ଼ରିବୁ ନାହିଁ ଏହାକୁ ଶପଥ କଲେ ସମସ୍ତେ। ଏହା ସହ ସେଠାରେ ନିଷ୍ପତ୍ତି ନିଆଗଲା ଯେ ଇଂରେଜ ମାନେ ଆସିଲେ ମହିଳା ମାନେ ଘର ଆଗରେ ଆଲୋକର ସୂଚନା ଦେବେ । କମଳା ପ୍ରସାଦ କର ସେତେବେଳେ ଇରମର ବାନରସେନାର ମୁଖ୍ୟ ଦାୟିତ୍ୱ ନେଉଥିଲେ। ପ୍ରଥମ ଥର ପାଇଁ ୧୯୪୧ ଜାନୁଆରି ୮ରେ ବାସୁଦେବପୁରରେ ସତ୍ୟାଗ୍ରହ କରି ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୦ ଏପ୍ରିଲ ୧୯୪୨ ରେ ଚୂଡ଼ାମଣିରୁ ଗିରଫ ହୋଇଥିଲେ। ଜେଲରୁ ଫେରିବା ପରେ ବାସୁଦେବପୁରରେ କିପରି ଆନ୍ଦୋଳନ କରିବେ ସେଥିପାଇଁ ଯୋଜନା ପ୍ରସ୍ତୁତ କଲେ। କମଳା ପ୍ରସାଦ କର ଓ ତାଙ୍କ ଅନୁଗାମୀ ଗୌରାଂଗ ଚରଣ ମହାନ୍ତି , ଅନିରୁଦ୍ଧ ମହାନ୍ତି , ପ୍ରଭାକର ପାଢ଼ୀ ପ୍ରମୁଖ ଗୁଡ଼ , ସୁଆଁ ,ବାସୁଦେବପୁର ଆଦି ସ୍ଥାନରେ କର୍ମୀ ସମ୍ମିଳନୀ ଡ଼ାକି ଲୋକଙ୍କୁ ପ୍ରବର୍ତ୍ତାଉଥିଲେ। ଏହି ସମୟରେ ସଢ଼େଇପଦାର ଅର୍ଜ୍ଜୁନ ବିଶ୍ୱାଳ ନିଜ ଘରେ କଂଗ୍ରେସ ଅଫିସ୍ କରିବା ପାଇଁ ଆମନ୍ତ୍ରଣ କଲେ। ଯାହା ଫଳରେ ୧୯୪୨ ଅଗଷ୍ଟ ୨୭ରେ ବିପ୍ଳବ ଏକ ନୂଆ ମୋଡ଼ ନେଲା। ଏହୀ ସମୟରେ ଏକ ବଡ଼ ଧରଣର ଆରମ୍ଭ ଥିଲା ସମାନ୍ତରାଳ ସରକାର। ୧୯୪୨ ସେପ୍ଟେମ୍ବର ୧୭ରେ ଗୌରାଂଗ ଚରଣ ମହାନ୍ତିଙ୍କ ଅଧୀନରେ ୨୦୦୦ ଲୋକଙ୍କୁ ନେଇ ଏକ ବୈଠକ ଡ଼କା ଯାଇଥିଲା ଯେଉଁଠାରେ ଏହା କରିବାକୁ ନିଷ୍ପତ୍ତି ନିଆଗଲା। ସେଇ ନଦୀଘେରା ଅଂଚଳକୁ ବାଂଛାନିଧି ଚକଲା ବୋଲି ନାମିତ କରାଗଲା। ଏହା ୨୬ଟି ଗ୍ରାମପଂଚାୟତକୁ ନେଇ ଗଠିତ ହୋଇଥିଲା। ୧୯୪୨ ସେପ୍ଟେମ୍ବର ୨୮। କମଳା ପ୍ରସାଦ କରଙ୍କ ନେତୃତ୍ୱରେ ୫୦୦୦ରୁ ଅଧିକ ଲୋକ ମେଳଣ ପଡ଼ିଆରେ ରୁଣ୍ଡହେଲେ। ପରନ୍ତୁ ଏହି ଜନ ସମାବେଶକୁ ପଣ୍ଡ କରିବାକୁ ବ୍ରିଟିଶ ସରକାର ଆରମ୍ଭ କଲେ ଆଖିବୁଜା ଗୁଳିଚାଳନା। ଆଖି ପିଛୁଳାକେ ଟଳି ପଡ଼ିଲେ ୨୯ ଜଣ ବୀର ସଂଗ୍ରାମୀ। ଯାହା ମଧ୍ୟରୁ ଜଣେ ଥିଲେ ମହିଳା ପରିବେଓ୍ୱା। ଦେଖୁଦେଖୁ ରକ୍ତ ରଂଜିତ ହୋଇଗଲା ଇରମର ମାଟି। ୩୦୪ ରାଉଣ୍ଡ ଗୁଳିଚାଳନାରେ ନିସ୍ତବ୍ଧ ହୋଇଗଲା ସାରା ଭାରତ। ଏ କ୍ରାନ୍ତି ଦିବସର ମୁକସାକ୍ଷୀ ଭାବେ ଇରମ ନିଜର ଗାଥା ଗହନ କରିଚାଲୁଛି। ରକ୍ତତୀର୍ଥର ସ୍ମାରକୀରେ ଏହା ଚାରିଆଡ଼େ ବିଦିତ ହୋଇଛି। ଏ ମାଟି ସଂଗ୍ରାମର ମାଟି , ଏ ମାଟି ବୀର ଶହୀଦର ମାଟି। ଏହାର ମାଟି ମୁଠେ ଧରିଦେଲେ ସେ ସଂଗ୍ରାମୀମାନଙ୍କର ବଳିଦାନର କଥା ମନେ ପଡ଼ିଯାଏ। ଆଜି ବି କ୍ରାନ୍ତି ଦିବସର ମହାନତାକୁ ଗୁମୁରି ଗୁମୁରି ଗାନ କରୁଛି ଏ ମାଟି। ସେ ସଂଗ୍ରାମୀମାନଙ୍କୁ କୋଟି କୋଟି ନମନ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୫ ଅଗଷ୍ଟ ୨୦୨୦, ଶନିବାର

୪


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କେବେ ଆସିବ...

କରୋନା ଭୂତାଣୁ ସଂକ୍ରମଣ ସମଗ୍ର ବିଶ୍ୱରେ ମହାମାରୀ ରୂପ ଧାରଣ କରି ଗଲା ପ୍ରାୟ ଛଅ ମାସ ଭିତରେ ପାଖାପାଖି ସାତଲକ୍ଷ ୪୦ ହଜାର ଲୋକଙ୍କ ପ୍ରାଣନାଶ ଘଟାଇ ସାରିଲାଣି । ଏବେ ସୁଦ୍ଧା ଦୁଇକୋଟିରୁ ଅଧିକ ଲୋକ ଏଥିରେ ଆକ୍ରାନ୍ତ ହୋଇଛନ୍ତି । ତେଣୁ କୋଭିଡ-୧୯କୁ ବିଶ୍ୱର ଅନ୍ୟତମ ଭୟଙ୍କର ମହାମାରୀର ଆଖ୍ୟା ସବୁ ସ୍ତରରୁ ପ୍ରଦାନ କରାଯାଇଛି । ସମଗ୍ର ବିଶ୍ୱ ଏକସଂଗେ ଏହି ମହାମାରୀ ସହ ଲଢ଼େଇ କରିଚାଲିଛି । ବିଜୟ ଏପର୍ଯ୍ୟନ୍ତ ହାତମୁଠାରେ ପହଞ୍ଚି ନାହିଁ । ସମସ୍ତେ ଅପେକ୍ଷା କରି ରହିଛନ୍ତି ଏହାର ପ୍ରତିଷେଧକ ଟିକା କେବେ ଉପଲବ୍ଧ ହେବ । କରୋନା ବିରୋଧୀ ଲଢ଼େଇ ପାଇଁ ଯେତିକି ସହଯୋଗର ସହ କାର୍ଯ୍ୟ ଚାଲିଛି, ପ୍ରତିଷେଧକ ଟିକା ବିକାଶ ନିମନ୍ତେ ତାହାଠାରୁ ଶହେଗୁଣ ତୀବ୍ରତାର ସହ ଏବେ ବିଭିନ୍ନ ରାଷ୍ଟ୍ର ଓ ସଂସ୍ଥାମାନେ ଏ ଦିଗରେ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ମଧରେ ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁସାରେ, ଏବେ ସାରା ପୃଥିବୀର ଅନ୍ୟୁନ ୨୮ଟି ରାଷ୍ଟ୍ରର ପ୍ରାୟ ୧୬୮ଟି ସଂସ୍ଥା କରୋନା ପ୍ରତିଷେଧକ ଟିକା ବିକାଶ ନିମନ୍ତେ ଅହୋରାତ୍ର ପ୍ରୟାସ ଚଳାଇଛନ୍ତି । କେବଳ ପ୍ରୟାସ ନୁହେଁ, ଏଥିପାଇଁ ହଜାର ହଜାର ବୈଜ୍ଞାନିକ ଦିନରାତି ଏକାକାର କରି ଗବେଷଣା କରୁଛନ୍ତି । ତାହାଛଡ଼ା ଶହ ଶହ କୋଟି ଡଲାର ମଧ୍ୟ ଏଥିରେ ବ୍ୟୟ କରାଯାଉଛି । ପ୍ରତ୍ୟେକ ସଫଳ ପ୍ରତିଷେଧକ ପାଇଁ ଏହା ହିଁ ମୌଳିକ ସାଧନ । ଏହା ସତ୍ତ୍ୱେ ଏପର୍ଯ୍ୟନ୍ତ ସେହିସବୁ ସଂସ୍ଥାମାନଙ୍କ ଗବେଷଣା ଓ ଟିକା ବିକାଶ ବିକାଶ ପ୍ରୟାସ ବିଭିନ୍ନ ପର୍ଯ୍ୟାୟରେ ରହିଛି । ରୋଗ ଯେତେ ମାରାତ୍ମକ ହେଉ ପଛେ, ଶତ ପ୍ରତିଶତ ବିଧିବଦ୍ଧ ପରୀକ୍ଷଣ କାରାନଯାଇ କୌଣସି ପ୍ରତିଷେଧ ପ୍ରସ୍ତୁତ କରାଯାଇନଥାଏ । ତେଣୁ ଡବ୍ଲ୍ୟୁଏଚଓର ସୂଚନା ଅନୁସାରେ, ଯେଉଁ ୨୮ଟି କରୋନା ଟିକାର ବିକାଶ ଏବେ କ୍ଲିନିକାଲ ପରୀକ୍ଷା ପର୍ଯ୍ୟାୟରେ ପହଞ୍ଚିଛି, ତା'ରି ଉପରେ ଚିକିତ୍ସାବିଜ୍ଞାନୀ, ରାଜନେତା ଓ ଜନସାଧାରଣ ଆଶା ଓ ଆସ୍ଥା ସ୍ଥାପନ କରିଛନ୍ତି । କିନ୍ତୁ ତାହାର ମଧ ସଫଳ ପରୀକ୍ଷଣ ଶେଷ ହୋଇ ବ୍ୟବସାୟିକ ଭାବେ ବଜାଣରେ ଉପଲବ୍ଧ ହେଲା ବେଳକୁ ଆସନ୍ତା ବର୍ଷ ହୋଇଯାଇପାରେ ବୋଲି ଅନୁମାନ କରାଯାଉଛି । ଏ ଦିଗରେ ଅକ୍ସଫୋର୍ଡ ୟୁନିଭରର୍ସିଟି ବୈଜ୍ଞାନିକ ଗୋଷ୍ଠୀଙ୍କ ଦ୍ୱାରା ବିକଶିତ ଓ ଆସ୍ତ୍ରା-ଜେନେକା ଦ୍ୱାରା ପ୍ରସ୍ତୁତ ଟିକା ସର୍ବାଗ୍ରେ ମାନବୀୟ ପରୀକ୍ଷଣର ଆଗୁଆ ପର୍ଯ୍ୟାୟ ଛୁଇଁଛି । ତେବେ ରୁଷିଆର ଗାମାଲେୟା ଇନଷ୍ଟିଚ୍ୟୁଟ ଦ୍ୱାରା ପ୍ରସ୍ତୁତ ଆଉ ଏକ ଟିକା 'ସ୍ପୁଟନିକ-୫'ର ମାନବୀୟ ପରୀକ୍ଷଣ ସଫଳତାର ସହ କରାଯାଇଛି ବୋଲି ଦେଇ ରୁଷିଆ ରାଷ୍ଟ୍ରପତି ଭ୍ଲାମିଦାର ପୁଟିନ ସମଗ୍ର ବିଶ୍ୱକୁ ବିସ୍ମିତ କରିଦେଇଛନ୍ତି । ପୁଟିନଙ୍କ ଏହି ଦାବିର ସତ୍ୟତା ଉପରେ ଦେଶ ବିଦେଶର ଚିକିତ୍ସା ବିଜ୍ଞାନୀମାନେ କିନ୍ତୁ ସନ୍ଦେହ ପ୍ରକଟ କରିଛନ୍ତି । କାରଣ, 'ସ୍ପୁଟନିକ-୫'ର ବିକାଶ ଓ ଏହାର ମାନବୀୟ ପରୀକ୍ଷଣ ସଂପର୍କିତ ସବିଶେଷ ତଥ୍ୟାବଳୀ ରୁଷିଆ ଅନ୍ୟ ବୈଜ୍ଞାନିକ ଗୋଷ୍ଠୀଙ୍କ ହୃଦବୋଧ ନିମନ୍ତେ ପ୍ରଘଟ କରିନାହିଁ । ଯଦିଚ ଏଭଳି ଟିକାର ସଫଳ ବିକାଶ ଘଟିଥାଏ, ତେବେ ଏହା ମାନବ ସମାଜ ପାଇଁ ମଙ୍ଗଳକର, ତଥାପି ଏ ସଂପର୍କରେ ଯେକୌଣସି ରାଷ୍ଟ୍ର ବା କମ୍ପାନୀ ଏଭଳି ପ୍ରତିଷେଧକ ଟିକା ବାହାର କରୁନା କାହିଁକି, ସଭିଏଁ ଏଥିରୁ ଉପକୃତ ହେବେ । ଯେହେତୁ ବିଶ୍ୱର କୋଟିକୋଟି ଲୋକ (କେବଳ କରୋନା ଆକ୍ରାନ୍ତ ନୁହଁନ୍ତି, ସୁସ୍ଥଲୋକ ମଧ୍ୟ) ଏହାର ଉପଯୋଗ କରିବେ, ସେମାନଙ୍କ ଜୀବନ ମୃତ୍ୟୁର ପ୍ରଶ୍ନ ମଧ ଏଭଳି ପ୍ରତିଷେଧକ ଟିକା ସହ ଜଡ଼ିତ । ପୁନଶ୍ଚ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରଚଳିତ ନିୟମାବଳୀ ଅନୁସାରେ, ପ୍ରତ୍ୟେକ ଔଷଧ ଓ ଟିକା ବିକାଶ ପଛର ପ୍ରୟାସ, ଫର୍ମୁଲା, ପରୀକ୍ଷଣ, ସଫଳତା-ବିଫଳତା, ପାର୍ଶ୍ୱ ପ୍ରତିକ୍ରୟା, ନିରାପତ୍ତା ସବୁକିଛି ଉପଭୋକ୍ତାଙ୍କୁ ସୂଚିତ କରାଯିବା ବାଞ୍ଛନୀୟ । ଅନ୍ୟଥା ଏହା କଦାପି ବିଶ୍ୱାସଯୋଗ୍ୟ ଓ ଗ୍ରହଣଯୋଗ୍ୟ ହେବନାହିଁ । ଏ ଦିଗରେ ଭାରତ ଏବେ ଏକ ବିଚିତ୍ର ସ୍ଥିତିରେ ରହିଛି । ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଢେର୍ ଅଧିକ ଓ ଜନସଂଖ୍ୟା ୧୩୫କୋଟିରୁ ଊର୍ଦ୍ଧ୍ୱରେ । ତେଣୁ ଭାରତ ହେଉଛି ଯେକୌଣସି ସମ୍ଭାବ୍ୟ ପ୍ରତିଷେଧକ ଟିକାର ସର୍ବବୃହତ୍ ଉପଭୋକ୍ତା । ଏଥିପାଇଁ ହଜାର ହଜାର କୋଟି ଟଙ୍କା ମଧ ବ୍ୟୟ କରାଯିବ । ତେଣୁ ଭାରତ ନିଜସ୍ୱ ଟିକାର ବିକାଶ ଘଟାଉ ଅଥବା ଅନ୍ୟ ରାଷ୍ଟ୍ରୀୟ କମ୍ପାନୀମାନଙ୍କ ସହଯୋଗିତାରେ ଏହା ପ୍ରସ୍ତୁତ କରୁ, ସମସ୍ତ ପ୍ରକାର ସତର୍କତା, ପ୍ରତୀକ୍ଷା ଓ ବିଶ୍ୱାସନୀୟତାକୁ ବିଚାର କରି ଏ ଦିଗରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବା ବିଜ୍ଞତାର ପରିଚୟ ହେବ ।




## ବିରହ ରାଗିଣୀ....

**କାଳିନ୍ଦୀ ଚରଣ ଭଞ୍ଜ**

ଅନନ୍ତ ନୀଳିମାର ତାରାଗଣେ
ତୁମେ ଆଜି ସାଜିଛ ଚନ୍ଦ୍ରମାଃ
ହସି ହାତଠାରି ଡାକ ମିଳନକୁ
ମୁଁ କିନ୍ତୁ ଏଠି ଆସୁଖୀ ଅସ୍ଥିର
ଭାଳି ତୁମ ପ୍ରେମ ପ୍ରୀତିର ସଂଭାର ।

ମନେ ପଡ଼ି ତୁମ ତନ୍ମୟତା
ବିସ୍ମରି ଯାଏ ଆପଣାକୁ, ପ୍ରସାରି ଯାଏ ତା
ଦିଗନ୍ତ ଦିଗନ୍ତକୁ
ପ୍ରୀତିଲଗ୍ନା ହୁଏ ପ୍ରତି ମୁହୂର୍ତ୍ତକୁ ।

ମନେ ପଡ଼େ ସେ ଚାନ୍ଦିନୀ
ଲାଜମିଶା ଆଖିର ବାରତା
ମନେଉଠେ ସେ ଦିନର କୁହାକୁହି କଥା
ଦେଇଥିଲା ଯାହା ମୋ ପରାଣେ ଚମ୍
ହସି ଗାଇଦେଇ ମିଳନ ରାଗିଣୀ
କହିଥିଲ ବୃଥ ନ ଯାଉ ଏ
ଚାନ୍ଦିନୀ ରାତିର ମହକ ।

ହୃଦେ ଆଜି ସେ ସବୁ ଯାଏ ଖେଳି
ଆନନ୍ଦର ଉଚ୍ଛୁଳା ଲହରୀ
ପୂର୍ଣ୍ଣିମା ନିଶିତଳେ ବିତାଇ ରଜନୀ
ତୁମ ବିରହ ସୁରେ ସୁରେ
ଫୁଟେ ମୋ କରୁଣ ରାଗିଣୀ ।

ତୁମେ ଥିଲ ମୋ ଅନ୍ତରରର ସାଥୀ
ମିଳିଥିଲା ସୁଖ, ଶାନ୍ତି, ଆନନ୍ଦ ମିଳନରୁ
ଭାଳିହୁଏ ସଦା, ସେ ସବୁ ଯାଏ ନାହିଁ
ମନରୁ
ତୁମ ମନକିଣା କୁହୁକ କାଉଁରୀ
ଅପାସୋରା କାହାଣୀ, ଥିଲା ଜୀବନର
ଦିଆ ନିଆ କଥା, ମନେପଡ଼ି ଯାଏ ଆଜି
ମୁଁ ବିରହର ଗୀତା ।

ଥିଲ ତୁମେ ଅପୂର୍ବ ସୁନ୍ଦରୀ, ଚନ୍ଦ୍ରଠାରୁ
ତୋଫା
ଆସିଥିଲ କିଛି କ୍ଷଣ ପାଇଁଢ ରୂପର ସମ୍ଭାର
ନେଇ
ଶତ ପରାହତ ପ୍ରେମିକର ମନପ୍ରାଣେ
ଭରିଗଲ ସୁଖ, ସ୍ନେହ, ମମତା ।

ତୁମେ ଆଜି କାହିଁ କେତେଦୂରେ ଭୁଲି
ଅତୀତର କଥା, ଡାକୁଛି ଆସ ଆସ ବୋଲି
କୁହ ଯିବିବା କିମିତି ଛାଡ଼ି ଏ ମାୟା ମମତା ?
ଦୁଃଖୀ ମୁଁ ଦୁଃଖ ମୋର ସାଥୀ
ହୃଦେ ତୁମ ଛବି ଆଙ୍କି
ବାଉଥିବି ବିରହ ମୁରଲୀ
ଯେତେଦିନ ଯାଏ ରହିଥିବି ବଞ୍ଚି


+ ୬୮୯-ଲକ୍ଷ୍ମୀସାଗର
ଭୁବନେଶ୍ୱର-୬
ମୋ: ୯୩୩୭୮୮୬୮୯୮


## ବିଂଶ ଶତାବ୍ଦୀର ସୂର୍ଯ୍ୟ

**ରଶ୍ମି ରଞ୍ଜନ ମିଶ୍ର**

> ସରକାରଙ୍କ ନୀତି ଅଜବ ଅଟେ। ସରକାର ବାତ୍ୟା ପାଇଁ ଯେତିକି ସହାୟତା କଲେ ସବୁ ଜମି ମାଲିକଙ୍କ ପକେଟକୁ ଗଲା। କିନ୍ତୁ ଆମର ପରିଶ୍ରମକୁ ସରକାର ବୁଝିଲେନି। ସରକାର ସବୁବେଳେ ତେଲିଆ ମୁଣ୍ଡରେ ତେଲ ଦେଇ ଜାଣନ୍ତି। ଆଜିପର୍ଯ୍ୟନ୍ତ ଭାଗଚାଷୀର ମୂଲ୍ୟକୁ ସହାୟତାର କିଛି ନିର୍ଦ୍ଦିଷ୍ଟ ନିୟମ ନାହିଁ। ଯେମିତିକି ଆମ ଭଳି ଗରିବ ଭାଗ ଚାଷୀମାନଙ୍କର ଜୀବନ ଦୁର୍ବିସହ ହୋଇଯାଉଛି। ଦେଖିବା ମା ଭଣ୍ଡାର ଶୁଣି କେବେ ଏ ଗରିବ ଭାଗଚାଷୀଙ୍କ ଡ଼ାକ କେବେ ଶୁଣୁଛି।

ସମସ୍ତେ କୁହନ୍ତି ସୂର୍ଯ୍ୟ ସକଳ ଶକ୍ତିର ଆଧାର କିନ୍ତୁ ଏ ସୂର୍ଯ୍ୟର ଜୀବନ ସକଳ ଦୁଃଖର ଆଧାର। ଗରିବ କଣ ବଂଶଗତ ନା ଭାଗ୍ୟ ଏ ପ୍ରଶ୍ନର ଉତ୍ତର ଆଜିଯାଏ ପାଉନି। ଗରିବ ଘରେ କଣ ଜନ୍ମ ହେବା ଭୁଲ୍।

ସାହିଲୋକ କହନ୍ତି ମୁଁ କାଳେ ଜନ୍ମ ହେଲା ବେଳେ ଘରର ଛପର କଣା ହୋଇ ଠିକ୍ ମୋ ଉପରେ ସୂର୍ଯ୍ୟଙ୍କ କିରଣ ପଡ଼ିଥିଲା ସେଥିପାଇଁ ମୋ ନାଁ ସୂର୍ଯ୍ୟ। ସେହି ସନ ମୋ ବା କାଳେ ଜମି ଦୁଇମାଣ କିଣି ଆଗ ମାଣ ସହ ମିଶେଇ ତିନିମାଣ କଲା। ପରିବାର ଚଳନି ଅଭାବ ନଥିଲେ ବି ସ୍ୱାଭବ ଥିଲା। ଯେନତେନ ପ୍ରକାରେଣ ସଂସାର ଚାଲିଥିଲା। ଗରିବୀ ପଣିଆ ଯୋଗୁ ଦେଇର ପାଠପଢାରେ ଡ଼ୋରି ବନ୍ଧା ହୋଇ ବିଲରେ ଖଟିବାକୁ ପଡ଼ିଲା। ମୋ ବା ଲକ୍ଷ୍ୟ ରଖିଲା ମତେ ପାଠ ପଢେଇକି ଚାକିରୀ କରେଇବା। ଅଭାଗ ଯୋଗୁ ତେରସ୍ତା ସନ ମୋ ଦେଇର ବାହାଘରକୁ ଦୁଇମାଣ ଜମି ବିକ୍ରି ହୋଇଗଲା। ସେତକ ହେଲାନି ଯେ ଯୌତୁକ ବାବଦକୁ ଗାଁ ମହାଜନଠୁ ଆର ମାଣକ ବନ୍ଧା ଦେଇ ଟଙ୍କା ଆଣି ଭରଣା କଲା।

ପୁଅ ଘର କହୁଛନ୍ତି ଆମ ଷ୍ଟାଣ୍ଡାର୍ଡ଼ ଦେଖି ଟଙ୍କା ଦେଉଛନ୍ତି ଏଇଟା ଯୌତୁକ ନୁହେଁ। ସରକାରଙ୍କ ଏପଟେ ଘୋଷଣା ଯୌତୁକ ପ୍ରଥା ଆମ ସମାଜରେ ଆଉ ନାହିଁ। ହଁ ସିଏ ବି ଗୋଟେ କଥା ଭାବିବାକୁ ଦେଉଛନ୍ତି।

ଏହା ଗୋଟିଏ ସାମାଜିକ ବ୍ୟଧି :

ତେରସ୍ତା ବରଷ ବାହାଘର ପରେ ଚଳିବାକୁ ଘରେ ଦାନା ନାହିଁ। କଣ କରିବ ଝିଅକୁ ସିନା ବାହା ଦେଇଦେଲା, ତିନିପ୍ରାଣୀ କୁଟୁମ୍ବ ଖାଇବେ କଣ ଘର ଚଳିବ କେମିତି, ପୁଅ ପଢିବ କେମିତି ମୁଣ୍ଡ ଚକ୍କର ଖାଇଲା। ନିରୁପାୟ... ତା ସହ ଜମି ବନ୍ଧକ। ଶେଷରେ ପୁଅର ପାଠପଢାରେ ଡ଼ୋରି ବନ୍ଧା ହେଲା। ବହୁତ ଭଲ ପଢୁଥିଲା, ଦଶମରେ ଫାଷ୍ଟ କ୍ଲାସରେ ଆଉ ଭଲ ନମ୍ବର ରଖି ମଧ ପାସ୍ କରି କଲେଜରେ ପଢୁଥିଲା। ସମସ୍ତଙ୍କ ପ୍ରିୟପାତ୍ର ଥିଲା। ସେଦିନ ଗରିବ ପଣିଆ ବହୁତ ଆଘାତ ଦେଇଥିଲା। ଜାଣେ ମୁଁ ଅସହାୟ ମୁଁ ଗରିବ ଅଭାବରେ ଅଛି କିନ୍ତୁ ମୋ ସ୍ୱାଭିମାନ କେବେ ହରେଇନି କି କେବେ ହରେଇବିନି। ସେଦିନ ଭାଙ୍ଗି ପଡ଼ିଥିଲି। ନିଜକୁ ଧିକାର ଲାଗିଲା ଯେ ନିଜ ପୁଅକୁ ପଢେଇ ପାରୁନି ସେ କଣ ମଣିଷ।

ବା ଦିନେ ସକାଳୁ ସକାଳୁ ଶୋଇବା ଜାଗାରୁ ଉଠେଇ ମହାଜନ ପାଖକୁ ନେଇ ପହଞ୍ଚିଗଲା। ମୁଁ ସେତେବେଳକୁ ବହୁତ ଡ଼ରିଯାଇଥିଲି। କାହିଁକି ନା ଆମ ମହାଜନଙ୍କ ଝିଅ ସ୍ନିଗ୍ଧା ମୋ ସାଙ୍ଗରେ କଲେଜରେ ପଢୁଥିଲା। ମୋ ଠାରୁ ନୋଟ ନେଇ ଲେଖାଲେଖି କରେ। ଅବଶ୍ୟ ମୋତେ ସେ ନୋଟ ଭିତରେ କିଛି ତା ମନର କଥା ଲେଖେ। କିନ୍ତୁ ସେ ସବୁକୁ ମୁଁ ଧ୍ୟାନ ଦିଏନି। ମୁଁ ଜାଣେ ବଡ଼ଲୋକଙ୍କ କଥାରେ ଭାଷିବା ଠିକ୍ ନୁହେଁ। ଠିକ୍ ସମୟରେ ସେ ବେହିମାନି ହେବାକୁ ପଛେଇବେନି। ତାପରେ କାହିଁ ରାମଚନ୍ଦ୍ର କାହିଁ ରାମିଆ ଭଣ୍ଡାରି। ଗରବିକୁ ସ୍ୱପ୍ନ ଦେଖିବା ମନା। ମୁଁ ଭାବିଲି କିଛି ଅଘଟଣ ଘଟିଛି ବୋଧେ। କିନ୍ତୁ ସେମିତି କିଛି ହେଲାନି। ଯାହା ହେଉ ମଣିଷ ଟିକେ ଶାନ୍ତିରେ ନିଃଶ୍ୱାସ ମାରିଲା। ବା'ର ଦୁଃଖ ଜଣାଇଲା ପରେ ତା କଥା ଶୁଣି ମହାଜନ ଚାରିମାଣ ଜମି ଭାଗଚାଷୀ ହିସାବରେ ଦେଇଦେଲେ। କିନ୍ତୁ ଭାଗ ହିସାବରେ ଯାହା ଅମଳ ହେବ ଧାନ, ଅଧା ଆମର ଆଉ ଅଧା ତାଙ୍କର। ସେ ସନ ମୁଣ୍ଡଝାଳ ତୁଣ୍ଡରେ ଦେଇ, ପେଟକୁ ପିଠିରେ କରି, ଅଗାଧ ପରିଶ୍ରମ କରି ତିନିପ୍ରାଣୀ ଚାରିମାଣ ଜମିରେ ଧାନ ନୁହେଁ ଯେମିତି କି ସୁନା ଫଳେଇଥିଲୁ। ଯିଏ ସେଇ ରାସ୍ତାରେ ଯିବ ଘଡ଼ିଏ ପେଟ ପୁରେଇ ଦେଖିବ।

ମା ଭଣ୍ଡାର ଶୁଣି ଯେତେବେଳେ ଦାଉ ସାଧିବ ତାକୁ କିଏ ରକ୍ଷା କରିବ। ହଠାତ କୋଉଠୁ ଏକ ଲଘୁଚାପ ଝଡ଼ ବାତ୍ୟା ଆସିଲା, ସବୁ ଧାନ ପାଣିରେ ବୁଡ଼େଇ ନଷ୍ଟ କରିଦେଲା। ଆମେ ଗରିବ ହୋଇପାରୁ ସତ, କିନ୍ତୁ କଥା ଏକ, କାମ ବି ଏକ। ଯାହା ଅମଳ କଲୁ ମହାଜନକୁ ଅଧା ଦେଇ ଅଧା ଆଣିଲୁ।

ସରକାରଙ୍କ ନୀତି ଅଜବ ଅଟେ। ସରକାର ବାତ୍ୟା ପାଇଁ ଯେତିକି ସହାୟତା କଲେ ସବୁ ଜମି ମାଲିକଙ୍କ ପକେଟକୁ ଗଲା। କିନ୍ତୁ ଆମର ପରିଶ୍ରମକୁ ସରକାର ବୁଝିଲେନି। ସରକାର ସବୁବେଳେ ତେଲିଆ ମୁଣ୍ଡରେ ତେଲ ଦେଇ ଜାଣନ୍ତି। ଆଜିପର୍ଯ୍ୟନ୍ତ ଭାଗଚାଷୀର ମୂଲ୍ୟକୁ ସହାୟତାର କିଛି ନିର୍ଦ୍ଦିଷ୍ଟ ନିୟମ ନାହିଁ। ଯେମିତିକି ଆମ ଭଳି ଗରିବ ଭାଗ ଚାଷୀମାନଙ୍କର ଜୀବନ ଦୁର୍ବିସହ ହୋଇଯାଉଛି। ଦେଖିବା ମା ଭଣ୍ଡାର ଶୁଣି କେବେ ଏ ଗରିବ ଭାଗଚାଷୀଙ୍କ ଡ଼ାକ କେବେ ଶୁଣୁଛି। ସେତିକିରେ ସରକାରଙ୍କ ଗରିବଙ୍କୁ ଶୋଷଣ ସରିଲାନି ଯେ ଯେତିକି ଧାନ ଅମଳ କରିଥିଲୁ ସେତିକି ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କରିପାରିଲୁନି। ବାଧ ହୋଇ ମହାଜନକୁ କମ୍ ଦାମରେ ବିକ୍ରି କଲୁ। କିନ୍ତୁ ମହାଜନଙ୍କ ନିଜ ଜମି ଥିବାରୁ ସେ ସେମିତିରେ ନିର୍ଦ୍ଧାରିତ ମୂଲ୍ୟରେ ଆମମାନଙ୍କ ଧାନ ନେଇ ବିକ୍ରି କରି ଲାଭବାନ ହେଲେ। ସରକାରଙ୍କ ଅଜବ ନିୟମ। ଆରେ ସରକାର ବୁଝିବା ଦରକାର ଯେ ରାଜ୍ୟରେ ଯେତିକି ଧାନ ଉତ୍ପାଦନ ହେଉଛି ସବୁ ସରକାରଙ୍କ କିଣିବା ଦାୟିତ୍ୱ। କିନ୍ତୁ ଆମ ଗରିବ ଭାଗଚାଷୀଙ୍କ ଧାନ ନେବ କିଏ ? ଆମେ କଣ ଏଇ ରାଜ୍ୟବାସୀ ନୁହେଁ। କେବେ ସରକାର ଧାନର ଅଭାବୀ ବିକ୍ରିର ସମାଧାନ କରିବେ।

ଏପଟେ ମହାଜନଙ୍କ ତାଗିଦ୍ ଶୀଘ୍ର ମୋ ଟଙ୍କା ସୁଧ ସହ ଦିଅ ନହେଲେ ସେ ମାଣକ ଜମି ମୋ ନାଁରେ କରିଦିଅ। ଗରିବ ହେଲୁ ବୋଲି କଣ ଆମର କିଛି ନାହିଁ। ମୋ ବା ଶେଷକୁ ମହାଜନଙ୍କ ଅପମାନ ସହିନପାରି ଜମି ତାଙ୍କ ନାଁରେ କରିଦେଲା। ବୋଝ ଉପରେ ନଳିତା ବିଡ଼ା ପରି ସମିତିର ବାବୁମାନେ ଆସି ନାଲି ନୋଟିସ୍ ଦେଇ ଯାଇଛନ୍ତି ଯେ, ଆମର ଋଣ କୋଡ଼ିଏ ହଜାର ଟଙ୍କା ବାଦ୍ ସୁଧ ଯାହା ହୋଇଛି। ବା ଏସବୁକୁ ଚିନ୍ତା କରି କରି ବିଛଣା ଧରିଲାଣି। ଓଷଦ ଟିକେ ଆଣିବାକୁ ବି ପଇସା ନାହିଁ। ବା କହୁଥିଲା ସେ ଆମ ଗାଁ ସାଧୁ କାକା ସମିତିରୁ ଲୋନ କରେଇବା ପାଇଁ ହଜାରେ ଟଙ୍କା ଲାଞ୍ଚ ଦେଇଥିଲେ। ତାପରେ ବରଷକୁ ଦୁଇଥର ସମିତିର ଲୋକମାନେ ଆସି କାଗଜରେ ଦସ୍ତଖତ କରି ନେଇ କହନ୍ତି ତୁମର ସରକାର ସୁଧ ରିହାତି କରି ଦେଇଛନ୍ତି, ତୁମ ଋଣ ନବୀକରଣ ହୋଇଗଲା। ମୋ ବା ମୂରୁଖ ଲୋକ, କେତେବେଳେ କଣ ଦସ୍ତଖତ କରି ନେଇ କୋଡ଼ିଏ ହଜାର ଟଙ୍କା ବା ନାଁରେ ଋଣ କରି ବାଟମାରଣା କରିବା ଦୁଃଖଦ ଘଟଣା। ଏ ଦୁଃଖ କାହାକୁ କହିବା। କିଏ ବୁଝିବ, ଦସ୍ତଖତ ତ ବା କରିଛି। ଗରିବର ଗରିବୀ ପଣିଆକୁ ସମସ୍ତେ ଦାଉ ସାଧୁଛନ୍ତ। ଏ ସବୁ ଦୁଃଖରେ ବା ଭାଙ୍ଗିପଡ଼ିଲା।


ଘରେ ଦିଓଳି ଖାଇବା ଓ ଓଷଦ ଟିକେ ଆଣିବାକୁ ପଇସାଟିଏ ନାହିଁ। ବାଧ ହୋଇ ବା ଓ ମାକୁ ଛାଡ଼ି ସୁରଟ ଯାଇ କାରଖାନାରେ କାମ କଲି। ସେଠାକାର ବାବୁମାନେ ମୋ କାମ ଦେଖି ଛ'ମାସରେ ଦରମା ବଢେଇଲେ। ବେଶ୍ ଦୁଇ ବରଷରେ ଭଲ ପଇସା ରୋଜଗାର କରି ଗାଁରେ ଥିବା ଧାର ଉଧାର ସବୁ ପରିଶୋଧ କରିଦେଲି। କି କରୋନା ମହାମାରୀ ଆସିଲା ଯେ ସୁରଟ ସରକାର କାମରୁ ବିଦା କରିବା ସହ ନିଜ ନିଜ ଘରକୁ ପଠେଇଦେଲା। ଯାହା ଦି ପଇସା ରୋଜଗାର କରିଥିଲୁ ଗାଁକୁ ୪ମାସ ହେବ ଆସି ଖାଇ ସାରିଲୁଣି। କରୋନା ସରିବ ନା ଗରିବର ଦୁଃଖ ଯିବ। ଏବେ କଣ କରିବୁ। ଗରିବର କ'ଣ ଦୁଃଖ ସରିବନି। ଗରିବର ଭାଗ୍ୟ କହିବାନି ତ ଆଉ କଣ କହିବା। ଆମ ଭାରତ ଦୀର୍ଘ ଚଉସ୍ତରୀ ବରଷ ହେବ ସ୍ୱାଧୀନତା ହେଲାଣି କିନ୍ତୁ ଗରିବର ସୂର୍ଯ୍ୟ ଉଦୟ କେବେ ହେବ ? ଗରିବର ସୂର୍ଯ୍ୟ ଉଦୟ ହେଲେ ଆପଣା ଛାଏଁ ସ୍ୱଚ୍ଛ ଭାରତ ହୋଇଯିବ।


+ଆନନ୍ଦପୁର, ଶଳାପଡ଼ା
ମୋ : ୮୨୪୯୪୮୨୫୪୬


## ଓଲିଆରୁ ଗଜା

**ଦୀନବନ୍ଧୁ ନାୟକ**

> ଏ ସବୁ ତ ପୁରାଣ ଯୁଗର ଘଟଣା । ବର୍ତମାନ ପୀରେ ଉଲ୍ଲେଖ ଥିବା କଳିଯୁଗାବ୍ଦ ୫୧୨୧ ବର୍ଷର ବହୁ ପୂର୍ବର ଘଟଣା । କିନ୍ତୁ ଏବେ ଟି.ଭି. ଚାନେଲରେ ଯେଉଁ ବିସ୍ମୟକର ଘଟଣାମାନ ଦେଖୁଛି, ସେଥିରେ ସ୍ୱାଧୀନତା ପୂର୍ବରୁ ଜନ୍ମିତ ମୁଁ, ଆଶ୍ଚର୍ଯ୍ୟଚକିତ ନ ହୋଇ ରହିପାରୁନାହିଁ। ନବମ ଶ୍ରେଣୀ ବା ଦଶମ ଏକାଦଶ ଶ୍ରେଣୀର ପିଲାଟିଏ ଇଲେକ୍ଟ୍ରିକ୍, ଯନ୍ତ୍ରପାତି ନେଇ ଯେଉଁ ମେସିନ୍ ତିଆରି କରିଦେଉଛି, ମୁଁ ତ ହତବାକ୍ ହୋଇଯାଉଛି ।



(ପୂର୍ବପ୍ରକାଶିତ ଉତ୍ତାରୁ...)

କିଛି ଦିନ ପରେ ଧନ ପ୍ରାପ୍ତି ନିମନ୍ତେ କହୋଡଙ୍କୁ ଜନକଙ୍କ ସଭାକୁ ପଠାଇଦେଲେ । ସେତେବେଳେ ମହାଜ୍ଞାନୀ ରାଜର୍ଷି ଜନକଙ୍କ ଦରବାର ସଦାସର୍ବଦା ଜ୍ଞାନଚର୍ଚ୍ଚାରେ ଚଳଚଂଚଳ ଥିଲା । ପୃଥିବୀର ସବୁ ଜ୍ଞାନୀଗୁଣୀଗଣ ସେଠାରେ ଜ୍ଞାନଯଜ୍ଞ କରି ଉତମ ରୂପେ ପୁରୃତ ହେଉଥିଲେ । ଜନକଙ୍କ ଜ୍ଞାନଯଜ୍ଞରେ ବନ୍ଦୀ ନାମକ ଜଣେ ଶ୍ରେଷ୍ଠ ଜ୍ଞାନୀ ଥିଲେ । ସେ ସର୍ତ ରଖି ଶାସ୍ତ୍ରାର୍ଥ କରୁଥିଲେ । ସର୍ତ ଥିଲା - ଯିଏ ହାରିବ, ସେ ଗଙ୍ଗାରେ ବୁଡି ମରିବ । ଏହି ସର୍ତ ଅନୁସାରେ ସେ ଅନେକ ଜ୍ଞାନୀ ବ୍ରାହ୍ମଣଙ୍କୁ ଗଙ୍ଗାରେ ବୁଡାଇ ସାରିଲେଣି । କହୋଡ ତାଙ୍କ ସହିତ ସର୍ତାନୁସାରେ ଶାସ୍ତ୍ରାର୍ଥ କରି, ହାରି ଯାଇ ଗଙ୍ଗାରେ ଝାସ ଦେଲେ । ଏ ଖବର ଉଦ୍ଦାଳକ ପାଇବା ବେଳକୁ କନ୍ୟା ସୁଜାତାର ସନ୍ତାନ ଜନ୍ମ ହୋଇନଥିଲା । କିଛିଦିନ ପରେ ଆଠବାଙ୍କର ପୁଅଟିଏ ଜନ୍ମ ହେଲା, ତା' ନାଁ ହେଲା ଅଷ୍ଟାବକ୍ର କାଳକ୍ରମେ ଅଷ୍ଟାବକ୍ର ଅଜା ଉଦ୍ଦାଳକଙ୍କ ଦ୍ୱାରା ଲାଳିତପାଳିତ ହୋଇ ଓ ଶୀକ୍ଷାଦୀକ୍ଷା ପାଇ ମହାଜ୍ଞାନୀ ହୋଇଗଲେ । ବାରବର୍ଷ ବୟସରଙ୍କ ପିତାଙ୍କ ମୃତ୍ୟୁର କାରଣ ଶୁଣି ବନ୍ଦୀଙ୍କୁ ହରାଇ ଗଙ୍ଗାରେ ବୁଡାଇ ମାରିବାକୁ ନିର୍ଣ୍ଣୟ କରି ଜନକଙ୍କ ଦରବାରକୁ ଗଲେ । ଦରବାରରେ ପହଂଚିବା ମାତ୍ରେ ତାଙ୍କର ଅଷ୍ଟବକ୍ର ଶରୀର ଦେଖି ସମସ୍ତେ ହସି ଉଠିଲେ । ସମସ୍ତେ ହସି ସାରିବା ପରେ ଅଷ୍ଟାବକ୍ର ଖୁବ୍ ଜୋରରେ ହସିଲେ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଜନକ ପଚାରିଲେ -'ଆପଣଙ୍କ ଶରୀରକୁ ଦେଖି ସମସ୍ତେ ହସିଲେ, ଏହା ବୁଝି ହେଉଛି; କିନ୍ତୁ ଆପଣ କାହିଁକି ଏତେ ଜୋରରେ ହସୁଛନ୍ତି ?' ଅଷ୍ଟାବକ୍ର କହିଲେ -'ମୁଁ ଶୁଣିଥିଲି ଏଠାରେ ଜ୍ଞାନଚର୍ଚ୍ଚା ହୁଏ । କିନ୍ତୁ ଦେଖୁଛି ଯେ ଏ ଚମାରଦଳ (ମୋଚୀ) କି ଜ୍ଞାନ ଚର୍ଚ୍ଚା କରିବେ ? ତେଣୁ ହସିଲି ।' ସମସ୍ତଙ୍କୁ ଚମାର କହିବାରୁ ସଭାଜନେ କ୍ଷୁବ୍ଧ ହୋଇଗଲେ । ଜନକ ମଧ ତାଙ୍କର ନମନ୍ତ୍ରିତ ଜ୍ଞାନୀଗୁଣକୁ ଚମାର କହିବାରୁ ନିଜକୁ ଅପମାନିତ ବୋଧ କଲେ । ଅଷ୍ଟାବକ୍ର କହିଲେ 'ରାଜା ଜନକ! ଚମାରମାନେ (ମୋଚୀ) ଚମଡାକୁ ଠିକ୍ ଭାବେ ଚିହ୍ନନ୍ତି । ଏମାନେ ମୋ ଚମଡାମୁଣାକୁ ଚିହ୍ନିଲେ, ଜ୍ଞାନକୁ ଦେଖିପାରିଲେ ନାହିଁ। ତେଣୁ ହସିଲି । ହଉ, ସେ ବନ୍ଦୀ କାହିଁ? ମୋ ସାମ୍ନାକୁ ଆଣ । ମୁଁ ତା' ସହିତ ଶାସ୍ତ୍ରାର୍ଥ କରିବି ଏବଂ ତାକୁ ଗଙ୍ଗାରେ ବୁଡାଇ ମାରିବି ।' ବାରବର୍ଷ ବାଳକର ଏ କଥା ଶୁଣି ମହାରାଜ ଜନକ ବହୁବାର ମନା କଲେ ବି ଅଷ୍ଟାବକ୍ର ଜିଦ୍ ଧରି ବନ୍ଦୀ ସହିତ ଶାସ୍ତ୍ରାର୍ଥ କରି ତାଙ୍କୁ ହରାଇଲେ ଏବଂ ସର୍ତ ଅନୁସାରେ ଗଙ୍ଗାରେ ବୁଡାଇ ଦେବାକୁ କହିଲେ । ବନ୍ଦୀ ନିଜର ହାର ସ୍ୱୀକାର କରି ପ୍ରକୃତ ପରିଚୟ ଦେଲେ। ସେ ପ୍ରକୃତରେ ବରୁଣଙ୍କ ପୁତ୍ର । ପିତାଙ୍କ ଯଜ୍ଞ ପାଇଁ ଉତମ ବ୍ରାହ୍ମଣମାନଙ୍କୁ ହରାଇ ଗଙ୍ଗା ମାଧମରେ ପିତାଙ୍କ ଯଜ୍ଞସ୍ଥଳକୁ ପଠାଉଥିଲେ। ଏବେ ପିତାଙ୍କ ଯଜ୍ଞ ସମାପ୍ତ ହୋଇଛି । କହୋଡଙ୍କ ସହିତ ସମସ୍ତ ଜ୍ଞାନୀଗଣଙ୍କୁ ସେ ସାଙ୍ଗରେ ଧରି ଫେରି ଆସିବେ । ବନ୍ଦୀ ଗଙ୍ଗାରେ ବୁଡ ଦେଲେ। କହୋଡଙ୍କ ସହିତ ସମସ୍ତ ଜ୍ଞାନୀଗୁଣୀଙ୍କୁ ସଶରୀରେ, ସତେଜ ଅବସ୍ଥାରେ ଫେରାଇ ଆଣି ଜନକଙ୍କ ଦରବାରରେ ଉପସ୍ଥିତ ହେଲେ । ସମସ୍ତେ ଆନନ୍ଦିତ ହୋଇ ଅଷ୍ଟାବକ୍ରଙ୍କର ପୂଜା କଲେ ଏବଂ ଜୟଜୟକାର କଲେ । ଜନକ ମହାରାଜ ମହାଜ୍ଞାନୀ ଥିଲେ । ଆତ୍ମଜ୍ଞାନ ନିମନ୍ତେ ତତ୍କ୍ଷାଣତ୍ ଅଷ୍ଟାବକ୍ରଙ୍କ ପାଦତଳେ ପଡିଯାଇ ତାଙ୍କୁ ଗୁରୁବରଣ କଲେ । ଅଷ୍ଟାବକ୍ର ଜନକଙ୍କୁ ଆତ୍ମଜ୍ଞାନ ପ୍ରଦାନ କରି ବିଦେହ କରିଦେଲେ ।

ଏ ସବୁ ତ ପୁରାଣ ଯୁଗର ଘଟଣା । ବର୍ତମାନ ପୀରେ ଉଲ୍ଲେଖ ଥିବା କଳିଯୁଗାବ୍ଦ ୫୧୨୧ ବର୍ଷର ବହୁ ପୂର୍ବର ଘଟଣା । କିନ୍ତୁ ଏବେ ଟି.ଭି. ଚାନେଲରେ ଯେଉଁ ବିସ୍ମୟକର ଘଟଣାମାନ ଦେଖୁଛି, ସେଥିରେ ସ୍ୱାଧୀନତା ପୂର୍ବରୁ ଜନ୍ମିତ ମୁଁ, ଆଶ୍ଚର୍ଯ୍ୟଚକିତ ନ ହୋଇ ରହିପାରୁନାହିଁ। ନବମ ଶ୍ରେଣୀ ବା ଦଶମ ଏକାଦଶ ଶ୍ରେଣୀର ପିଲାଟିଏ ଇଲେକ୍ଟ୍ରିକ୍, ଯନ୍ତ୍ରପାତି ନେଇ ଯେଉଁ ମେସିନ୍ ତିଆରି କରିଦେଉଛି, ମୁଁ ତ ହତବାକ୍ ହୋଇଯାଉଛି । କମ୍ପ୍ୟୁଟର୍‌ରେ ଆହୁରି ଅଦ୍ଭୁତ କାଣ୍ଡକାରଖାନା କରି ପକାଉଛନ୍ତି । ଏତେ ଅଳ୍ପ ବୟସରେ ଏପରି ଉଦ୍ଭାବନ ଦେଖିଲେ ମୋର ମନେ ହେଉଛି, ଏଇମାନେ 'ଓଲିଆରୁ ଗଜା' । ମୋ କିଶୋର ବୟସ କଥା ମନେ ପକାଇଲେ, ଆକାଶ ପାତାଳ ଫରକ୍ ଦେଖୁଛି । ବେଳେବେଳେ ମନେ ହୁଏ, - ଶ୍ରୀମା'ଙ୍କ ଘୋଷଣା ସତ ହେବାକୁ ଯାଉଛି । ୧୯୫୬ ମସିହା ଫେବୃଆରୀ ୨୯ରେ 'ଅତିମାନସ ଚେତନା' ପୃଥିବୀକୁ ସ୍ପର୍ଶ କରି କାର୍ଯ୍ୟ କରିଚାଲିଛି । ବିବର୍ତନର ଧାରା ଅନୁସାରେ ମାନବ ପରେ ଅତିମାନବ ପ୍ରଜାତି ପୃଥିବୀ ପୃଷ୍ଠରେ ବାସ କରିବ । ଏଇମାନେ ସେଇ ଆଗାମୀ ପ୍ରଜାତିର ଅଗ୍ରଦୂତ କି!! ଶ୍ରୀମା'ଙ୍କୁ ଥରେ ପଚରା ଯାଇଥିଲା - 'ଅତିମାନବ ଆସିବାକୁ କେତେ ସମୟ ଲାଗିବ?' ସେ କହିଥିଲେ -'ନିର୍ଦ୍ଧିଷ୍ଟ ସମୟ କହି ହେବନି, କାରଣ ସତ୍ୟଚେତନାକୁ ଗ୍ରହଣ କରିବା ପାଇଁ ପୃଥିବୀ ଚେତନା ଯେତେ ଶୀଘ୍ର ପ୍ରସ୍ତୁତ ହେବ, ସେତେ ଶୀଘ୍ର ଅତିମାନବ ଆସିବ । ତେବେ, ଆନୁମାନିକ ତିନିଶହ ବର୍ଷରୁ ତ କମ୍ ହେବନି ।' ୧୯୫୬ରୁ ମାତ୍ର ୬୪ ବର୍ଷ ହେଲା, ଶହ ପୂରିନି । ପ୍ରଭୁ! ଏଇ ଯୁଗର 'ଓଲିଆରୁ ଗଜା' ମାନଙ୍କୁ ଶକ୍ତି, ସାମର୍ଥ୍ୟ, ସତ୍ୟଚେତନା ପ୍ରଦାନ କରି ସେମାନଙ୍କ ଅଗ୍ରଗତିକୁ ତ୍ୱରାନ୍ୱିତ କରନ୍ତୁ,- ଏତିକି ପ୍ରାର୍ଥନା ।(ସମାପ୍ତ)


+ ସା : ତରାପୁର, ପୋ.ଅ.: ଲକ୍ଷ୍ମୀନଗର
ଜିଲ୍ଲା : ଯାଜପୁର
ମୋ : ୯୯୩୭୫୯୩୪୯୩

ଧ୍ୱନି ପ୍ରତିଧ୍ୱନି

୧୫ ଅଗଷ୍ଟ ୨୦୨୦
ବାଲେଶ୍ୱର ୫

# ସ୍ୱାଧୀନତା ଦିବସ ବିଶେଷାଙ୍କ-୨୦୨୦



## ସ୍ୱାଧୀନତାର ସ୍ୱାଦ

ପଣ୍ଡିତ ହରେକୃଷ୍ଣ ପତି



ହିମାଳୟ ଠାରୁ କୁମାରୀକା ପର୍ଯ୍ୟନ୍ତ ବିସ୍ତୃତ ଭାରତ ଭୂଖଣ୍ଡର ଅସୁମାରି ସମ୍ପଦ ଉପରେ ଯୁଗେ ଯୁଗେ ରହି ଆସିଛି ବୈଦେଶିକ ଶକ୍ତିମାନଙ୍କର ନଜର। କେତେବେଳେ ଇଂରେଜ ତ କେତେବେଳେ ମୋଗଲ, କେତେବେଳେ ଫରାସୀ ତ ପୁଣି କେତେବେଳେ ପର୍ତ୍ତୁଗୀଜ, କାଳେ କାଳେ ଏମାନେ ଏହି ସମ୍ପଦକୁ ଲୁଟି ନେବାର ହୀନ ପ୍ରୟାସ କରି ଆସିଛନ୍ତି। ଏହାକୁ ଆମେ କହୁ ପରାଧୀନତା। ଇଂରେଜମାନେ ବାଣିଜ୍ୟ କରିବାକୁ ଆସି କୂଟ ଚକ୍ରାନ୍ତ କରି ଭାରତର ସମ୍ରାଟ ବୋଲାଇବା ଏବଂ ମୋଗଲମାନେ ବଳପୂର୍ବକ ରାଜାମାନଙ୍କୁ ବନ୍ଦୀ କରି ସେମାନଙ୍କ ସିଂହାସନ ହାତେଇ ନେବା ଆଦି ହେଉଛି ଆମ ପରାଧୀନତାର କାରଣ। ଏହା ପଛରେ ରହିଛି ଆମ ଭାରତବାସୀଙ୍କ ସରଳତା।

୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ରାତ୍ରୀ ୧୨ ଘଟିକା ସମୟରେ ଆମେ ଭାରତୀୟ ସ୍ୱାଧୀନତାର ସ୍ୱାଦ ଚାଖିଥିବା ବେଳେ ସେ ସମୟର ଅପୂର୍ବ ଆନନ୍ଦ କଳ୍ପନାତୀତ ଥିଲା। ୧୬୧୫ ମସିହାରେ ଇଂରେଜ ଦୂତ ସାର ଟମାସ ରୋ, ବାଣିଜ୍ୟର ବନ୍ଧୁତା ନେଇ ଭାରତକୁ ଆସିଥିଲେ। ସେତେବେଳେ ଦିଲ୍ଲୀର ମୋଗଲ ଶାସକ ଥାନ୍ତି ଜାହାଙ୍ଗୀର। ଜାହାଙ୍ଗୀର ଏ ପ୍ରକାର ପ୍ରସ୍ତାବକୁ ସ୍ପଷ୍ଟ ମନା କରିଦେବା ପରେ ଭାଗ୍ୟର ବିଡ଼ମ୍ବନା ସଦୃଶ ତାଙ୍କ ସ୍ତ୍ରୀ ଅସୁସ୍ଥ ହେଲେ। ଇଂରେଜ ଡାକ୍ତରଙ୍କ ଚିକିତ୍ସାରେ ବେଗମ୍ ଆରୋଗ୍ୟ ଲାଭ କରିବାରୁ ସମ୍ରାଟ ଇଂରେଜମାନଙ୍କୁ ବାଣିଜ୍ୟର ଅନୁମତି ଦେଇଥିଲେ। ଇଂରେଜମାନେ କପଟୀ ଆଚରଣ ବଳରେ ନିରୀହ ଭାରତୀୟମାନଙ୍କୁ ଧୋକା ଦେବା ସହ ଦେଶର କୋଣ ଅନୁକୋଣରେ ଅବାଧ ପ୍ରବେଶ କରିଥିଲେ। ସେ ସମୟର ଜଣେ ଇଂରେଜ, ନିଜକୁ ସବୁ କାର୍ଯ୍ୟରେ ଅସଫଳ ମନେକରି ଆତ୍ମହତ୍ୟା ଉଦ୍ୟମ ପୂର୍ବକ ନିଜ ରିଭଲଭରରୁ ଗୁଳି ଚଳାଇଥିଲେ ହେଁ ଗୁଳୁଟି ନ ଫୁଟିବାରୁ ତାଙ୍କ ମନରେ ଆଶା ସଂଚାର ହେଲା ଯେ, ସେ ନମରିବା ପଛରେ କିଛି ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ନିହିତ ରହିଛି। ତେଣୁ ସେ ଭାରତରେ ପ୍ରବେଶ କରି ଇଷ୍ଟ ଇଣ୍ଡିଆ କମ୍ପାନୀ ନାମରେ ଏକ ସଂସ୍ଥା ଖୋଲିବା ସହ ଭାରତର ସମ୍ପଦକୁ ଲୁଟିବା ଆରମ୍ଭ କରି ଦେଇଥିଲେ। ସେତେବେଳର ନିରୀହ ଭାରତବାସୀ, ଚତୁର ଇଂରେଜମାନଙ୍କ ଭେଳିକିରେ ପ୍ରଭାବିତ ହୋଇ ନିଜ ଦେଶର କଞ୍ଚାମାଲକୁ ତାଙ୍କ ହାତରେ ଟେକି ଦେବା ସହ ତାହାକୁ ବିଭିନ୍ନ କାର୍ଯ୍ୟରେ ଲଗାଇବା ପାଇଁ କର ପ୍ରଦାନ କରୁଥିଲେ ଏବଂ ସେହି ସାମଗ୍ରୀକୁ ଇଂରେଜମାନଙ୍କ ଠାରୁ ଚଢା ଦରରେ କ୍ରୟ କରିବାକୁ ବାଧ୍ୟ ହେଉଥିଲେ। ତାଜମହଲ, ହାୱଡ଼ା ବ୍ରିଜ ପରି ପୃଥିବୀର ଆଶ୍ଚର୍ଯ୍ୟକୁ ନିର୍ମାଣ କରିଥିବା ଭାରତୀୟ କୁଶଳୀ କାରିଗରମାନଙ୍କ ହାତ ପାପୁଲି ଓ ଆଙ୍ଗୁଠି କାଟିଦେବା ସହ ସେମାନଙ୍କୁ ଜୀବନରୁ ମାରିଦେବା ପରି ଜଘନ୍ୟ କାର୍ଯ୍ୟ କରିବାକୁ ମଧ୍ୟ ସେମାନେ ପଛାଉ ନଥିଲେ। ସେମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ଲୋକମାନଙ୍କର ଦୁର୍ଦ୍ଦଶା ମଧ୍ୟ ସମାନ ଥିଲା। ସେମାନେ ଭାରତ ଛାଡ଼ି ଯିବା ପୂର୍ବରୁ ଅଖଣ୍ଡ ଭାରତକୁ ଖଣ୍ଡ ବିଖଣ୍ଡିତ କରିବାରେ ମଧ୍ୟ ସଫଳ ହୋଇଥିଲେ। ଅଖଣ୍ଡ ଭାରତକୁ ଭାରତ, ପାକିସ୍ଥାନ ଓ ବାଂଲାଦେଶ, ତିନି ଭାଗରେ ବିଭକ୍ତ କରି ଦେଇଥିଲେ। ଏହିପରି ହଜାର ହଜାର ଶହୀଦଙ୍କ ବଳିଦାନର ଉପହାର ସ୍ୱରୂପ ଆମେ ସ୍ୱାଧୀନତା ପ୍ରାପ୍ତ ହୋଇଥିଲେ ସତ, କିନ୍ତୁ ସାମ୍ପ୍ରତିକ ସମୟରେ ଆମ ପାଇଁ ସ୍ୱାଧୀନତାର ସଂଜ୍ଞା ବଦଳି ଯାଇଛି ଆମ ଦେଶର କିଛି ସ୍ୱାର୍ଥପର ଜନନାୟକ, ଅସାଧୁ ଧନୀକ ବର୍ଗ, ବେଇମାନ ବ୍ୟବସାୟୀ ଏବଂ ନିଜା ନୈତିକତା ହରାଇଥିବା ଶାସକ, ପ୍ରଶାସକ, କର୍ମଚାରୀ ଓ ଅଧିକାରୀମାନଙ୍କ ପାଇଁ।

୧୯୫୦ ମସିହାରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଦ୍ୱାରା ସୃଷ୍ଟି ହୁଏ ଭାରତୀୟ ସମ୍ବିଧାନ। ସେହି ସମ୍ବିଧାନ ଅନୁଯାୟୀ ଚାଲେ ଆମ ଦେଶର ଗଣତନ୍ତ୍ର। ପ୍ରଥମ ପ୍ରଧାନମନ୍ତ୍ରୀ ଚାଚା ନେହେରୁଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନର ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ ଅଦ୍ୟାବଧି ଆମେ ଶାସିତ ହୋଇ ଆସୁଅଛୁ। ମହାତ୍ମାଗାନ୍ଧୀ, ରାମରାଜ୍ୟର ସ୍ୱପ୍ନ ଦେଖିଲା ବେଳେ ଏମିତି ଏକ ଭାରତର କଳ୍ପନା କରିଥିଲେ, ଯେଉଁଠି ଭୟ, ଦୁର୍ଦ୍ଦଶା, କ୍ଷୁଧା, ଦୁର୍ନୀତି, ନାରୀ ନିର୍ଯ୍ୟାତନା, ଅସ୍ପୃଶ୍ୟତା, ଅତ୍ୟାଚାର ଓ ହୀନମନ୍ୟତାର ଲେଶ ମାତ୍ର ନଥିବ। ଯେଉଁ ଦିନ ନାରୀଟିଏ ଭାରତୀୟ ରାଜରାସ୍ତାରେ ଅର୍ଦ୍ଧରାତ୍ରୀରେ ନିର୍ଭୟରେ ବିଚରଣ କରି ପାରିବ, ସେହି ଦିନ ହିଁ ଆମେ ସ୍ୱାଧୀନ ବୋଲି ପ୍ରମାଣିତ ହେବ। ଆମେ ସ୍ୱାଧୀନ ହୋଇ ବି ଆଜି ସମ୍ପୂର୍ଣ୍ଣ ପରାଧୀନ। ଏହାର କାରଣ ଆମେ ନିଜେ ଓ ଆମର ଦେଶବାସୀ। ବର୍ତ୍ତମାନ ସମାଜରେ ଘଟି ଚାଲିଥିବା ଦୈନନ୍ଦିନ ଘଟଣାବଳିରେ ସ୍ୱାଧୀନତାର ସାମାନ୍ୟ ଝଲକ ନଥିବାର ଦେଖିବାକୁ ମିଳେ। ଏଠାରେ ମଣିଷଙ୍କୁ ପଶୁ ପରି ରହିବାକୁ ପଡୁଛି। ଗଣତନ୍ତ୍ର ରାଷ୍ଟ୍ରରେ ଜନତାଙ୍କ ଭୋଟ ପାଇ ନେତା ସାଜିଥିବା ଲୋକେ ଏ ଦେଶର ଗରୀବ ଜନସାଧାରଣଙ୍କୁ କ୍ରମାଗତ ଭାବେ ଲୁଣ୍ଠନ କରି ଚାଲିଛନ୍ତି। ଗରୀବି ହଟାଓ ଯୋଜନା ନାମରେ ଦେଶକୁ ଅଧିକ ଦରିଦ୍ର ସଜା ଯାଉଥିବା ବେଳେ ଦେଶର ପ୍ରଗତିରେ ଦେଶର ରକ୍ଷକମାନେ ହିଁ ବାଧକ ସାଜୁଛନ୍ତି। ଦେଶର ମେରୁଦଣ୍ଡ ବୋଲାଉଥିବା ଚାଷୀ ଠାରୁ ଆରମ୍ଭ କରି ଗରୀବ, ଖଟିଖିଆ, ଭିନ୍ନକ୍ଷମ, ଛାତ୍ରଛାତ୍ରୀ, ମହିଳା, ଆଦିବାସୀ, ହରିଜନ, ପଛୁଆବର୍ଗ, ଶିଶୁ, କିନ୍ନର ମାନଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ପାଇଁ କାଗଜ କଲମରେ ଯୋଜନା ପରେ ଯୋଜନା ପ୍ରଣୟନ ହେଉଥିବା ବେଳେ ପ୍ରତ୍ୟେକ ସ୍ତରରେ ସେମାନଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଛି। ସ୍ୱାଧୀନତା ପରେ କୃଷି, ଶିକ୍ଷା, ସାମାଜିକ ସୁରକ୍ଷା, ଦରଦାମ ନିୟନ୍ତ୍ରଣ, ମୌଳିକ ସାମଗ୍ରୀ ବଣ୍ଟନ, ବାଣିଜ୍ୟ, ସ୍ୱାସ୍ଥ୍ୟ, ନାରୀ ଓ ଶିଶୁ ସୁରକ୍ଷା, ସରକାରୀ ସହାୟତା, ଉନ୍ନତୀକରଣ, ଆତଙ୍କବାଦ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ସମ୍ବନ୍ଧୀୟ ସଚେତନତା, ପୁଞ୍ଜି ବିନିଯୋଗ ଆଦି ସମସ୍ତ କ୍ଷେତ୍ରରେ କେବଳ ଅବନତି ଦେଖାଯାଇଛି ଆମ ଦେଶରେ। ତଥାକଥିତ ସରକାରୀ ବାବୁ, ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ନିର୍ବାଚିତ ଲୋକପ୍ରତିନିଧିମାନେ ଜନତାର ରକ୍ଷକ ବଦଳରେ ସାଜିଛନ୍ତି ଭକ୍ଷକ। ଚାଷୀମାନଙ୍କୁ ଚଢା ଦରରେ ସମସ୍ତ ସାମଗ୍ରୀ ଦେଇ ତା' ଠାରୁ ଶସ୍ୟ କିଣିଲା ବେଳେ ତା'କୁ ଲୁଣ୍ଠନ କରାଯାଏ ଏ ଦେଶରେ। ମାସକୁ ଲକ୍ଷେ ଟଙ୍କା ବେତନ ପାଉଥିବା ଜଣେ ବାବୁ ଯେଉଁ ଦରରେ ଆବଶ୍ୟକୀୟ ସାମଗ୍ରୀ କିଣେ, ଦିନକୁ ଦେଢ ଶହ ଟଙ୍କା ମଜୁରୀ ପାଉଥିବା ସାମାନ୍ୟ ଦିନ ମଜୁରିଆଟିଏ ମଧ୍ୟ ସେହି ଦରରେ କିଣିବାକୁ ବାଧ୍ୟ ହୁଏ। ଏ ଦେଶରେ କୌଣସି ପ୍ରସଙ୍ଗ ଉପରେ ନିୟନ୍ତ୍ରଣ ନାହିଁ। ଏବେ ବି ସ୍ୱାଧୀନ ଭାରତର ନାଗରିକ ପୂର୍ବ ପରି ନିଷ୍ପେଷିତ ତଥା ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଥିବାର ସ୍ପଷ୍ଟ ଚିତ୍ର ବାରି ହେଉଥିବା ବେଳେ ଫିରିଙ୍ଗି ଶାସନର ଛାପ ଆମ ଦେଶରୁ ଯାଇ ନଥିବା ପରି ମନେହୁଏ। ଆମେ ଏବେ ବି ପରାଧୀନ ଏବଂ ଏହା ହିଁ ଆମ ଭାରତବାସୀଙ୍କ ପାଇଁ ସ୍ୱାଧୀନତାର ସ୍ୱାଦ।

+ସା./ପୋ.-ପଧାନପଡ଼ା, ଜି-ଭଦ୍ରକ,
ପିନ୍-୭୫୬୧୧୪।
ମୋବାଇଲ ନଂ.-
୭୫୦୪୪୨୪୬୦୧।



## ବିଧାତା ନିର୍ଦ୍ଦିଷ୍ଟ

ସବିତା ହୋତା ମହାପାତ୍ର



ମଣିଷ ଜଙ୍ଗଲ ଯନ୍ତ୍ର ଦାନବ
କରିଛି କାୟା ବିସ୍ତାର,
ପକ୍ଷିକୁଳ ଜୀବକୁଳ ଭୀତତ୍ରସ୍ତ
ପ୍ରକୃତିର ରୂପ ଛାରଖାର ॥

ଆସିଲା କି କାଳ ସରବେ ନିଶ୍ଚଳ
ନୀରବ କିଂ କର୍ତ୍ତବ୍ୟ,
ଆତଙ୍କିତ ମହାରୋଗ କବଳିତ
ବସୁନ୍ଧରା ହାରି ବସେଧୈର୍ଯ୍ୟ ॥

ବିଧିର ବିଧାନ ସରବେ ଅଧୀନ
ନିୟନ୍ତ୍ରଣ ହାରେ ଭାରସାମ୍ୟ,
ଏ'କି ହେଲା ଏ'କି ହେଲା ପୃଥିବୀର
ମାନଚିତ୍ର ଧୀରେ ହୁଏ ଶୂନ୍ୟ ॥

ଗ୍ରରିଆଡେ ଖାଲି ସଜଗ ପ୍ରହରୀ
ସହର ନଗର ଗ୍ରାମ ହାଟ,
କିଣା ବିକା ମଉଛବ ନାହିଁ
ମଣିଷର ନାହିଁ ଆତଯାତ ॥

ଦେଶ ଦେଶ ଘୁରି ବୁଲୁଛି ଭୂତାଣୁ
ସମୟ ନ ଦେଇ ଏକ ଦଣ୍ଡ,
କବାଟ କିଳିଲେ ସଜାଗ ଜନତା
ଅର୍ଥନୀତି ଭାଙ୍ଗେ ମେରୁଦଣ୍ଡ ॥

କିନ୍ତୁ ଏଣେ କୃଷ୍ଣଚୂଡ଼ା ଡାଳେ ଶୁଭେ
ଦିବା ସଞ୍ଜେ କୋଇଲିର ଗୀତ,
କହି ଦେଉଅଛି ପକ୍ଷି ଜଗତକୁ
ଆଉ ଡ଼ର ନାହିଁ ଆରେ ମିତ ॥

ମାଙ୍କଡ଼ ବାଦୁଡ଼ି ଉପଦ୍ରବ୍ୟଶୂନ୍ୟ
ଉପବନ ଦିଶେ ପରିପୂର୍ଣ୍ଣ,
ନିଜ ବାସ ସ୍ଥାନେ କାଟନ୍ତି ସମୟ
ନିଜ ନୀଡ ନିଜ ସ୍ୱର୍ଗ ଜାଣ ॥

ପଥ ପ୍ରାନ୍ତ ସିନା ଜନ ଯାନ ହୀନ
ଗୋ'ମାତା ଓ ଶ୍ୱାନ ହା'ହତାଣ,
ଗ୍ରୀଷମ ସକାଳ ସଞ୍ଜୁଆ ବତାସ
ଟାଣେ କିନ୍ତୁ ଫୁଲ ଫଳ ବାସ ॥

ନିଦାଘ ମେଲିଛି ଫୁଲ ବି ଫୁଟିଛି
ବିଶୁଦ୍ଧ ପବନ ବାସ ବିତରୁଛି,
ଯାନବାହାନର ରୋଳ ନାହିଁ ଆଉ
କାରଖାନା ଧୂଆଁ ହଜିତ ଯାଇଛି ॥

ନିଜ କୋଠରୀରେ ଆବଦ୍ଧ ମଣିଷ
ହୋଇ ବସେ କାରିଗର,
ଏଇ ସମୟ ତ' ଈଶ୍ୱରଙ୍କ ଦତ୍ତ
କରିବାକୁ ଆତ୍ମ ଆବିଷ୍କାର ॥

ଜଙ୍ଗଲୀ ମାନବ ନିଜକୁ ନ ଚିହ୍ନି
ପାଲଟିଥିଲା ଶ୍ରମିକ,
ବାତାବରଣକୁ ବ୍ୟାକୁଳିତ କରି
ସାଜିଥିଲା ସେ ଘାତକ ॥

ଧୀରେ ଧୀରେ ବୁଝିପାରୁଛି ସେ ନର
ଧରଣୀକୁ ଅତ୍ୟାଗ୍ରର ଫଳ,
ବିଜ୍ଞାନ ପ୍ରୟୋଗ ଚମତ୍କାର ପୁଣି
ଆଣି ପାରେ ବିଶ୍ୱେ ହାହାକାର ॥

ଧରମ ଭାବନା ଜାବୁଡି ଧରୁଛି
କୃତ କର୍ମଫଳ କରି ଚିନ୍ତା,
ପ୍ରଣତି ଡାଳୁଛି ହାତ ଟେକିଦେଇ
ରକ୍ଷା କର, ବିଶ୍ୱ ନିୟନ୍ତା ॥

ଯେତିକି ନିର୍ଦ୍ଦୟ ହେଲ ପ୍ରଭୁ ତୁମେ
ଶିକ୍ଷା ସର୍ତ୍ତକର ଦେଇ ବାଣୀ,
ତୁମ ଇଙ୍ଗିତରେ ଧରା ପୁଣି ହସୁ
ଦୁଃଖ ରାତି ପାହୁ ଏ ମାଗୁଣି ॥

+ଭୁବନେଶ୍ୱର

## ୭୩ ବର୍ଷର୍ ସ୍ୱାଧୀନତା ନା ହଜାରେ ବର୍ଷର୍ ଦାସତ୍ୱ

ପ୍ରଦୀପ ସେନାପତି



ସଂପ୍ରତି ଭାରତ ସରକାର ଏବଂ ଦେଶବାସୀ ୭୩ତମ ସ୍ୱାଧୀନତା ଦିବସ ପାଳନ କରୁଛନ୍ତି । ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରୁ ବ୍ରିଟସ ଦାସତ୍ୱ ରୁ ମୁକ୍ତ ହେବାର ୭୩ ବର୍ଷ ପୁରଣ ହୋଇଛି ଏବଂ ଆମେ ସ୍ୱାଧୀନ ବୋଲି ଏ ଉତ୍ସବପାଳନ କରାଯିବ । ଏଥିପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅନେକ ବ୍ୟୟ ବହୁଳ କାର୍ଯ୍ୟକ୍ରମ ସହ ଅନେକ ନାଟକବାଜି ପ୍ରଦର୍ଶିତ ହେବ । ଚାରିଆଡ଼େ ରେଡ୍ ଆଲର୍ଟ ଜାରି କରାଯାଇ ଏପରି ଉତ୍ସବ ପାଳନ କରାଯିବ । କାରଣ ଆତଙ୍କବାଦୀ ଆକ୍ରମଣରେ ସରକାର ଯେମିତି ହେଲେ ବି ସ୍ୱାଧୀନ ବୋଲି ଦେଖେଇହେବା ନିହାତି ଦରକାର । ଅଗଷ୍ଟ ୧୫ରିଖ୍ ଠିକ୍ ନଅ ଦିନ ପୂର୍ବରୁ ଗତ ୧୩ ମସିହାରେ ପାକିସ୍ତାନ ଆକ୍ରମଣ ପରେ ପରେ ୫ଜଣ ସୈନିକ ଶହୀଦ ହେବା ଏବଂ ସେମାନଙ୍କ ମୁଣ୍ଡ କାଟି ନେବା ଘଟଣାକୁ ଘଣ୍ଟ ଘୋଡ଼ାଇବାକୁ ଯାଇ ଏଥିରେ କିଛି ଆତଙ୍କବାଦୀ ପାକିସ୍ତାନ ସୈନ୍ୟର ବେଶରେ ଆକ୍ରମଣ କରିଛନ୍ତି ବୋଲି ସେତେବେଳର କେନ୍ଦ୍ର ସରକାର କହିଥିଲେ । ଚାରିଆଡ଼େ ଭୟ, ଆତଙ୍କ, ଆର୍ତ୍ତନାଦ । ଏଭଳି ହା ହାକାରମୟ ସ୍ଥିତିବେଳେ ସବୁଠି ରେଡ୍ ଆଲର୍ଟ ଜାରି କରାଯାଇ ଆମେ ସ୍ୱାଧୀନ ବୋଲି ଉ୍ଲସିତ ହେବା ଅତ୍ୟନ୍ତ ହାସ୍ୟସ୍ପଦ, ଲଜ୍ୟା ଜନକ ଏବଂ ଏହା ଆମର ବିକୃତ ମାନସିକତାର ପରିଚୟ ମାତ୍ର । ଏଭଳି ସ୍ୱାଧୀନତାକୁ ମାନିବାକୁ ମୋଟେ ପ୍ରସ୍ତୁତ ନୁହେଁ ଏ ଲେଖକ । ବରଂ ଏବେବି ସେମିତି ପରାଧୀନତାର ନାଗଫାଶରେ ବନ୍ଧା ଯେଉଁଥିରୁ ମୁକ୍ତି ପାଇଁ ଲଢ଼ିବାକୁ ହେବ । ଆଉ ଏକ ଜବରଦସ୍ତ ସ୍ୱାଧୀନତା ସଂଗ୍ରାମ ଦରକାର । ଯେଉଁଥି ପାଇଁ ଆମର ବିଚାର ପ୍ରଥମେ ସ୍ପଷ୍ଟ ହେବା ଉଚିତ । କାହିଁକି ଏମିତି ଆମେ କରୁଛୁ ଯେଉଁଠି ଭାରତ ସରକାର ଡ଼ିଣ୍ଡିମ ପିଟି ଚାଲିଛି ୭୩ତମ ବର୍ଷର ସ୍ୱାଧୀନତା ବୋଲି । କଥାର ଓ ଲେଖାର ଆରମ୍ଭ କରିପାରେ ୧୦୯୩ରୁ ଯେବେ ଭାରତର ଶ୍ରେଷ୍ଠ ସ୍ୱାଧୀନ ହିନ୍ଦୁ ସମ୍ରାଟ ପୃଥ୍ୱୀରାଜ ଚୌହାନ ପରାସ୍ତ ଓ ନିହତ ହେଲେ ବିଦେଶୀ ଆକ୍ରମଣକାରୀ ମହମ୍ମଦ ଘୋରୀ ହାତରେ । ତା'ପରେ ଘୋଟି ଆସିଲା ଭାରତର ଭାଗ୍ୟା ଆକାଶରେ ପରାଧୀନତାର କଳାବାଦଲ । ଭୁଲୁଣ୍ଠିତ ହେଲା ଅନେକ ମଠ, ମନ୍ଦିର, ଧର୍ମାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ । ତା ଯାଗାରେ ଛିଡ଼ା ହେବାକୁ ଲାଗିଲା ମସଜିଦ୍ ଦରଗାହ ଇତ୍ୟାଦି ଇତ୍ୟାଦି । ଭାରତୀୟ ସଂସ୍କୃତି, ଶିକ୍ଷା, ସାହିତ୍ୟ, ଧର୍ମ, ବିଜ୍ଞାନ, ଭାଷା ପରମ୍ପରା ସବୁରି ଉପରେ ଆରମ୍ଭ ହେଲା ବର୍ବରତାପୂର୍ଣ୍ଣ ବିଦେଶୀ ଆକ୍ରମଣ । ଭୁଲୁଣ୍ଠିତ ହେଲା ଅନେକ ନାରୀଙ୍କ ସତିତ୍ୱ । ଭାରତମାତା ହେଲା ଆହତ, ପରାହତ । ଚାରିଆଡ଼େ ଖାଲି ଆତଙ୍କ, ଭୟ ଓ ଆର୍ତ୍ତନାଦ। ଏଇ ହାହାକାରମୟ ପରିବେଶ ମଧ୍ୟରେ କଟା ଘା'ରେ ଚୁନଭଳି ଭାସି ଆସିଲା 'ଆଲ୍ଲା ହୋ ଆକବର' ର ବିଲୁଆ ରଡ଼ି । ଯେଉଁଠାରେ ଦିନେ ହେଉଥିଲା ଓଁକାର ପୂର୍ବକ ବୈଦିକ ମନ୍ତ୍ର । ପ୍ରତିବିମ୍ବିତ ହେଲା ହୋମ, ଯଜ୍ଞ, ସଂକୀର୍ତ୍ତନ । ଖଜଣା ଲାଗିଲା ହିନ୍ଦୁତୀର୍ଥ ଯାତ୍ରୀଙ୍କ ଉପରେ । ସଂସ୍କୃତ ସ୍ଥାନରେ ଉର୍ଦ୍ଦୁ ଓ ଆରବିକ ହେଲା ଶାସନର ଭାଷା । ଏସବୁ ଦୁର୍ଦ୍ଦିନ ଦୁର୍ବଳ ହେବା ବେଳକୁ ମାଡ଼ି ଆସିଲା ଆହୁରି ମହାଦୁର୍ଦ୍ଦିନ । ବ୍ରିଟସ ମାନଙ୍କ ଶାସନ ଏକ ବିଦେଶୀ ଇଷ୍ଟ ଇଣ୍ଡିଆ କମ୍ପାନୀ ହାତରେ । ଯେଉଁ କାଳରେ ବଳକାଥିବା ଭାରତୀୟ ଶିକ୍ଷା, ସଂସ୍କୃତିକୁ ସମ୍ପୁର୍ଣ୍ଣ ବିଲୋପ ପାଇଁ ବ୍ୟବସ୍ଥା କରାଯାଇ ପ୍ରଚଳିତ ହେଲା ମ୍ୟାକୁଲେ ପଦ୍ଧତି । ଯାହାକୁ ଜବରଦସ୍ତ ସମାଜରେ ପ୍ରତିଷ୍ଠିତ କରାଗଲା । ସମ୍ପୁର୍ଣ୍ଣରୂପେ ଯାହା ଏବେ ବି ବଳବତ୍ତର ରହିଛି । ଯେଉଁ ଦାସତ୍ୱରୁ ମୁକ୍ତିପାଇଁ ଅନେକ ରାଷ୍ଟ୍ରଭକ୍ତ ଦେଇଥିଲେ ନିଜ ରକ୍ତର ଆହୁତି । ଯାହାଙ୍କ ପ୍ରତିଭାର ପ୍ରତିଟି କଣିକା ଥିଲା ଭାରତ ମାଟି ପାଇଁ ମହତ୍ୱପୂର୍ଣ୍ଣ । ସେମାନଙ୍କ ମଧ୍ୟରେ ଅଗ୍ରଣୀଥିଲେ ଶହୀଦ ଭଗତ ସିଂ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉଦ୍ଧାମ ସିଂ, ଜୟୀ ରାଜଗୁରୁ, ଲାଲା ଲଜପତି ରାୟ, ତାନ୍ତିଆ ଟୋପେ, ବାଜି ରାଉତ, ବୀର ସୁରେନ୍ଦ୍ର ସାଏ, ନାନା ସାହେବ ଏବଂ ଏମିତି ଅନେକ ଅନେକ ମହାନ୍ ମହାନ୍ ବ୍ୟକ୍ତିତ୍ୱ । ଯେଉଁମାନଙ୍କ ପ୍ରତ୍ୟେକ ରକ୍ତ ବିନ୍ଦୁ ଥିଲା ଭାରତମାତା ପାଇଁ ଉତ୍ସର୍ଗୀକୃତ । କେହି କାହାକୁ କମ ନଥିଲେ । ନେତାଜୀ ସୁଭାଷ ଥିଲେ ତତ୍କାଳୀନ ଆଇ.ଇ.ଏସ୍. ଟପ୍ପର । କିନ୍ତୁ ବ୍ରିଟସର ଗୋଲାମୀ କରିପାରିବେନି ବୋଲି ଡ଼େଇଁ ପଡ଼ିଲେ ମୁକ୍ତି ସଂଗ୍ରାମରେ । ଶହୀଦ ଉଦ୍ଧାମ ସିଂ ବିଦେଶରେ ପାଠ ପଢୁଥିଲେ । ଛୁଟିରେ ଘରକୁ ଆସି ଦେଖିଲେ ଜାଲିଆନ୍ୱାଲା ବାଗରେ ବିଭୀଷିକା । ଧୈର୍ଯ୍ୟର ସୀମାକୁ ବରଦାସ କରିପାରିଲା ନାହିଁ ତାଙ୍କର ଆତ୍ମା, ପ୍ରତିଶୋଧ ନେବାପାଇଁ ପ୍ରତିଜ୍ଞାବଧ ଏବଂ ନିଷ୍ପତ୍ତିରେ ଅଟଳ ରହି ବ୍ରିଟସ୍ ଜେନେରାଲ ଡ଼ାୟାରଙ୍କୁ ଯାଇ ସେଇ ବ୍ରିଟସ୍ ମାଟିରେ ହତ୍ୟା କଲେ ଏବଂ ସ୍ୱାଭିମାନର ସହ ଫାଶୀରେ ଝୁଲିଲେ ସିନା ସାଲିସ କଲେ ନାହିଁ । ଭଗତ ସିଂଙ୍କର ମଧ ସେମିତି ଆଭିଜାତ୍ୟ ଥିଲା । ଜୀବନସାରା ବସି ଖାଇ ଆରାମ କରିଥିଲେ ମଧ ସରିନଥାନ୍ତା ତାଙ୍କର ସମ୍ପତ୍ତି, ଜୀବନ ଯୌବନର ଜୁଆରରେ ନିଜକୁ ଭଷାଇ ମସଗୁଲ ହୋଇପାରିଥାନ୍ତେ ତତ୍କାଳୀନ ଅନେକ ରାଜା ମହାରାଜଙ୍କ ପରି । କଣ ଦରକାର, ସ୍ୱାର୍ଥଥିଲା ଏମିତି ଫାଲତୁ ଫନ୍ଦି ଫିକରରେ ନିଜ ଜୀବନ ଯୌବନକୁ ଫଶେଇ ହନ୍ତସନ୍ତ ହେବାର ? କିନ୍ତୁ ସେମାନେ ଶୁଣିପାରିଥିଲେ ଭାରତମାତାର କ୍ରନ୍ଦନ । ଆଉ ଭାରତମାତାର ଆଖିରୁ ଲୁହ ପୋଛିବା ପାଇଁ ଆହୁତି ଚଢ଼େଇଥିଲେ ନିଜର ଲହୁକୁ ଅର୍ଘ୍ୟ ରୂପେ ଅର୍ପଣ କରି । ଫାଶୀ ଖୁଣ୍ଟରେ ଚଢ଼ିଲାବେଳେ ଭାବିଥିଲେ ଆହୁରି ଅନେକ ଭଗତ ସିଂ ଆସିଯିବେ ଏଇ ମୁକ୍ତି ମଶାଲକୁ ଆମକୁ ଆଗେଇ ନେଇଯିବା ପାଇଁ । କିନ୍ତୁ ଭାଗ୍ୟର ପୁଣି ବିଡ଼ମ୍ବନା । ସେତେବେଳକୁ ସମାଜରେ ବ୍ୟାପ୍ତ ହୋଇ ଯାଇଥିଲା ମ୍ୟାକୁଲେ ଶିକ୍ଷାପଦ୍ଧତିରୁ ସୃଷ୍ଟି ବିଷ ଫଳଗୁଡ଼ିକ । ଯେଉଁମାନଙ୍କ ପାଇଁ ଏଭଳି ଜୀବନ ଉତ୍ସର୍ଗୀକୃତ ଥିଲା ବାଚାଳତା । ଜୀବନକୁ ଆରାମରେ ଉପଭୋଗ କରି ପେଷାଦାର ନେତା ଭଳି ଯାହା ମିଳୁଛି ତାକୁ ସଫଳ ରୂପେ କେବଳ ନିଜ ନାମରେ କରେଇ ନେବାର ପ୍ରବୃତ୍ତି । ଯେଉଁ ଠାରେ ଯିଏ ଧୂର୍ତ୍ତ, ଚାଲାକ ସିଏ ସେତେ ସଫଳ ।

ସ୍ୱାଧୀନତା ସଂଗ୍ରାମ ହୋଇଥିଲା ଦୁଇ ଭାଗରେ ବିଭକ୍ତ । ଗୋଟେପଟେ ଭାରତମାତାର ସ୍ୱାଧୀନତା ପାଇଁ ଆପ୍ରାଣ ଉଦ୍ୟମରତ ଏକ ରାଷ୍ଟ୍ରଭକ୍ତ ଗୋଷ୍ଠୀ । ଅନ୍ୟ ପଟେ ରାଷ୍ଟ୍ରଭକ୍ତି ନାଁରେ ଆରାମରେ ରାଜନୈତିକ ପତିଆରା କମେଇଥିବା ଆଉଏକ ଗୋଷ୍ଠୀ । ସୁଟ, ବୁଟ୍, କୋର୍ଟ ପକେଟରେ ଗୋଲାଫଫୁଲ ସଜେଇ, ଖୋସି ଏମାନେ କି ସଂଗ୍ରାମ କରୁଥିଲେ ତାହା ସ୍ପଷ୍ଟ ଅନୁମେୟ । ଉପରେ ଉପରେ ବ୍ରିଟସଙ୍କୁ ବିରୋଧ କିନ୍ତୁ ଭିତରେ ଭିତରେ ଚୋରା ଇଂରୋଜ ପ୍ରୀତି । ଠିକ୍ ଆଜିର ଓଡ଼ିଶା ରାଜନୀତି ଭଳି । ଅନେକ ସମୟରେ ଏମାନେ ରାଷ୍ଟ୍ରଭକ୍ତଙ୍କ ସଭା ଭଣ୍ଡୁର କରିବା ଏବଂ ଏମାନଙ୍କୁ ପୋଲିସ ହାତରେ ଧରେଇ ଦେବାର ଯଥେଷ୍ଟ ପ୍ରମାଣ ମଧ ମିଳିଛି । ତେବେ, ରାଷ୍ଟ୍ରଭକ୍ତଙ୍କ ପାଇଁ ନେତୃତ୍ୱ ବିକ୍ଷିପ୍ତ ହୋଇଯାଇଥିବା ବେଳେ ରାଷ୍ଟ୍ରଭକ୍ତିର ନାମ ଜପି ରାଜନୀତି କରୁଥିବା ଲୋକଙ୍କ ନେତୃତ୍ୱ ପଡ଼ିଥିଲା ଧୂର୍ତ୍ତ ଚେହେରାଙ୍କ ହାତରେ କାରଣ ସୁସ୍ପଷ୍ଟ । ଭଗତ ସିଂଙ୍କୁ ଫାଶୀ ପରେ ପରେ ନୋତଜୀ ସୁଭାଷ ଏକ ଉଦୀୟମାନ ତାରକା ହୋଇ ଆସିବା ବେଳକୁ କୁଚକ୍ରୀଙ୍କ ଷଡ଼ଯନ୍ତ୍ରର ଶିକାର ହୋଇ ତାଙ୍କୁ ହେବାକୁ ପଡ଼ିଲା ନିର୍ବାସିତ । ତଥାପି ବିଦେଶ ମାଟିରେ ଭାରତୀୟ ସୈନଙ୍କୁ ଏକାଠି କରି ସଂଗ୍ରାମ କଲା ବେଳେ ଭାରତରୁ ମିଳୁଥିବା ଜନସମର୍ଥନକୁ କାମରେ ଲଗାଇବା ପାଇଁ ମଧ ଅଭାବ ଥିଲା ନେତୃତ୍ୱ । ତଥାପି ନେତାଜୀଙ୍କର ଅଦମ୍ୟ ଉତ୍ସାହ ସହ ସମସ୍ତଙ୍କୁ ସାଥିରେ ନେଇ ଯୁଦ୍ଧ ଲଢ଼ିବାର କୌଶଳ ପ୍ରଣିଧାନଯୋଗ୍ୟ । କିନ୍ତୁ ପୁଣି ଭାରତର ଦୁର୍ଭାଗ ଯେ, ୧୯୪୫ରେ ନେତାଜୀଙ୍କର ରହସ୍ୟମୟ ଅନ୍ତର୍ଦ୍ଧାନ କରିଥିଲା ରାଷ୍ଟ୍ରଭକ୍ତଙ୍କୁ ନେତୃତ୍ୱ ବିହୀନ । ଠିକ୍ ରୁଷର ବିଘଟନ ପରେ ଆମେରିକା ସର୍ବଶକ୍ତିମାନ ହୋଇଯିବା ପରି ଭାରତ ରାଜନୀତିରେ ଏକ ଚାଟିଆ ଅଧିକାର ଆସିଗଲା ନେହେରୁଙ୍କର । ତା' ସହିତ ଓଜନଦାର ଗାନ୍ଧୀଙ୍କର ଅଯାଚିତ ସମର୍ଥନ ନେହେରୁଙ୍କୁ କରିଥିଲା ଅଙ୍କୁଶ ବିହୀନ । ଏବେ ମଧ, ଇତିହାସ ଅସ୍ପଷ୍ଟ ଯେ, ନେହେରୁଙ୍କୁ ସମର୍ଥନ ପଛରେ କଣ ଥିଲା ଗାନ୍ଧୀଜୀଙ୍କ ବାଧ୍ୟବାଧକତା ? ତେବେ, ଏଇ ସୁସ୍ଥ ରାଜନୀତିର ପେଞ୍ଚପାଞ୍ଚରେ ପୀଡ଼ିତ ହୋଇଥିଲା ଭାରତମାତା । ଜହ୍ଲାଦପରି ତିନିଖଣ୍ଡ କରି କାଟିପକାଇଥିଲେ ଭାରତମାତାର ଅଙ୍ଗପ୍ରତ୍ୟଙ୍ଗକୁ । କେବଳ କ୍ଷମତାସୀନ ହେବାପାଇଁ । ଏଇ କ୍ଷମତା ଲୋଭୀ ରାଷ୍ଟ୍ରଦ୍ରୋହୀଙ୍କ ପାଇଁ ଉଜୁଡ଼ି ଯାଇଥିଲା ଲକ୍ଷଲକ୍ଷ ବାସଗୃହ । ବଳି ପଡ଼ିଥିଲେ ହଜାର ହଜାର ଲୋକ । ଯାହାକୁ ମାନବ ଇତିହାସରେ ଏକ ଭୟଙ୍କର ତ୍ରାସ୍ଦି ବୋଲି କୁହାଯାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତ ବିଭାଜନ ହିଁ ଥିଲା ଅନ୍ୟ ଏକ ଭୟଙ୍କର ବିଭିଷୀକା ଯେଉଁଠି ଏତେ ସଂଖ୍ୟାରେ ଲୋକ ମରିଥିଲେ । ଦୁଇ ସୀମାନ୍ତରେ ନିଆଁ ଲାଗିଥିବା ବେଳେ ଦିଲ୍ଲୀରେ ପାଳିତ ହେଉଥିଲା ସ୍ୱାଧୀନତା ଉତ୍ସବ । ଦୁଇ ସୀମାନ୍ତରେ ଗଣହତ୍ୟା, ଲୁଣ୍ଠନ, ନାରୀଙ୍କ ବସ୍ତ୍ର ହରଣ ହେଉଥିଲା ବେଳେ ଦିଲ୍ଲୀରେ ଢ଼ୋଲପିଟି, ବାଣଫୁଟାଇ ପାଳିତ ହେଉଥିଲା ସ୍ୱାଧୀନତାର ଉତ୍ସବ । ଧିକ୍ ଏପରି ଉତ୍ସବକୁ । ଲକ୍ଷଲକ୍ଷ ଭାରତବାସୀ ଜୀବନ ମରଣ ସମସ୍ୟାରେ ଫଶିଥିବା ବେଳେ ଏମାନେ ଉଲ୍ଲସିତ ଥିଲେ । ନବଗଠିତ ପାକିସ୍ତାନର ପୋଲିସ ପ୍ରଶାସନ ସାମୂହିକ ହିନ୍ଦୁ ହତ୍ୟାରେ ସାମିଲ ଥିବାବେଳେ ତଥାକଥିତ ମହାତ୍ମାଥିଲେ ମୌନବ୍ରତୀ । ନେହେରୁ ଥିଲେ ମସଗୁଲ । କାରଣ, ସବୁ ଧୂର୍ତ୍ତଙ୍କୁ ମିଳିଯାଇଥିଲା କିଛି କିଛି । ଜିନ୍ନାକୁ ତା ପାକିସ୍ତାନ ତ ନେହେରୁଙ୍କୁ ଅବଶିଷ୍ଟ । କେବଳ ଭୁଲୁଣ୍ଠିତ ଅପମାନିତ ହୋଇଥିଲା ଭାରତମାତା । ବ୍ରିଟସ୍ ମାନଙ୍କୁ ମଧ ମିଳିଯାଇଥିଲା ତାଙ୍କ ପ୍ରଥମ ପସନ୍ଦ ନେହେରୁଙ୍କୁ ଆଶ୍ୱସନା । ଯେ ସେମାନେ ଯିବା ପରେ ମଧ ଚାଲିବ ବ୍ରିଟସ ଶାସନ । ଆଉ ଚାଲିଛି ମଧ । ନ୍ୟାୟଳୟ ଠାରୁ ଆରମ୍ଭ କରି ଶିକ୍ଷାଳୟ ପର୍ଯ୍ୟନ୍ତ ସବୁଠି ସେଇ ଗୋରା ବ୍ରିଟସଙ୍କ କଳା ଆଇନ୍ । ପୋଲିସ ଆକ୍ଟ ହେଉ କି ସୋସାଇଟି ଆକ୍ଟ । କେଉଁଠି ୧୮୬୦ର କେଉଁଠି ୧୮୫୮ ର । ଆଜି ବି ପୋଲିସ ସେଇ ଠେଙ୍ଗା, ବନ୍ଧୁକ ନେଇ ବୁଲୁଛି ଶାସକ ଗୋଷ୍ଠୀଙ୍କ ସୁରକ୍ଷାରେ । ତେଣୁ ପ୍ରଜାଙ୍କ ପ୍ରିୟଭାଜନ ହେବ କେମିତି ? ସମ୍ବିଧାନର ଆଧାର ମଧ ୧୯୩୫ ର ଭାରତ ଶାସନ ଆଇନ ( ଇଣ୍ଡିଆ ରୁଲ ଆକ୍ଟ) ଯାହା ଗଠିତ ହୋଇଥିଲା ଏକ ପରାଧୀନ ଭାରତର ନାଗରିକଙ୍କ ପାଇଁ । କେବଳ ମିଛରେ ପ୍ରଚାର କରାଯାଇଛି ଯେ, ଭାରତ ଏକ ସାର୍ବଭୌମିକ ରାଷ୍ଟ୍ର । ବାସ୍ତବରେ ଏଥିରେ କୌଣସି ସାର୍ବଭୌମିକ ଗୁଣ ନାହିଁ । ସମ୍ବିଧାନରେ ହେଉ ବା ରାଷ୍ଟ୍ରର ବ୍ୟବହାରରେ ହେଉ । ନଚେତ ଆମେ କମନ୍ୱେଲ୍ଥ ଗେମ୍ ର ଆୟୋଜନ କରୁନଥାନ୍ତେ । ତେବେ ଶାସନ ଯାହା ହସ୍ତାନ୍ତରିତ ହୋଇଛି କେବଳ ଗୋରା ଇଂରେଜଙ୍କ ଠୁ କଳା ଇଂରେଜମାନଙ୍କ ପାଖକୁ କେବଳ । ଏଣୁ ଏଇ କଳା ଇଂରେଜମାନେ ଏହାକୁ ନେଇ ଉଲ୍ଲସିତ ହେବାର କୌଣସି ଯୌକ୍ତିକତା ନାହିଁ । କେବଳ ଏଇ କଳା ଇଂରେଜଙ୍କ ନାମ, ରୂପ ଆମ ଶଦୃଶ ହୋଇଥିବାରୁ ଏହା ଆମର ସ୍ୱାଧୀନତା ବୋଲି ଭାବି ବସିବା ଏକ ଭ୍ରମମାତ୍ର । ୧୯୪୭ ପୂର୍ବରୁ ଆମ ଉପରେ ଯେଉଁ ବ୍ରିଟସ୍ ଆଇନ ଯେମିତି ଶାସନ କରୁଥିଲା ଏବେ ବି ସେମିତି କରୁଛି । ଏଠି ଆମର ବୋଲି କିଛି ନାହିଁ । ସେଇ ଅମଲାତନ୍ତ୍ର, ସେଇ ପୋଲିସ, ସେଇ ଠେଙ୍ଗା, ବନ୍ଧୁକ, ସେଇ କୋଟ, କଚେରୀ, ସେଇ ଭାଷା ଏବଂ ସେଇ ବିଦେଶୀ ଭାଷାରେ ପଢ଼ିଥିବା ଲୋକମାନେ । ବରଂ ଏକ ବାସ୍ତବ ସ୍ୱପ୍ନଭରା ସ୍ୱାଧୀନତା ପାଇଁ ବାସ୍ତବ ସ୍ଥିତିକୁ ବୁଝି ବିଚାରି ଏକାଠି ହେବା ଆବଶ୍ୟକ । କାରଣ ବର୍ତ୍ତମାନ ସମସ୍ୟା ବହୁତ ଜଟିଳ । ଆଗରୁ ଇଂରେଜମାନେ ବିଦେଶୀ ବୋଲି ଦିଶୁଥିଲେ । ବାସ୍ ସେମାନଙ୍କୁ ତଡ଼ିବା ପାଇଁ ବୁଝାଇବା ଦରକାର ଥିଲା । କିନ୍ତୁ ଏବେ କଳା ଇଂରେଜମାନେ ଦେଖିବାକୁ ଆମରିଭଳି ଏବଂ ଆମରିଲୋକ କିନ୍ତୁ ବ୍ୟବହାରରେ ବ୍ରିଟସ ଭଳି । କାହାକୁ କୁଆଡ଼େ ତଡ଼ିବା ଆଉ କେମିତି ଚିହ୍ନିବା ତା ଭିତରେ କିଏ ଦେଶୀ କିଏ ବିଦେଶୀ । ଆଗରୁ କେତେ ହଜାର ମାତ୍ର ଇଂରେଜ ଶାସନ କରୁଥିଲେ । ଏବେ ତ କୋଟିକୋଟି କଳା ଇଂରେଜ ବିଭିନ୍ନ ସ୍ତରରେ ବ୍ୟାପ୍ତ । ଏଣୁ ବିଚାରକ୍ରାନ୍ତି ହିଁ ଏକମାତ୍ର ଉପଚାର । ଯେଉଁଥିରେ ବ୍ୟକ୍ତିର ବିଚାର ବଦଳାଇ ତା'ର ବ୍ୟବହାର ବଦଳାଇ ହେବ । ବାକି ସବୁ ଯେମିତି ସେମିତି ଥିବ । କୌଣସି ରକ୍ତପାତର ଆବଶ୍ୟକତା ନାହିଁ ଯାହା ହେବ କେବଳ 'ଛୁ' ମନ୍ତରରେ । କେବଳ ଦରକାର ଉଚିତ ବିଚାର ଓ ଉଚିତ ଜ୍ଞାନର ଭଣ୍ଡାର । ଆସନ୍ତୁ ଏଇ ନୂତନ କ୍ରାନ୍ତି ପାଇଁ ନିଜକୁ ସଜେଇ ନେବା ।"ଜୟ ହିନ୍ଦ"

(ଲେଖକ ଜଣେ କଠୋରପନ୍ଥୀ ଦେଶଭକ୍ତ) କୌଣସି ମତାମତ ପାଇଁ ଲେଖକ ଉତ୍ତରଦାୟୀ ରହିବେ । ବରିଷ୍ଠ ସ୍ତମ୍ଭକାର ତଥାରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ ।

+ଓଡ଼ିଶା, ଜିଲ୍ଲାପାଳ ରୋଡ଼, ଭଦ୍ରକ ।
ମୋ - ୯୪୩୮୪୪୬୬୭୫

# ଓଡ଼ିଶା ମୋ ପରିବାର ପକ୍ଷରୁ ସପ୍ତାହବ୍ୟାପୀ ରକ୍ତଦାନ ଶିବିର



ବାଲେଶ୍ୱର,୧୪।୮ (ନି.ପ୍ର): ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଅଭିଯାନ ପକ୍ଷରୁ କ୍ରାନ୍ତି ଦିବସ ପାଳନ ଅବସରରେ ଅଗଷ୍ଟ ୯ ତାରିଖରୁ ସପ୍ତାହ ବ୍ୟାପୀ ଆରମ୍ଭ ହୋଇଛି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର। ଏହି ପରିପ୍ରେକ୍ଷୀରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବାଲେଶ୍ୱର ଜିଲ୍ଲା ରକ୍ତଭଣ୍ଡାରରେ ଆଜି ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଅଭିଯାନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ମହାମାରୀ କରୋନା ଭଳି ସ୍ଥିତିରେ ସାମାଜିକ ଦୂରତା ରକ୍ଷା ସହ ଏଭଳି ଶିବିର ଆୟୋଜ ବେଶ୍ ଦୁଃସାହସିକ ପଦକ୍ଷେପ ବୋଲି ସେ କହିଥିଲେ। ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ସାମାଜିକ ଦୂରତାକୁ ବିଶେଷ ଗରୁତ୍ୱ ଦେବା ପାଇଁ ଶ୍ରୀ ଜେନା ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ମୋ ପରିବାରର ଜିଲ୍ଲା ସଂଯୋଜକ ମହମ୍ମଦ ସାହିରୁଲ ହକ୍‌ଙ୍କ ନେତୃତ୍ୱ ତଥା ଛାତ୍ରନେତା ଶୁଭମ୍ ସାଇ ମହାପାତ୍ରଙ୍କ ସହଯୋଗରେ ଆୟୋଜିତ ଏହି ଶିବିରରେ ବିଜେଡି ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ଶୈଲେନ୍ଦ୍ର ସିଂହ, ରିତିକ୍ ନାୟକ, ଅଭିଜତ୍ ବିଶ୍ୱାଳ, ରୀମା ଜୋସେଫ୍ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ଜିଲ୍ଲା ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ।

# ବୁଦା ମଧ୍ୟରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ପାରଳାଖେମୁଣ୍ଡି,୧୪।୮ (ନି.ପ୍ର): ପୁଣି ଥରେ ଅଲୋଡ଼ା ହୋଇପଡିଛି ନବଜାତ ଶିଶୁକନ୍ୟା । ବୁଦା ମଧ୍ୟରୁ ଏହି ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି । ଘଟଣା ଘଟିଛି ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ସିଙ୍ଗିପୁର ଗ୍ରାମ ନିକଟରେ । ସିଙ୍ଗିପୁର ଗ୍ରାମ ନିକଟରେ ଥିବା ଏଫସିଆଇ ଗୋଦାମ ନିକଟରେ କେହି ନବଜାତ ଶିଶୁକନ୍ୟାକୁ ଛାଡି ଚାଲିଯାଇଥିଲା । ଆଜି ସକାଳେ ରାସ୍ତାରେ ଯାଉଥିବା କିଛି ଲୋକ ଶିଶୁକନ୍ୟାର କାନ୍ଦ ଶୁଣିବାକୁ ପାଇଥିଲେ । ସେମାନେ ଘଟଣାସ୍ଥଳରେ ପହଂଚି ଶିଶୁକନ୍ୟାଟି ବୁଦା ମଧ୍ୟରେ ପଡିଥିବା ଦେଖି ଏ ସମ୍ପର୍କରେ ସ୍ଥାନୀୟ ଲୋକ ଓ ପୋଲିସକୁ ଖବର ଦେଇଥିଲେ । ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଏହି ନବଜାତ ଶିଶୁକନ୍ୟାକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ।

# ଝିଂଝାରପୁର ନିର୍ବାଚନ ମଣ୍ଡଳୀର ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର,୧୪।୮ (ନି.ପ୍ର): ଉଠା ଜଳସେଚନ ନିଗମର କାର୍ଯ୍ୟାଳୟଠାରେ ଓଡ଼ିଶା ଉଠାଜଳସେଚନ ନିଗମ ଅଧ୍ୟକ୍ଷ ଶ୍ରୀ ଅମରେଶ ପତ୍ରୀ ଏବଂ ସରକାରୀ ମୁଖ୍ୟ ସଚେତକ ତଥା ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଉପସ୍ଥିତିରେ ଝିଂଝାରପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉଠା ଜଳସେଚନ ପ୍ରକଳ୍ପ ସଂପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। କୋଭିଡ୍ ସ୍ଥିତିରେ ଜୀବନ ଓ ଜୀବିକାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କୃଷିର ଉନ୍ନତି ଓ କୃଷକଙ୍କ କଲ୍ୟାଣ ପାଇଁ ଜଳସେଚନ ଉପରେ ଗୁରୁତ୍ୱ ଦେଉଥିବାବେଳେ ଝିଂଝାରପୁର ନିର୍ବାଚନ ମଣ୍ଡଳୀରେ ଜଳସେଚନ ସୁବିଧା ନିମନ୍ତେ ସମସ୍ତ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ନୂତନ ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଭିତିରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବା ସହିତ ପୁରାତନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ଉପରେ ବୈଠକରେ ବିଶେଷ ଭାବେ ଆଲୋକପାତ କରାଯାଇଛି । ଏହି ବୈଠକରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ବୈଷୟିକ) ଇଂ. ବିକ୍ରମ କେଶରୀ ସ୍ୱାଇଁ, କଟକ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଏଏସ୍ ହେବାକୁ ଲକ୍ଷ୍ୟ ରଖିଛି : ଅଭିନନ୍ଦନ

ଭଦ୍ରକ, ୧୪/୮ (ହି.ସ.): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧିନରେ ଥିବା ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଅଭିନନ୍ଦନ ପଣ୍ଡା ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ମୋଟ ୫୪୨ ନମ୍ବର ରଖି ଜିଲ୍ଲାର ଟପ୍ପର ହୋଇଛନ୍ତି। ପ୍ରଥମେ ଡାକ୍ତରୀ ପଢ଼ିବାକୁ ଇଚ୍ଛା ରଖିଥିବା ଅଭିନନ୍ଦନ ଭବିଷ୍ୟତରେ ସର୍ବଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବାର ଲକ୍ଷ୍ୟ ରଖିଛନ୍ତି । ଟ୍ୟୁସନ ଅପେକ୍ଷା କ୍ଲାସରୁମ ଓ ଘର ପାଠପଢ଼ାକୁ ସେ ଅଧିକ ଗୁରୁତ୍ୱ ଦେଉଥିବା ନେଇ କହିଛନ୍ତି ଅଭିନନ୍ଦନ। ଭଦ୍ରକର ସବୁଜନଗର, ଗବସାହି ନିବାସୀ ଅମିତାଭ ପଣ୍ଡା ଓ ମମତା ପଣ୍ଡାଙ୍କ ସୁପୁତ୍ର ଅଭିନନ୍ଦନ ନିଜର ସଫଳତା ପଛରେ ବାପା ଓ ମା'ଙ୍କ ପ୍ରେରଣା ଓ ମାର୍ଗଦର୍ଶନକୁ ଦାୟୀ କହିଛନ୍ତି। ତେବେ ପୂର୍ବରୁ ସିବିଏସଇ ଷ୍ଟାଣ୍ଡାର୍ଡ଼ ଟେନ ପରୀକ୍ଷାରେ ୯୫ ପ୍ରତିଶତ ନମ୍ବର ରଖି ସେ ସଫଳତା ହାସଲ କରିଥିଲେ। ଜିଲ୍ଲା ଓ ରାଜ୍ୟସ୍ତରରେ ବହୁ ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତାରେ ଅଭିନନ୍ଦନ ସଫଳତା ଅର୍ଜନ କରିଛନ୍ତି। ଇତମିଧ୍ୟରେ ଦୁଇଟି ପୁସ୍ତକ ରଚନା କରି ନିଜର ବୌଦ୍ଧିକ ଜ୍ଞାନର ପରିଚୟ ଦେଇଛନ୍ତି ଅଭିନନ୍ଦନ।

# ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲା: ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସ୍ୱତନ୍ତ୍ର ସଚିବ ଗିରଫ

ଭୁବନେଶ୍ୱର,୧୪।୮ (ନି.ପ୍ର): ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସ୍ୱତନ୍ତ୍ର ସଚିବ ଅଜୟ ଦାସଙ୍କୁ ଭିଜିଲାନ୍ସ ଗିରଫ କରିଛି। ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ସେ ଗିରଫ ହୋଇଛନ୍ତି। ଗତକାଲି ଅଜୟ ଦାସଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଭୁବନେଶ୍ୱର ସ୍ଥିତ ଘର , ଅଫିସ୍ , ବାଲେଶ୍ୱର ଘର ସମେତ ମୋଟ ୬ ଟି ସ୍ଥାନରେ ଭିଜିଲାନ୍ସ ଅଧିକାରୀମାନେ ଚଢାଉ କରିବା ସହ ପ୍ରାୟ ୨ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତିର ସୁରାକ ପାଇଥିଲେ। ଗତକାଲି ଭିଜିଲାନ୍ସ ଅଜୟ ଦାସଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ଆଜି ଗିରଫ କରିଛି।

# ଲୋକ ପ୍ରତିନିଧି ଅଜ୍ଞାତବାସରେ ନିୟମିତ ସାନିଟାଇଜେସନ ହେଉନାହିଁ

## କେବଳ ପୋଲିସ ପେଟ୍ରୋଲିଂ ଚାଲିଛି : ସ୍ୱତନ୍ତ୍ର କୋଭିଡ ନିୟନ୍ତ୍ରକ ନିଯୁକ୍ତି ପାଇଁ ଦାବି

ଭୁବନ,୧୪।୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲାରେ ଭୁବନ ଏନଏସି ଏବେ କରୋନା ହଟସ୍ପଟ ଜୋନ ଭାବେ ପରିଚିତ । ଭୁବନ ଏନଏସିରେ କରୋନା କୁ ନିୟନ୍ତ୍ରଣ କରିବା ସକାଶେ ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା ମଙ୍ଗଳବାର ଅପରାହ୍ନରେ ଭୁବନ ଗସ୍ତରେ ଆସି ଏନଏସି ସଭାଗୃହଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ସମଗ୍ର ଭୁବନ ଏନଏସିକୁ ନିୟମିତ ଭାବେ ସାନିଟାଇଜେସନ କରାଯିବା ସହିତ ପରିମଳ ଉପରେ ସ୍ୱଚ୍ଛତା ପାଇଁ ତାଗିଦ କରିଥିଲେ । ଭୁବନ ଅଗ୍ନିଶମ ସେବା ସଂସ୍ଥାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବର ଆଳ ଦେଖାଇ ଅଗ୍ନିଶମ ବିଭାଗ ତରଫରୁ ସଂପୂର୍ଣ୍ଣ ଏନଏସି ଅଂଚଳକୁ ସାନିଟାଇଜେସନ କରାଯାଉନଥିବା ବେଳେ ପରିମଳ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଥିବାରୁ ବୁଦ୍ଧିଜୀବୀ ମହଲ ଉଦବେଗ ପ୍ରକାଶ କରୁଛନ୍ତି । ତତ୍ ସହିତ ଲୋକପ୍ରତିନିଧି ମାନଙ୍କ ଅଜ୍ଞାତବାସ ଭୁବନବାସୀଙ୍କୁ ସଂପୂର୍ଣ୍ଣ ନିରାଶ କରିଛି । ଭୁବନର ଦକ୍ଷ ତହସିଲଦାର ତଥା କୋଭିଡ ପରିଚାଳକ ଭାବେ ପରିଚିତ ଶକ୍ତିକାନ୍ତ ରାୟ ଙ୍କୁ ରାତିଅଧିଆ ଅଚାନକ ଗଂଜାମ ଜିଲ୍ଲାକୁ ବଦଳି କରିନିଆଯିବା ପରେ ଭୁବନରେ ଏବେ ପରିଚାଳକ କେହି ନାହାଁନ୍ତି । ଭୁବନରେ କୋଭିଡ ନିୟନ୍ତ୍ରଣ ପାଇଁ ଜଣେ ସ୍ୱତନ୍ତ୍ର ଅଫିସରଙ୍କୁ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଦାବି କରାଯିବାରୁ ଭୁବନ ଦାୟିତ୍ୱରେ ଥିବା କାମାକ୍ଷାନଗର ତହସିଲଦାର ଦିନେ ଛଡା ଦିନେ ଭୁବନ ଆସି ସ୍ଥିତି ନିୟନ୍ତ୍ରଣ କରିବେ ବୋଲି ଜିଲ୍ଲାପାଳ ମିଡିଆ ସମ୍ମୁଖରେ ଆଶ୍ୱାସନା ଦେଇଥିବା ବେଳେ ବର୍ତମାନ ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି ସମସ୍ତ କଳ, ବଳ, କୌଶଳ ଲଗାଇବା ସହିତ ନିଜର ଦକ୍ଷତା ଓ ଅଭିଜ୍ଞତାକୁ କାର୍ଯ୍ୟରେ ଲଗାଇ ଭୁବନରେ କରୋନା ନିୟନ୍ତ୍ରଣ ପାଇଁ ଦିନରାତି ଏକ କରିଦେଇଛନ୍ତି । ସାହି କୋଠଘର ଓ ଚାନ୍ଦେନି ରେ ଦଳଦଳ ହୋଇ ବସାଉଠା କରୁଥିବା ଲୋକଙ୍କୁ ଘଉଡାଇବାକୁ ଜିଲ୍ଲାପାଳ ପୋଲିସକୁ ନିର୍ଦ୍ଦେଶ ଦେଇଥିବାରୁ ଅତିରିକ୍ତ ତହସିଲଦାର ଶ୍ରୀଯୁକ୍ତ ମାଝି, ଆଇଆଇସି ଜିତେନ୍ଦ୍ର କୁମାର ସାହୁ ଙ୍କ ସହିତ ୩ ଟି ସ୍କାର୍ଡ ଗଠନ କରି ସମଗ୍ର ଭୁବନ ଏନଏସିକୁ ପରିଭ୍ରମଣ କରି ସ୍ଥିତି ନିୟନ୍ତ୍ରଣ କରୁଛନ୍ତି । ଭୁବନ ଥାନାର ଏସଆଇ ସୁକାନ୍ତି କେର୍କେଟା,ଏଏସଆଇ ପ୍ରଭାତ କୁମାର ନାୟକ,ରମେଶ ଚନ୍ଦ୍ର ସ୍ୱାଇଁ,ଲକ୍ଷ୍ମୀଧର ରଣା,ନୀଳକଣ୍ଠ ପାତ୍ର ,କୃଷ୍ଣଚନ୍ଦ୍ର ମୁଣ୍ଡା ୧ ପ୍ଲାଟୁନ ଆଇଆରବି ଫୋର୍ସଙ୍କ ସହାୟତାରେ ବିଭିନ୍ନ ସାହି,ଗଳିକନ୍ଦିରେ ପେଟ୍ରୋଲିଂକୁ କଡାକଡି କରୁଛନ୍ତି ।

# ବାଲିଗୁଡା ଉପଜିଲ୍ଲାପାଳ ଦାୟୀତ୍ୱ ଗ୍ରହଣ କଲେ ଡା.ଶୁଭଙ୍କର ମହାପାତ୍ର

କନ୍ଧମାଳ,୧୪।୮ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡର ଉପ-ଜିଲ୍ଲାପାଳ ଭାବରେ କନ୍ଧମାଳରେ ଏହାପୂର୍ବରୁ ପ୍ରୋବେସନରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡା.ଶୁଭଙ୍କର ମହାପାତ୍ର ଦାୟୀତ୍ୱ ଗ୍ରହଣ କରିଛନ୍ତି । ଗତ ୧୦ ତାରିଖରେ ସେ ପୁର୍ବତନ ଉପ-ଜିଲ୍ଲାପାଳ ଦେବେନ୍ଦ୍ର କୁମାର ନନ୍ଦଙ୍କଠାରୁ ଦାୟୀତ୍ୱ ଗ୍ରହଣ କରିଛନ୍ତି । ଏହାପୁର୍ବରୁ ସେ କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରୋବେସନ ଆଇଏଏସ ଭାବରେ ଜିଲାର ବିଭିନ୍ନ ଉନ୍ନୟ ମୁଳକ କାର୍ଯ୍ୟର ସୁଚାରୁ ରୁପେ ଦାୟୀତ୍ୱ ସମ୍ପାଦନ କରିଛନ୍ତି । ଏହି ଦାୟୀତ୍ୱ ନେବାବେଳେ ବାଲିଗୁଡାରେ ଅଧିକାରୀ ମାନେ ସ୍ୱାଗତ କରିଛନ୍ତି । ତେବେ ସେ ଜିଲାରେ ବଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି ।

# ଫୁଲବାଣୀ ପ୍ରେସକ୍ଲବ ତରଫରୁ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଓ ସହାୟତା

## ଜିଲା ପ୍ରଶାସନ ତରଫରୁ ୧୦ ହଜାରଟଙ୍କା ପ୍ରଦାନ ଅତିରିକ୍ତ ଜିଲାପାଳ

କନ୍ଧମାଳ,୧୪।୮ (ନି.ପ୍ର): ଆଜି କନ୍ଧମାଳ ଜିଲା ପ୍ରେସ କ୍ଲବ ତରଫରୁ ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ନ୍ୟୁଜ୍ ସେଭେନର କ୍ୟାମେରା ମେନ ରାଜୁ ନାୟକଙ୍କ ଉଦେଶ୍ୟରେ ଫୁଲବାଣୀରେ ଥିବା ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରେସକ୍ଲବର ସମସ୍ତ ସଦସ୍ୟ ମାନେ ଯୋଗ ଦେଇଥିଲେ । କ୍ଲବର ସଭାପତି ଶିବପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ସମସ୍ତ ସଦସ୍ୟମାନେ ସ୍ୱାର୍ଗତ ରାଜୁ ନାୟକଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରର୍ଥନା କରିଥିଲେ । ପରେ ଉପସ୍ଥିତ ସଦସ୍ୟମାନେ ରାଜୁ ନାୟକ ଜଣେ ସରଳ ଏବଂ ଶାନ୍ତ ସ୍ୱଭାବର ବ୍ୟକ୍ତି ଥିବା ସହିତ ତାଙ୍କର ଶିଷ୍ଟତାରେ ଅଳ୍ପ ଦିନର କାର୍ଯ୍ୟକାଳ ମଧ୍ୟରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସମେତ ଜିଲାରେ ଥିବା ଅଧିକାଂଶ ସରକାରୀ ଅଧିକାରୀ ମାନଙ୍କର ମଧ୍ୟ ମନ ଜିଣିବାରେ ସକ୍ଷମ ହୋଇପାରିଥିଲେ ବୋଲି ଗଣମାଧ୍ୟମର ପତିନିଧିମାନେ କହିବା ସହିତ ତାଙ୍କର ବିୟୋଗରେ ଦୁଖଃ ପ୍ରକାଶ କରି ତାଙ୍କର ଶୋକସନ୍ତପ୍ତ ପରିବାରକୁ ଭଗବାନ ଧର୍ଯ୍ୟ ପ୍ରଦାନ ନିମନ୍ତେ ଭଗବାନଙ୍କ ନିକଟରେ ପ୍ରର୍ଥନା କରିଥିଲେ । ସାମ୍ବାଦିକ ବଟକୃଷ୍ଣ ବିହାରୀ,ପ୍ରଶାନ୍ତ କୁମାର ବେହେରା,ଅଶୋକ କୁମାର ମହାନ୍ତି ଓ ତାରିଣି ପାଢୀ ପ୍ରମୁଖ ତାଙ୍କର ସ୍ମୃତି ଚାରଣ କରିଥିଲେ । ପରେ ତାଙ୍କର ପରିବାରକୁ ଏହି ବିପଦରେ କିଛି ଆର୍ଥିକ ସହାୟତାପାଇଁ ମଧ୍ୟ ସଦସ୍ୟ ମାନଙ୍କ ତରଫରୁ ବ୍ୟବସ୍ଥା କରାଯାଇଥିଲା । ଶେଷରେ ପ୍ରେସକ୍ଲବର ସୁଜିତ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସେହିପରି ଆଜି ଜିଲାପ୍ରଶାସନ ତରଫରୁ ସ୍ୱର୍ଗତ ରାଜୁ ନାୟକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ତାଙ୍କର ପିତାଙ୍କୁ ପ୍ରଦାନ କରାଯାଇଥିଲା । ସୁଚନା ଯୋଗ୍ୟ ରାଜୁ ନାୟକ ଗତକାଲି ତାଙ୍କୁ ଭଉଣିକୁ ତାଙ୍କର ସଶୁର ଘର ଗାଁ ଖଜୁରିପଡାରେ ଛାଡି ବାଇକ ଯୋଗେ ଫୁଲବାଣୀ ଫେରିବାବେଳେ ରାସ୍ତାରେ ଥିବା ବାରପୋଲିଆ ଠାରେ ସମ୍ବରଡେଗା ବୁଲାଣିରେ ତାଙ୍କର ବାଇକଟି ଭାରସାମ୍ୟ ହରାଇବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କର ଏହି ଅଚାନକ ମୃତ୍ୟୁରେ ଜିଲାର ଗଣମାଧ୍ୟମ ମହଲରେ ଓ ତାଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି ।

# ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୯୧ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର, ୧୩ ଅଗଷ୍ଟ - ବ୍ରହ୍ମପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଗତ ୯୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ଏହି ସମୟ ମଧ୍ୟରେ ବ୍ରହ୍ମପୁର ପୋଲିସ ୧୦ ଲିଟର ମଦ ଜବତ କରିଛି । ବ୍ରହ୍ମପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# କୋଭିଡ଼୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ

## ୧୪ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡି,୧୪।୮ (ନି.ପ୍ର): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ଼୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତ ୧୨ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ଆଇନ ଭଙ୍ଗ କରୁଥିବା ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୧୪ ହଜାର ୬୦୦ ଟଙ୍କା ଆଦାୟ କରାଯାଇଛି । ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ପାରାଖେମୁଣ୍ଡି ଆଦର୍ଶ ଥାନା ୫୫୦୦ ଟଙ୍କା, କାଶୀନଗର ଥାନା ପୋଲିସ ୧୮୦୦ ଟଙ୍କା, ଗୁରାଣ୍ଡି ଥାନା ୨୧୦୦ ଟଙ୍କା, ଗାରାବନ୍ଧ ଥାନା ୧୦୦୦ ଟଙ୍କା, ରାୟଗଡ଼ ଥାନା ୧୮୦୦ ଟଙ୍କା, ସେରଙ୍ଗ ଥାନା ୧୦୦୦ ଟଙ୍କା, ରାମଗିରି ଥାନା ୪୦୦ ଟଙ୍କା ଏବଂ ଅଡ଼ବା ଥାନା ପୋଲିସ ପକ୍ଷରୁ ୧୦୦୦ ଟଙ୍କା ଜୋରିମାନା ବାବଦକୁ ଆଦାୟ କରାଯାଇଛି ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡା ଓ ବାହାରେ ଜମି ରହିଛି ବର୍ଷାଜଳ, ଡ୍ରେନେଜ୍ ବ୍ୟବସ୍ଥା ଫେଲ୍

ପୁରୀ,୧୪।୮ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡ୍ରେନେଜ ସୁବିଧା ନଥିବାରୁ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇଛି । ଫଳରେ ଏଠାରେ ପାଣି ଜମି ରହି ଏକ ପ୍ରକାର ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଏହା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପୁରୁଣା କୋଠା ଜିପି ଅଫିସଠାରୁ ସେଣ୍ଟ୍ରାଲ ଲକ୍ କାର୍ଯ୍ୟାଳୟ ବାରଣ୍ଡାରେ ୩ ଇଂଚ୍ ଉଚ୍ଚର ପାଣି ଲହଡି ମାରୁଛି । ଏବେ ଠିକାଦାର ଏହି ବାରଣ୍ଡାରେ ଚାଇନା ପ୍ଲେଟ ପକାଇଥିବାରୁ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଏହି ପାଣି ଯୋଗୁଁ ଗୋଡ ଖସି ପଡିଯାଉଥିବା ଦେଖିବାକୁ ମିଳିଛି । ସେହି ବାରଣ୍ଡାରେ ଷ୍ଟାମ୍ପ ଭେଣ୍ଡର ମୋହରିର ଓ ଓକିଲ ବସୁଥିବା ବେଳେ ବର୍ଷା ପାଣି ଉପରୁ ପଡିବା ଓ ତଳେ ଭାସିବା ଯୋଗୁଁ ଦୟନୀୟ ସ୍ଥିତିରେ ଘଂଟା ଘଂଟା ଧରି ସେମାନେ ଠିଆ ହେଉଥିବା ଦେଖିବାକୁ ମିଳିଛି । ଏହି କୋଠାର ତଳ ମହଲାଟି ପୁରୁଣା କାଳିଆ ଓ ୧୭ ଫୁଟ ଉଚ୍ଚତା ହୋଇଥିବାରୁ ଏହାର ନିମିଟାଲ ଉପରେ ବାୟୁ ଚଳାଚଳ ପାଇଁ ଖୋଲାସ୍ଥାନ ରହିଛି । ଏହି ଘରର କାନ୍ଥ ଆଗକୁ ଆଜବେଷ୍ଟ ନଥିବାରୁ କାନ୍ଥ ଓଦା ହେବା ସହ ବାରମ୍ବାର ଫାଟୁଥିବା ଦେଖିବାକୁ ମିଳିଛି । କାନ୍ଥ ଓଦା ରହୁଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏହି ବାରଣ୍ଡାର ବାହାର ପାର୍ଶ୍ୱ କାନ୍ଥରେ ପାଣି ଯିବା ପାଇଁ ଗାତ କରାଯାଇଥିଲେ ମଧ ସେଥିରେ ପାଣି ନଯାଇ ବାରଣ୍ଡା ପାଣି ଗଡି ଗଡି ଗେଟ୍ ପାଖ ପାହାଚ ଉପରେ ନିଷ୍କାସିତ ହେଉଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ମରାମତି ଓ ଉନ୍ନତିକରଣ କରାଯାଉଥିଲେ ମଧ ମୂଳ ଅବସ୍ଥାରେ ସୁଧାର ଆସୁନାହିଁ । ଜରୁରୀ କାମରେ ଲୋକମାନେ ତରତର ହୋଇ ବାରଣ୍ଡାରେ ଯିବା ସମୟରେ କଚାଡି ହୋଇ ତଳେ ପଡୁଥିବା ଦେଖିବାକୁ ମିଳିଛି । ଏହି କୋଠାର ରାସ୍ତାପଟ ବାହାର କାନ୍ଥକୁ ସଂଲଗ୍ନ କରି ୩ ଫୁଟ ଓସାରର ଟିଣ ଆଜବେଷ୍ଟ ଛପର କରାଗଲେ ବାରଣ୍ଡାରେ ବର୍ଷାପାଣି ହେବନାହିଁ ବୋଲି ବରିଷ୍ଠ ବ୍ୟକ୍ତିମାନେ ମତ ଦେଇଛନ୍ତି । ସେହିପରି କାର୍ଯ୍ୟାଳୟ ପାଚେରୀ ବାହାରେ ଐତିହ୍ୟ ରାସ୍ତା ନିର୍ମାଣ ହୋଇ ମଝିରେ ଡିଭାଇଡର ନିର୍ମାଣ ହୋଇଥିବାରୁ ପୂର୍ବରୁ ଯାଉଥିବା ବର୍ଷାପାଣି ଏବେ ବୁଲିକରି ଯାଉଛି । ରାସ୍ତାର ଦୁଇପାର୍ଶ୍ୱରେ ଡ୍ରେନ ନଥିବାରୁ ଜଳ ନିଷ୍କାସିତ ହୋଇପାରୁନାହିଁ । ଉପଜିଲ୍ଲାପାଳ କାର୍ଯ୍ୟାଳୟ ପାଚେରୀକୁ ଲାଗି କେତେକ ଦୋକାନ ଗୃହ ପୁରୁଣା ଡ୍ରେନ ଉପରେ ହୋଇଥିବାରୁ ବର୍ଷାଜଳ ନିଷ୍କାସନରେ ବାଧକ ସୃଷ୍ଟି ହୋଇଛି । ଐତିହ୍ୟ ରାସ୍ତା ଦୁଇପାର୍ଶ୍ୱରେ ଚଲାପଥ ପାଇଁ ମଧ ସ୍ଥାନ ଅଭାବ ଦେଖାଦେଇଛି । ଏହି ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ବୁଦ୍ଧିଜୀବି, ଆଇନଜୀବି, ମୋହରିର, ଷ୍ଟାମ୍ପ ଭେଣ୍ଡରମାନେ ଦାବି କରିଛନ୍ତି ।

# ଚାରା ରୋପଣ ନେଇ ଶିକ୍ଷକଙ୍କ ସଚେତନତା

ନୂଆପଡା,୧୪।୮ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ପଲସଦା ପଂଚାୟତର ବୁଢାପଡା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଚାରା ରୋପଣ ନେଇ ସଚେତନତା କରୁଥିବା ଦେଖିବାକୁ ମିଳିଛି । ଫଳରେ ଶିକ୍ଷକଙ୍କ ଏଭଳି ପରିବେଶପ୍ରେମୀ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ବୁଢାପଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପିତାମ୍ବର ଦୀପ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚାରା ରୋପଣ କରିବା ନେଇ ସଚେତନ କରୁଛନ୍ତି । ସେ ତାଙ୍କ କିଛି ସାଙ୍ଗଙ୍କ ସହ ପାଖ ଗ୍ରାମ ପଲସଦା, ବୁଢାପଡା ଏବଂ ଡୁର୍କାମୁଣ୍ଡା ସହ ଅନ୍ୟାନ୍ୟ ଗ୍ରାମକୁ ଯାଇ ସଚେତନତା କରି ପ୍ରତ୍ୟେକ ବ୍ୟକ୍ତି ଚାରା ରୋପଣ କରି ତାର ଯତ୍ନ ନେବାକୁ ସଚେତନ କରୁଛନ୍ତି । ଏହି ସଚେତନତା କାର୍ଯ୍ୟକ୍ରମରେ ସରକାରଙ୍କ କୋଭିଡ ନିୟମକୁ ପାଳନ କରାଯାଇଥିଲା। ଶିକ୍ଷକଙ୍କ ଏଭଳି ଉଦ୍ୟମ ଏବଂ ସଚେତନତାକୁ ଲୋକେ ପାଳନ କରି ଚାରା ରୋପଣ କରୁଥିବା ଦେଖିବାକୁ ମିଳିଛି ।

# କଟକରେ ଗତ ୨୪ ଘଂଟା ମଧ୍ୟରେ ୧୩୯ଜଣ ମାସ୍କ ପିନ୍ଧି ନ ଥିବାରୁ ଜୋରିମାନା

ଭୁବନେଶ୍ୱର,୧୪।୮ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ୧୩୯ ଜଣ ମାସ୍କ ପିନ୍ଧି ନ ଥିବା କାରଣରୁ ଜୋରିମାନା ଆଦାୟ ହୋଇଛି । ସେହିପରି ଏହି ସମୟ ମଧ୍ୟରେ ୪୦୬ ଜଣ ସାମାଜିକ ଦୂରତ୍ୱ ନିୟମ ଅମାନ୍ୟ କରିଥିବା ନେଇ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# କଦମପାଳସ୍ଥ କେଲୁଅ ନଦୀରୁ ବେଧଡକ ବାଲି ଚୋରା ଚାଲାଣ, ଗ୍ରାମବାସୀଙ୍କ ବିରୋଧ

ଧର୍ମଶାଳା,୧୪।୮ (ନି.ପ୍ର): ବେଆଇନ ବାଲି ଘାଟକୁ ବିରୋଧ କରିଛନ୍ତି ଗ୍ରାମର ଶତାଧିକା ମହିଳା ଓ ପୁରୁଷ । ଏଭଳି ଅସନ୍ତୋଷ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦମପାଳ ପଂଚାୟତ କଦମପାଳ ଗ୍ରାମରେ । ଧର୍ମଶାଳା ତହସିଲ ଅନ୍ତର୍ଗତ କେଲୁଅ ନଦୀର କଦମପାଳ ଘାଟରୁ ଦିନରାତି ବେଆଇନ ଭାବେ ବାଲି ଖନନ ଓ ଚୋରା ଚାଲାଣ ହେଉଛି। ଏଥିପ୍ରତି ପ୍ରଶାସନର ନିଘା ନ ଥିବାରୁ ବାଲି ମାଫିଆ ଦିନ ଦ୍ୱିପ୍ରହରରେ ବେଧଡକ ଭାବେ ବାଲି ଲୁଟ୍ କରୁଛନ୍ତି । ପୂର୍ବରୁ ଜିଲାଠାରୁ ବ୍ଲ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି ଗ୍ରାମବାସୀ । ଫଳରେ ନଦୀ ଗଡାରେ ବାଉଁଶ ବାନ୍ଧି ଦେବା ସହିତ କଦମପାଳ-କାଏମା ନଦୀ ବନ୍ଧ ମୁଖ୍ୟ ରାସ୍ତା ଉପରେ ବସିଥିଲେ । କରୋନା ମୁକାବିଲା ସମୟରେ ଲକ୍ ଡାଉନ୍ କଟକଣା ମାନିବା ଓ ସାମାଜିକ ଦୂରତା ବଜାୟକୁ ଗୁରୁତ୍ୱ ଦିଆ ଯାଉଥିବାରୁ ତହସିଲ ପକ୍ଷରୁ ଏବେ ଚଢାଉ ବନ୍ଦ ରହିଛି । ଏହାର ସୁଯୋଗ ନେଇ ମାଫିଆମାନେ ପୁଣି ଲୁଟ୍‌ପାଟ୍ ଆରମ୍ଭ କରି ଦେଲେଣି । ବିଶେଷ କରି ମାଫିଆମାନେ ଏବେ ଅଧିକ ପରିମାଣର ବାଲି ଖନନ ଓ ବ୍ୟାପକ ଚୋରା ଚାଲାଣ କରୁଛନ୍ତି । ଆଗକୁ ବର୍ଷାଦିନ ଆସୁଥିବାରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବାଲି ମାଫିଆମାନେ ଏବେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲି ଗଚ୍ଛିତ କରି ଚାଲିଛନ୍ତି । ନଈରେ ପାଣି ହୋଇଗଲେ ବେପାରୀ ଏହାକୁ ଚଢା ଦରରେ ବିକ୍ରିକରି ଅଧିକ ମୁନାଫା ହାତେଇବା ଲକ୍ଷ୍ୟରେ ରହିଛି । ଏପଟେ ରାସ୍ତା ପାର୍ଶ୍ୱରେ ଥିବା ଗୋଚର ଓ ସର୍ବସାଧାରଣ ବ୍ୟବହାର କରୁଥିବା ବିଭିନ୍ନ ସରକାରୀ ଜମିରେ ବାଲି ଗଦେଇ ଦିଆ ଯାଉଛି । ବାଲି ନେବା ଆଣିବା ସମୟରେ ଯାତାୟତରେ ବାଧା ସୃଷ୍ଟି ହେଉଥିବା ବେଳେ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ବି ଘଟିଥାଏ । ଏଥିସହ ବାଲି ଓଭରଲୋଡ୍ କରି ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାଗୁଡିକ ଅଳ୍ପ ଦିନରେ ନଷ୍ଟ ହୋଇଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମରେ ଉତେଜନ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପଂହଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ । ଏହି ଘାଟରୁ ବାଲି ଉତୋଳନ ହେଲେ ଦୃଷ୍ଟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପ୍ରତିଶୃତି ଦେବା ପରେ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିଥିଲେ । ଯଦି ପୁନଃର୍ବାର ବାଲି ଉତୋଳନ ହେଲେ ଗ୍ରାମବାସୀମାନେ ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ସୂଚନା ଥାଉକ, କେଲୁଅ ନଦୀର କାଏମା, ଉତରପ୍ରତାପ, ନାଳକୂଳ, ମୋହନପୁର, ଭାବିଲ, କୋତପୁର, ଭଗବାନପୁର, ଅରେଇକଣା, କଦମପାଳ ଆଦି ବିଭିନ୍ନ ଘାଟରୁ ବେଆଇନ ଭାବେ ବାଲି ଚାଲାଣ କରାଯାଉଛି । ଏସବୁ ଘାଟକୁ ସରକାରୀ ଭାବେ ଏପର୍ଯ୍ୟନ୍ତ କୌଣସି ଲିଜ୍ ଦିଆଯାଇ ନାହିଁ । ଏହାର ସୁଯୋଗ ନେଇ ମାଫିଆମାନେ ଏଠାରୁ ଦୀର୍ଘବର୍ଷ ଧରି ବାଲି ଚୋରାଚାଲାଣ କରିବାକୁ ସକ୍ଷମ ହେଉଛନ୍ତି । ସଂପୃକ୍ତ ଅଂଚଳରେ ଦୁଇଟି ରାଜସ୍ୱ ସର୍କଲ ରହିଥିଲେ ମଧ ଏଠାରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ତେବେ ତହସିଲ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇ ଗାଡି ଜବତ ଓ ଜରିମାନା ଆଦାୟ କରାଗଲେ ଏହି ବେଆଇନ ପରିବହନ ବନ୍ଦ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି । ବାଲି ଚୋରାଚାଲାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ହେଉଥିବା ସତ୍ୱେ ତହସିଲ ପକ୍ଷରୁ ଏସବୁ ସ୍ଥାନରେ କୌଣସି ଲିଜ୍ ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ।

# କରୋନା ସଂକ୍ରମଣ ବଢୁଛି ଜିଲ୍ଲାରେ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଶନିବାର ଓ ରବିବାରକୁ ଶଟ୍‌ଡାଉନ ଘୋଷଣା କଲା ପ୍ରସାସନ

କନ୍ଧମାଳ,୧୪।୮ (ନି.ପ୍ର): କନ୍ଧମାଳ ଜିଲାରେ କରୋନା ସଂକ୍ରମଣ ଦିନକୁଦିନ ବଢିବାରେ ଲାଗିଛି ନିୟନ୍ତ୍ରଣର କୌଣସି ଲକ୍ଷଣ ଦୃଷ୍ଟି ଗୋଚର ହେଉନାହିଁ । ସେଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆଜିଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଥିବା ସମସ୍ତ ଶନିବାର ଓ ରବିବାର ମାନଙ୍କରେ ସଟ୍‌ଡାଉନ ଘୋଷଣା କରିଛନ୍ତି । ଆସନ୍ତା ଅଗଷ୍ଟ ମାସ ୧୫ ତାରିଖ ପୁର୍ବହ୍ନ ୧୧ଟାଠାରୁ ଆସନ୍ତା ୩୧ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଜିଲାରେ ମାସର ଅବଶିଷ୍ଟ ଶନିବାର ଓ ରବିବାର ଗୁଡିକ ପାଇଁ କନ୍ଧମାଳ ଜିଲାରେ ସଟ୍‌ଡାଉନ ଘୋଷଣା କରାଯାଇଛି । ସ୍ୱାଧିନତା ଦିବସର କାର୍ଯ୍ୟକ୍ରମରେ କୌଣସି ଅନୁଷ୍ଠାନରେ ୧୦ରୁ ଅଧିକ ଲୋକ ଏକାଠି ନହେବା ସହିତ କୋଭିଡ ୧୯ ନିୟମ ମାନି ପତାକା ଉତୋଳନ କରିବାକୁ ପରାମର୍ଶ ଦିଆଯାଇଛି । ଶନିବାର ଓ ରବିବାର ଦିନ ସଟ୍‌ଡାଉନ ସମୟରେ କେବଳ ଅତ୍ୟାବଶ୍ୟକୀୟ ସାମଗ୍ରୀ ପନିପରିବା, ସକାଳ ୫ଟାରୁ ୮ଟା ମଧ୍ୟରେ ସମ୍ବାଦପତ୍ର ବିତରଣ, ସମସ୍ତ ସ୍ୱାସ୍ଥ୍ୟସେବା, ପୋଲିସ ବିଭାଗ, ବିଦ୍ୟୁତ ବିଭାଗ, ଜଳଯୋଗାଣ, ପୌରପାଳିକା, ଅଗ୍ନିଶମ ବିଭାଗ, ଦୁରସଂଚାର ବିଭାଗ, ଜିଲାରେ ଲୋକସମ୍ପର୍କ ବିଭାଗ ସମେତ ବିଭାଗ ଦ୍ୱାରା ବିହ୍ନଟ କରାଯାଇଥିବା ଗଣମାଧ୍ୟମ ପ୍ରତିନିଧି ମାନଙ୍କର କାର୍ଯ୍ୟ, ପେଟ୍ରୋଲପମ୍ପ, ଜାଳେଣିଗ୍ୟାସ୍ ଯୋଗାଣ,ଦ୍ରବ୍ୟ ପରିବହନ,ଖୁର ଓ ପାଉଁରୁଟି ଯୋଗାଣ ଓ କୃଷି ସମେତ କିଛି ଅତ୍ୟାବଶ୍ୟକୀୟ କାର୍ଯ୍ୟକ୍ରମ ଚାଲୁ ରହିବା ସହିତ ଅନ୍ୟମାନେ ଏହି ସମୟରେ ବାହାରକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି । ଏହାକୁ ଖିଲାପ କଲେ କୋଭିଡ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବା ନେଇ ପ୍ରଶାସନ ତରଫରୁ ସୁଚନା ଦିଆଯାଇଛି ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୪ର୍ଥ ଥର ପାଇଁ ଓଡ଼ିଶା ଅଗ୍ରଣୀ

## ତୃତୀୟ ପର୍ଯ୍ୟାୟରେ ୯୪୦୦ କି.ମି. ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ

## ନିର୍ମାଣର ଗୁଣାତ୍ମକମାନ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୪।୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟାନ୍ୱୟନରେ ଓଡ଼ିଶା ଚତୁର୍ଥ ଥର ପାଇଁ ଜାତୀୟ ସ୍ତରରେ ଅଗ୍ରଣୀ ସ୍ଥାନରେ ରହିଥିବା ଜାତୀୟ ପୋର୍ଟାଲ୍ ତଥ୍ୟରୁ ଜଣାପଡିଛି। ୨୦୧୬-୧୭ ଆର୍ଥିକ ବର୍ଷରୁ ୨୦୧୯-୨୦ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ଜାତୀୟ ସ୍ତରରେ ୧ ନମ୍ବର ସ୍ଥାନ ବଜାୟ ରଖିଛି । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଷ୍ଟାଣ୍ଡିଂ କମିଟି ବୈଠକରୁ ଏହା ଜଣାପଡିଛି । ରାଜ୍ୟ ଲୋକସେବା ଭବନରୁ 'ଡ଼ିଜିଟାଲ୍ ମୋଡ୍' ରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଗ୍ରାମ ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା ବିଭିନ୍ନ ଜିଲ୍ଲାରେ ପି.ଏମ୍.ଜି.ଏସ୍.ୱାଇ ର ୧ମ ଓ ୨ୟ ପର୍ଯ୍ୟାୟ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ସଦ୍ୟତନ ତଥ୍ୟ ସହ ୩ୟ ପର୍ଯ୍ୟାୟ ପାଇଁ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକର ଆର୍ଥିକ ଓ ବୈଷୟିକ ଦିଗ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଗ୍ରାମ ରାସ୍ତା ସଂଯୋଗୀକରଣରେ ପ୍ରସ୍ତାବ ଗୁଡିକର ଗୁରୁତ୍ୱ ବିଚାରକରି ପି.ଏମ୍.ଜି.ଏସ୍.ୱାଇ ର ୩ୟ ପର୍ଯ୍ୟାୟରେ ସମୁଦାୟ ୯୪୦୦ କି.ମି. ରାସ୍ତା ନିର୍ମାଣ ନିମନ୍ତେ ବୈଠକରେ ନିତୀଗତ ନିଷ୍ପତି ହୋଇଥିଲା । ନିର୍ମାଣର ଗୁଣାତ୍ମକମାନ ଏବଂ ନିର୍ମାଣ ସରିଥିବା ରାସ୍ତାର ଉପଯୁକ୍ତ ରକ୍ଷଣାବେକ୍ଷଣ ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଗୁରୁତ୍ୱ ଆରୋପ କରିଥିଲେ। ୩ୟ ପର୍ଯ୍ୟାୟ ରାସ୍ତା ନିର୍ମାଣ ଚଳିତ ଆର୍ଥିକ ବର୍ଷରୁ ଆରମ୍ଭ କରି ୨୦୨୪-୨୫ ବର୍ଷ ମଧ୍ୟରେ ସାରିବା ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଜଣାଇଥିଲେ ଯେ ଭୁ-କେନ୍ଦ୍ରିକ ମ୍ୟାପିଂ ମାଧ୍ୟମରେ ରାସ୍ତା ଗୁଡିକର ଅଗ୍ରାଧିକାର ସ୍ଥିର କରାଯାଉଛି। ଗୋଟିଏ ରାସ୍ତା କେତେ ଗ୍ରାମକୁ ସଂଯୋଗ କରିବ, ଏହାଦ୍ୱାରା କେତେ ଲୋକ ଉପକୃତ ହେବେ, ରାସ୍ତାଟି କେତେ ହସ୍ପିଟାଲ୍, ବିଦ୍ୟାଳୟ, ଗ୍ରାମୀଣ ବଜାର, ପର୍ଯ୍ୟଟନ ସ୍ଥଳୀ, ଆଦିକୁ ସଂଯୋଜିତ କରିବ ଏସବୁ କଥା ବିଚାରକୁ ନେଇ ରାସ୍ତାର ନିର୍ମାଣ ଅଗ୍ରାଧିକାର ସ୍ଥିର କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଥିଲେ । ତୃତୀୟ ପର୍ଯ୍ୟାୟ ନିମନ୍ତେ ପ୍ରଥମ ଦଫାରେ ୧୩ଟି ଜିଲ୍ଲାର ୩୫୦୦ କି.ମି ରାସ୍ତା ନିର୍ମାଣ ପାଇଁ ୫୧୮ଟି ପ୍ରକଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇଥିଲା । ଅନୁଗୁଳ ଜିଲ୍ଲାର ୨୯ଟି ପ୍ରକଳ୍ପ ପ୍ରସ୍ତାବ, ବରଗଡର ୪୧ଟି, ବୌଦ୍ଧର ୧୨ଟି, ଦେଓଗଡର ୧୨ଟି, ଢ଼େଙ୍କାନାଳର ୩୫ଟି, ଗଜପତିର ୪୧ଟି, ଝାରସୁଗୁଡାର ୨୬ଟି, କନ୍ଧମାଳର ୫୭ଟି, କେନ୍ଦୁଝରର ୫୨ଟି, କୋରାପୁଟର ୭୧ଟି, ରାୟଗଡାର ୪୬ଟି, ସୋନପୁରର ୨୮ଟି ଏବଂ ସୁନ୍ଦରଗଡ ଜିଲ୍ଲାର ୬୮ଟି ପ୍ରକଳ୍ପ ପ୍ରସ୍ତାବ ଏହାର ଅନ୍ତର୍ଭୁକ୍ତ । ଏହି ସମସ୍ତ ପ୍ରକଳ୍ପ ନିମନ୍ତେ ସମୁଦାୟ ୨୨୦୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି ଗ୍ରାମ ଉନ୍ନୟନ ବିଭାଗ ଇଞ୍ଜିନିୟର ଇନ୍ ଚିଫ୍ ଶ୍ରୀ ଚନ୍ଦ୍ରମୌଳି ପଟ୍ଟନାୟକ ଜଣାଇଥିଲେ। ଅବଶିଷ୍ଟ ୧୭ ଟି ଜିଲ୍ଲାର ୫,୯୦୦ କି.ମି. ରାସ୍ତା ନିମନ୍ତେ ପ୍ରକଳ୍ପ ପ୍ରସ୍ତାବ ସେପଟ୍ମ୍ବର ମାସ ସୁଦ୍ଧା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ନିର୍ମାଣ ସମୟରେ ମୁଖ୍ୟ ରାସ୍ତାକୁ ନିକଟବର୍ତ୍ତୀ ଗ୍ରାମ ଓ ଅନୁଷ୍ଠାନଗୁଡିକ ସହ ସଂଯୋଗ କରିବା ନିମନ୍ତେ ଲିଙ୍କ୍ ରାସ୍ତା ବା ପୋଲ ନିର୍ମାଣ କରିବାକୁ ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏହି ଯୋଜନାରେ ରାସ୍ତା ଓ ପୋଲ ଆଦି ନିର୍ମାଣ ପାଇଁ କେନ୍ଦ୍ରର ସରକାର ୬୦ ଭାଗ ଏବଂ ରାଜ୍ୟ ସରକାର ୪୦ ଭାଗ ଅର୍ଥ ଯୋଗାଇବେ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଥିଲେ । ଗ୍ରାମ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଶ୍ରୀ ସୁଦର୍ଶନ ପରିଡା ଜଣାଇଥିଲେ ଯେ ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟରେ ୫,୩୦୦୦ କି.ମି. ରାସ୍ତା ନିର୍ମାଣ ହୋଇଛି ଯାହାକି ଜାତୀୟ ପୋର୍ଟାଲ୍ ର ତଥ୍ୟ ଅନୁସାରେ ସବୁ ରାଜ୍ୟଠାରୁ ଅଧିକ । ସେହିପରି ଗତ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୧୮-୧୯ ବର୍ଷରେ ରାଜ୍ୟ ସର୍ବାଧିକ କି.ମି. ରାସ୍ତା ନିର୍ମାଣ କରି ୧ମ ସ୍ଥାନ ଅଧିକାର କରିଥିଲା । ପ୍ରାପ୍ତ ତଥ୍ୟରୁ ଜଣାପଡିଛି, ପିଏମ୍.ଜି.ଏସ୍.ୱାଇ ର ୧ମ ଓ ୨ୟ ପର୍ଯ୍ୟାୟରେ ରାଜ୍ୟରେ ସମୁଦାୟ ୬୦,୩୩୪ କି.ମି. ରାସ୍ତା ଏବଂ ୫୭୪ ଟି ପୋଲ ନିର୍ମାଣ ହୋଇଛି । ଏ ସବୁ ବାବଦରେ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ପ୍ରାୟ ୨୫,୬୮୨ କୋଟି ଟଙ୍କା ଯୋଗାଇ ଦେଇଛନ୍ତି । ଉନ୍ନୟନ କମିଶନର ଶ୍ରୀ ସୁରଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଶ୍ରୀ ରାଜ କୁମାର ଶର୍ମା, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ମୋନା ଶର୍ମା, ଅର୍ଥବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା, ପଂଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂ, ବାଣିଜ୍ୟ ଓ ପରିବହନ ପ୍ରମୁଖ ଶାସନ ସଚିବ ଶ୍ରୀ ମଧୁସୂଦନ ପାଢ଼ୀ, ପୂର୍ତ୍ତ ସଚିବ ଶ୍ରୀ କ୍ରିଷନ୍ କୁମାରଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ସ୍ୱାଧୀନତା ...

ଉପସ୍ଥିତ ରହିପାରିବେ ନାହିଁ କେବଳ ଶିକ୍ଷକ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ଏହା ବ୍ୟତୀତ ବିଭିନ୍ନ ଜିଲ୍ଲା ଓ ସଦର ମହକୁମାରେ ପତାକା ଉତୋଳନ କରିବାକୁ ୧୮ ଜଣ ମନ୍ତ୍ରୀ, ୨ ଜଣ ଆରଡିସି ଓ ୧୨ ଜଣ ଜିଲ୍ଲାପାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପୁରୀରେ ନିରଞ୍ଜନ ପୂଜାରୀ, କଟକରେ ବିକ୍ରମ କେଶରୀ ଆରୁଖ, କନ୍ଧମାଳରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗଞ୍ଜାମରେ ପଦ୍ମନାଭ ବେହେରା, ମାଲକାନଗିରିରେ ପ୍ରତାପ ଜେନା, କେନ୍ଦୁଝରରେ ଅରୁଣ କୁମାର ସାହୁ, ନୟାଗଡ଼ରେ ସୁଦାମ ମାର୍ଣ୍ଡି, ବାଲେଶ୍ୱରରେ ସୁଶାନ୍ତ ସିଂହ, ସୁନ୍ଦରଗଡ଼ରେ ଟୁକୁନି ସାହୁ, ଗଜପତିରେ ଜଗନ୍ନାଥ ସାରକା,ଖୋର୍ଦ୍ଧାରେ ଦିବ୍ୟଶଙ୍କର ମିଶ୍ର,ଅନୁଗୁଳରେ ଅଶୋକ ଚନ୍ଦ୍ର ପଣ୍ଡା, ଯାଜପୁରରେ ସମୀର ରଞ୍ଜନ ଦାଶ, ମୟୂରଭଞ୍ଜରେ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରାୟଗଡ଼ାରେ ପ୍ରେମାନନ୍ଦ ନାୟକ, ନବରଙ୍ଗପୁର ରଘୁନନ୍ଦନ ଦାସ, କଳାହାଣ୍ଡିରେ ପଦ୍ମିନୀ ଦିଆନ, କୋରାପୁଟରେ ତୁଷାରକାନ୍ତି ବେହେରା ପତାକା ଉତୋଳନ କରିବେ। ସେହିପରି ବ୍ରହ୍ମପୁରରେ ଦକ୍ଷିଣାଂଚଳ ଆର୍ ଡିସି, ରାଉରକେଲାରେ ଉତରାଂଚଳ ଆରଡିସି ଏବଂ ଭଦ୍ରକ,ବରଗଡ଼, ବୌଦ୍ଧ, ଦେବଗଡ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ନୂଆପଡ଼ା, ସୁବର୍ଣ୍ଣପୁର, ଢେଙ୍କାନାଳ, ଜଗତସିଂହପୁର, ସମ୍ବଲପୁର ଓବଲାଙ୍ଗୀର ରେ ଜିଲ୍ଲାପାଳମାନେ ପତାକା ଉତୋଳନ କରିବେ।

### କରୋନାମୁକ୍ତ...

ଏହା ସହିତ ମେଦାନ୍ତ ହସପିଟାଲରେ ତାଙ୍କ ଚିକିତ୍ସା କରିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଅଗଷ୍ଟ ୨ ତାରିଖରେ ଅମିତ ଶାହ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ।

# ଓଡିଶାରୁ ୧୪ ଜଣ ପାଇବେ ପୁଲିସ୍ ପଦକ

ଭୁବନେଶ୍ୱର,୧୪।୮ (ନି.ପ୍ର): ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ପୁଲିସ୍ ପଦକ ଘୋଷଣା କରାଯାଇଛି। ଓଡିଶାରୁ ୧୪ଜଣଙ୍କୁ ସ୍ୱାଧୀନତା ଦିବସ ଅବସରରେ ପୁଲିସ ପଦକ ପ୍ରଦାନ ଲାଗି ମନୋନୀତ କରାଯାଇଛି। ୧୪ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ରାଷ୍ଟ୍ରପତି ପୁଲିସ ପଦକ ଓ ୧୨ଜଣଙ୍କୁ ଉଲ୍ଲେଖନୀୟ ସେବା ଲାଗି ପୁଲିସ ପଦକ ପ୍ରଦାନ କରାଯିବ। ସମ୍ମାନିତ କରାଯିବାକୁ ଥିବା ପୁଲିସ କର୍ମଚାରୀଙ୍କ ସୂଚୀ ଗୃହ ମନ୍ତ୍ରାଳୟ ପକ୍ଷରୁ ଜାରି କରାଯାଇଛି। ଓଡିଶାରୁ ସମ୍ମାନଜନକ ରାଷ୍ଟ୍ରପତି ପୁଲିସ ପଦକ ଲାଗି ମନୋନୀତ ୨ଜଣ ହେଲେ କେ. ଭେନୁଗୋପାଳ ଆଚାର୍ଯ୍ୟ (ଡିଏସପି ଭିଜିଲାନ୍ସ, ଭୁବନେଶ୍ୱର) ଏବଂ ବିରଂଚି ନାରାୟଣ ସାହୁ (କନଷ୍ଟେବଳ, ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀ,ଭୁବନେଶ୍ୱର)। ସେହିଭଳି ପୁଲିସ ପଦକରେ ସମ୍ମାନିତ ହେବାକୁ ଥିବା ଓଡ଼ିଶାର ୧୨ଜଣ ହେଲେ ଅଭିରାମ କର(ଅତିରିକ୍ତ ପୋଲିସ ଅଧୀକ୍ଷକ,ଭିଜିଲାନ୍ସ, କଟକ), ତାପସ ରଞ୍ଜନ ମହାପାତ୍ର (ସହକାରୀ କମାଣ୍ଡାଂଟ,ଏସଓଜି, ଭୁବନେଶ୍ୱର), ଅନୀଲ କୁମାର ମିଶ୍ର(ଏସିପି, ଭୁବନେଶ୍ୱର), ଅନୁପମା ମହାପାତ୍ର(ଡିଏସପି ଇନ୍-ଚାର୍ଜ, ଭିଜିଲାନ୍ସ, ଭୁବନେଶ୍ୱର), ରାଜ କିଶୋର ପାଇକରାୟ(ଅତିରିକ୍ତ ଡିସିପି,ଭୁବନେଶ୍ୱର), ଅଜୟ କୁମାର ଦାସ(ଇନ୍ସପେକ୍ଟର, ୟୁପିଡି, କଟକ), ଅତୁଲ କ୍ରିଷ୍ଣ ଦାସ(ଆଇର୍ପି, ସ୍ୱତନ୍ତ୍ର ଇଂଟେଲିଜେନ୍ସ ୱିଙ୍ଗ୍), ସରୋଜ କୁମାର ପଟେଲ(ଇନ୍ସପେକ୍ଟର, ସ୍ୱତନ୍ତ୍ର ଇଂଟେଲିଜେନ୍ସ ୱିଙ୍ଗ୍), ନିର୍ମଳ କୁମାର ମହାପାତ୍ର(ଇନ୍ସପେକ୍ଟର,ବରଗଡ଼), କିଶୋର ଚନ୍ଦ୍ର ବଳବନ୍ତରାୟ(ସୁବେଦାର, ପଂଚମ ଆଇଆର ବାଟାଲିୟନ, ବୌଦ୍ଧ), ରଥ ଲାକ୍ରା(ଓଏସଏପି, ଚତୁର୍ଥ ବାଟାଲିୟନ, ରାଉରକେଲା) ଏବଂ ମହମ୍ମଦ ଫଜଲ ଉମର(ଏପିଆର ହାବିଲଦାର, ଭିଜିଲାନ୍ସ, କୋରାପୁଟ) ରହିଛନ୍ତି।

# ଝୁଲନ୍ତା ଅବସ୍ଥାରେ ଶବ ଉଦ୍ଧାର

ଜଳେଶ୍ୱର, ୧୪/୮ (ନି.ପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ପୌରପାଳିକାରେ ଭାଦା ଗ୍ରାମ ଜଣେ ବିବାହିତ ପୁରୁଷଙ୍କର ନିଜଘରୁ ଝୁଲନ୍ତା ଅବସ୍ଥାରେ ପୁଲିସ୍ ଶବ ଉଦ୍ଧାର କରିଛି। ସେହି ଗ୍ରାମର ସନ୍ତୋଷ କୁମାର ବେହେରାଙ୍କ ପୁଅ ଶାନ୍ତନୁ କୁମାର ବେହେରା (୩୨) ଗତ କିଛିବର୍ଷ ଧରି ମାନସିକ ଚାପରେ ଥିଲେ । ୫ବର୍ଷ ପୂର୍ବରୁ ତାଙ୍କର ବିବାହ ହୋଇଥିଲେ ମଧ୍ୟ ବାଦାନୁବାଦ ମଧ୍ୟରେ ୨ବର୍ଷ ପୂର୍ବେ ୨ଜଣଙ୍କର ବିଚ୍ଛେଦ ହୋଇଥିଲା । ସନ୍ତୋଷ ଓ ତାଙ୍କ ସାନପୁଅ ଅନ୍ୟତ୍ର ରହୁଥିବା ବେଳେ ସୁଶାନ୍ତ ଗାଁ ଘରେ ରହୁଥିଲେ । ଆଜି ସକାଳେ ସନ୍ତୋଷ ସାନ୍ତନୁ ପାଖକୁ ବାରମ୍ବାର ଫୋନ କରିଥିଲେ ମଧ୍ୟ କେହି ଫୋନ ଉଠାଉନଥିବାରୁ ତାଙ୍କ ମନରେ ସନ୍ଦେହ ପ୍ରକାଶ ପାଇଥିଲା । ପରେ ସନ୍ତୋଷ ଗାଁର କେତେକ ଲୋକଙ୍କୁ ଫୋନ ଯୋଗେ ନିଜଘରଆଡେ ବୁଲିଆସିବାକୁ ଅନୁରୋଧ କରିବାରୁ ସେମାନେ ଅବସ୍ଥା ଦେଖି ପୁଲିସ୍‌କୁ ଖବର ଦେଇଥିଲେ । ସାନ୍ତନୁ ଜଣେ ଶିକ୍ଷିତ ପିଲା ଏବଂ ବିଭିନ୍ନ ସମୟରେ ବିଭିନ୍ନ ଅନୁଷ୍ଠାନରେ କାମ କରିଆସୁଥିଲା । ମୃତ୍ୟୁ ପୂର୍ବରୁ ସେ ତାର ମୋବାଇଲରେ ସାନଭାଇକୁ ତାର ଆତ୍ମହତ୍ୟା ସମ୍ପର୍କରେ ସୂଚନା ଦେଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ ।

# ବ୍ରାଉନ୍ ସୁଗର କାରବାର ଅଡିଓ ଭାଇରାଲକୁ ନେଇ ଚର୍ଚ୍ଚା

## ଓକିଲ ମାନଙ୍କ ମଧ୍ୟରେ ପ୍ରତିକ୍ରିୟା : ତଦନ୍ତରେ ଆସିଲେ ଏଏସ୍‌ପି

ଜଳେଶ୍ୱର, ୧୪/୮ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅଂଚଳରେ ବ୍ରାଉନ୍‌ସୁଗର କାରବାରକୁ ନେଇ ଜଣେ ଥାନା ଅଧିକାରୀଙ୍କ ଲିଙ୍କ ଥିବା ଅଡିଓ ଭାଇରାଲ ଓ ଗଣମାଧ୍ୟମରେ ପ୍ରକାଶ ହେବାପରେ ସ୍ଥାନୀୟ ଅଂଚଳରେ ତାହା ଆଲୋଚ୍ୟର ବିଷୟ ହୋଇଛି । ଜଳେଶ୍ୱର ଅଂଚଳରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବ୍ରାଉନ୍‌ସୁଗର କାରବାର ହୋଇ ଆସୁଥିବା ବେଳେ ପର୍ଶ୍ଚିମବଂଗର ବିଭିନ୍ନ ସ୍ଥାନରୁ ବିଭିନ୍ନ ଉପାୟରେ ଜଳେଶ୍ୱରକୁ ଆସିବାକୁ ଲାଗିଛି । କିନ୍ତୁ ଏହି ଚୋରାକାରବାରର ତରିକା ବଦଳି ଯାଇଥିବା ଅଡିଓ ଭାଇରାଲରୁ ଜାଣିବାକୁ ମିଳିଛି । ଅଡିଓ ଭାଇରଲରେ ଜଳେଶ୍ୱର ଆଇଆଇସି ଓ ଜନୈକ ଓକିଲଙ୍କ ଭଏସ୍‌ରେ କେତେକ କ୍ଷେତ୍ରରେ ତାଳମେଳ ରହୁନଥିବା ବେଳେ ବହୁ କ୍ଷେତ୍ରରେ ଏହାର ସାମଞ୍ଜସ୍ୟ ରହିଥିବା ସାଧାରଣରେ ଆଲୋଚନା ହେଉଛି । ଏଥିନେଇ ଜଳେଶ୍ୱର ଥାନାରେ ଲିଖିତ ଏତାଲା ଦାଏର ହୋଇଥିବାର କୁହାଯାଇଛି । ଅନ୍ୟପକ୍ଷରେ ଜଳେଶ୍ୱର ଥାନାରେ ୧.୫ କେଜି ବ୍ରାଉନ୍‌ସୁଗର ଯାହାର ଆନୁମାନିକ ମୂଲ୍ୟ ଦେଢ଼କୋଟି ହେବ, ୮ଟି ମାମଲାରେ ୧୨ଜଣଙ୍କୁ ଗିରଫ କରାଯାଇଥିବାର ପୁଲିସ୍ ପକ୍ଷରୁ କୁହାଯାଇଛି । ଏ ସଂପର୍କରେ ଆଜି ପୂର୍ବାଞ୍ଚଳ ଆଇ.ଜି ରିତେଶ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଅତିରିକ୍ତ ପୁଲିସ୍ ଅଧିକ୍ଷକ ଗୋବିନ୍ଦ ଚନ୍ଦ୍ର ସେଠୀ ଅପରାହ୍ନରେ ଜଳେଶ୍ୱର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ତଦନ୍ତ ଚାଲିଥିବାରୁ ଏ ସଂପର୍କରେ କିଛି ଲିକ୍ କରାନଯିବା ସଂପର୍କରେ କହିଥିଲେ । ଅନ୍ୟପକ୍ଷରେ ଏହା ଏକ ସେମ୍ବେଦନଶୀଳ ଘଟଣା ଓ ଅପରାଧଜନୀତ ବିଷୟବସ୍ତୁ ହୋଇଥିବାରୁ କ୍ରାଇମ୍ ବ୍ରାଞ୍ଚ କିମ୍ବା ସିବିଆଇ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି । କେବଳ ଏହି ଘଟଣା ନୁହେଁ ଥାନାରେ ଅନ୍ୟ କେତେକ ଘଟଣାରେ ମଧ୍ୟ ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ଜଣାଯାଇଛି ।

# ପୂର୍ବତଟ ରେଳପଥ ଦ୍ୱାରା ଆର୍ଟ ଗ୍ୟାଲେରୀ ଅଭିକ୍ଷ୍ୟା ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୮ (ନି.ପ୍ର): ପୂର୍ବତଟ ରେଳପଥ ଦ୍ୱାରା ଆର୍ଟ ଗ୍ୟାଲେରୀ ଓ ଆର୍ଟ ଷ୍ଟୁଡ଼ିଓ 'ଅଭିକ୍ଷ୍ୟା' ଉଦଘାଟିତ ହୋଇଯାଇଛି। ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଏହି ଆର୍ଟ ଗ୍ୟାଲେରୀ ଓ ଆର୍ଟ ଷ୍ଟୁଡ଼ିଓର ଉଦଘାଟନ କରିଥିଲେ। ଏହି ଅବସରରେ ମହାପ୍ରବନ୍ଧକ ଶ୍ରୀ ବିଦ୍ୟାଭୂଷଣ କହିଛନ୍ତି ଯେ ଏହି ଆର୍ଟ ଗ୍ୟାଲେରୀ ଓ ଆର୍ଟ ଷ୍ଟୁଡ଼ିଓ ରେଳବାଇ କର୍ମଚାରୀ ଓ ସେମାନଙ୍କର ପିଲାମାନଙ୍କର କଳାକୃତୀ ଦକ୍ଷତା କୁ ପ୍ରତିପାଦନ କରିବ ଓ ରେଳବାଇ କର୍ମଚାରୀ ଓ ସେମାନଙ୍କର ପିଲାମାନଙ୍କ ଦ୍ୱାରା ଅଙ୍କିତ ଚିତ୍ର କଳା ସହିତ କେତେକ ବିଶିଷ୍ଟ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ତୈଳଚିତ୍ର ଏବଂ କଳାକୃତି ଏହି ଆର୍ଟ ଗ୍ୟାଲେରୀ ମଧ ସ୍ଥାନିତ କରାଯାଇଛି। ରାଷ୍ଟ୍ରୀୟ ସ୍ତରର ଚିତ୍ର ଶିଳ୍ପୀ ଶ୍ରୀ ପି ଶ୍ୟାମ ସୁନ୍ଦର , ଗିନିଜ ବୁକ ରେ ସ୍ଥାନ ପାଇଥିବା ଡକ୍ଟର ମାଲ୍ଲ ଶିବା ଏବଂ ମିନିଏଚର ଆର୍ଟିଷ୍ଟ ବିବେକାନନ୍ଦ ନାୟକ ଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଓ କାରୁକାର୍ଯ୍ୟ ଏହି ଆର୍ଟ ଗ୍ୟାଲେରୀ ଓ ଆର୍ଟ ଷ୍ଟୁଡ଼ିଓ ର ଶୋଭା ବୃଦ୍ଧି କରୁଛି ଓ ଉପରୋକ୍ତ ସମସ୍ତ ଚିତ୍ରଶିଳ୍ପୀ ପୂର୍ବତଟ ରେଳପଥ ର କର୍ମଚାରୀ ଅଛନ୍ତି । ୱାଲ ମାଗାଜିନ ଅତସୀ କୁସୁମ ମଧ ଏହି ଅବସରରେ ରେଳସଦନ ଠାରେ ମହାପ୍ରବନ୍ଧକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ମହାପ୍ରବନ୍ଧକ ରେଳବାଇ କର୍ମଚାରୀ ଓ ସେମାନଙ୍କର ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଓ କଳାକୃତି ଏବଂ ସାହିତ୍ୟ କୁ ଭୁୟସୀ ପ୍ରଶଂସା କରିବା ସହିତ ସେମାନଙ୍କର କାର୍ଯ୍ୟଦକ୍ଷତାକୁ ଉତ୍ସାହିତ କରିଥିଲେ ଏବଂ ସେମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଏହି ମାଗାଜିନ ଏକ ମାଧମ ହେବ ବୋଲି କହିଥିଲେ। ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର, ବରିଷ୍ଠ ଉପ ମହାପ୍ରବନ୍ଧକ ଶ୍ରୀ ଏଚ କେ ଦତ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ୟୁରେକା କୋଚିଂ ସେଣ୍ଟରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୧୪।୮ (ନି.ପ୍ର): ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ୟୁରେକା କୋଚିଂ ସେଣ୍ଟରର କୃତୀ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ଆଜି ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ମଧୁସୂଦନ ବେହେରା, ଏକାଡେମିକ୍ ଏଡଭାଇଜର ଡକ୍ଟର ଜନାର୍ଦ୍ଦନ ବେହେରା, ପରୀକ୍ଷା ସଂଯୋଜକ ଜୀବନ ସଂଗ୍ରାମ ସାମନ୍ତ, ଅସ୍ମିତା ମହାନ୍ତି, ବିସ୍ମୟ ପରିଡ଼ା, ପରିଚାଳନା କମିଟି ସଦସ୍ୟା ଜ୍ୟୋତିର୍ମୟୀ ଶତପଥୀ ପ୍ରମୁଖ ଯୋଗଦେଇ ୟୁରେକା କୋଚିଂ ସେଣ୍ଟରରେ ପଢ଼ି ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଯୁକ୍ତଦୁଇ ପରୀକ୍ଷାରେ ୯୨ ପ୍ରତିଶତ ତଥା ୫୫୫ ନମ୍ବର ରଖି ଫକୀର ମୋହନ କଲେଜରେ ଟପ୍ପର ତଥା ଓଡ଼ିଶାରେ ଶ୍ରେଷ୍ଠ ୧୫ ଜଣଙ୍କ ମଧ୍ୟରେ ରହିଥିବା ଛାତ୍ରୀ ମୋନାଲିସା ସାହୁଙ୍କ ସମେତ ୮୯.୫୦ ପ୍ରତିଶତ ତଥା ୫୩୭ ନମ୍ବର ରଖି ଏଫଏମ କଲେଜରେ ଟପ-୨ରେ ଥିବା ଛାତ୍ର ରାମକୃଷ୍ଣ ପ୍ରତାପ ସିଂହ,୮୮ ପ୍ରତିଶତ ତଥା ୫୨୯ ମାର୍କ ରଖିଥିବା ଛାତ୍ରୀ ଦୀପ୍ତିମୟୀ ସାମଲ, ୫୦୯ ନମ୍ବର ରଖିଥିବା ଛାତ୍ର ଶିବପ୍ରସାଦ ଘୋଷ, ୫୧୪ ନମ୍ବର ରଖିଥିବା ଛାତ୍ର ସାଇସ୍ମୃତି ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ୟୁରେକାରେ ପଢୁଥିବା ୧୧ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତ ମାର୍କ ଓ ୨୪ ଜଣ ଛାତ୍ରଛାତ୍ରୀ ୭୫ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି କୋଚିଂ ସେଣ୍ଟରର ଅନୁଶାସନ ଓ ଶିକ୍ଷାଦାନର ସ୍ୱତନ୍ତ୍ର ଧାରା ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠାପୂର୍ଣ୍ଣ ଶିକ୍ଷାଦାନ ନୀତି ଛାତ୍ରଛାତ୍ରୀଙ୍କୁ ସର୍ବଦା ସଫଳତା ଦେଇ ଆସୁଛି ବୋଲି ନିର୍ଦ୍ଦେଶକ ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ତେବେ ୯୨ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ନୁଷ୍ଠାନର ଶ୍ରେଷ୍ଠ ଛାତ୍ରୀ କୁମାରୀ ସାହୁ ନିଜର ସଫଳତାର ଶ୍ରେୟ ସେ ପିତାମାତା, ଉଇସଡମ ହାୟାର ସେକେଣ୍ଡାରୀ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେବା ସହ ଭବିଷ୍ୟତରେ ଜଣେ ସଫଳ ଡାକ୍ତର ହୋଇ ଜନସେବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଛାତ୍ରଛାତ୍ରୀଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।

# ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍

ଭୁବନେଶ୍ୱର,୧୪।୮ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଥିବା ରାଜ୍ୟ ଜନଜାତି ସଂଗ୍ରହାଳୟ କରୋନା ପାଇଁ ଦର୍ଶକମାନଙ୍କ ନିମନ୍ତେ ବନ୍ଦ ଥିବାରୁ ଅନନ୍ୟ ଆଦିବାସୀ କଳାବସ୍ତୁ, ହାବିଟାଟ୍ ଓ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ପରିଦର୍ଶନ ନିମନ୍ତେ ବ୍ୟବସ୍ଥା କରାଯାଇଛି । ୧୯୫୨ ମସିହାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟରେ ରାଜ୍ୟର ୬୨ଟି ଜନଜାତି ସଂପ୍ରଦାୟର ଜୀବନଶୈଳୀ ଓ ସଂସ୍କୃତିର ପ୍ରଦର୍ଶନ କରାଯାଉଛି। 'ଟ୍ରାଇବାଲ୍ ମ୍ୟୁଜିୟମ୍' ଭାବେ ଜଣାଶୁଣା ଏହି ମ୍ୟୁଜିୟମ୍ କୁ 'ମ୍ୟୁଜିୟମ୍ ଅଫ୍ ମ୍ୟାନ୍ ' କୁହାଯାଇପାରିବ। ଏଥିରେ ବିଭିନ୍ନ ଜନଜାତି ସଂପ୍ରଦାୟର ଜୀବନଶୈଳୀ,ସଂସ୍କୃତି ଓ ଦୈନନ୍ଦିନ ବ୍ୟବହାର୍ଯ୍ୟ ବସ୍ତୁ ରଖାଯାଇଛି। ଭର୍ଚୁଆଲ୍ ଭାବେ ମ୍ୟୁଜିୟମ୍ ପରିଦର୍ଶନ କରିବାକୁ ଆଗ୍ରହୀ ବ୍ୟକ୍ତିବିଶେଷ ଫେସ୍‌ବୁକ୍ ଓ ଟୁଇଟରରେ ଏସ୍‌ସିଏସ୍‌ଟିଆର୍‌ଟିଆଇଅଣ୍ଡମଣ୍ଡଣ୍ଡକ୍ଷଣ୍ଡସ ଓ ଏସ୍‌ଟିଆଣ୍ଡଏସ୍‌ସି ଡେଭ୍‌ଲପ୍‌ମେଂଟ ଡିପାର୍ଟମେଂଟ, ମାଇନୋରିଟିସ୍ ଆଣ୍ଡ ବ୍ୟାକ୍ ୱାର୍ଡ କ୍ଲାସ୍ ୱେଲ୍‌ଫେୟାର ଡିପାର୍ଟମେଂଟ ଓଡ଼ିଶା ଅଣ୍ଡଣ୍ଡଣ୍ଡମୟରଙ୍ଗ ପେଜ୍ ଖୋଲି ଦେଖିପାରିବେ । ପ୍ରତ୍ୟେକ ସପ୍ତାହରେ ଦର୍ଶକମାନେ ଭିନ୍ନଭିନ୍ନ ଗ୍ୟାଲେରୀ ଓ ଜନଜାତି ବାସଗୃହ ପରିଦର୍ଶନ କରିପାରିବେ । ଏହି ଭର୍ଚୁଆଲ୍ ଟୁର୍ ଅଗଷ୍ଟ ୨ ତାରିଖଠାରୁ ଆରମ୍ଭ ହୋଇଛି। ଏହା ୧୪ ସପ୍ତାହବ୍ୟାପୀ ଚାଲିବ। ଆଉ ମଧ ଦର୍ଶକମାନେ ପ୍ରତ୍ୟେକ ସପ୍ତାହରେ ଜନଜାତିଙ୍କ ଜୀବନଶୈଳୀର ବିଭିନ୍ନ ଦିଗ ଉପରେ ବୃତଚିତ୍ର ମାନ ଦେଖିପାରିବେ । ଅଗଷ୍ଟ ୨ ତାରିଖ ଦିନ ଦର୍ଶକମାନେ ଓଡ଼ିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟର ମୁଖ୍ୟ ଗ୍ୟାଲେରୀ, ଅଗଷ୍ଟ ୯ ତାରିଖ ଦିନ ପ୍ରାଚୀନ ଜନଜାତି ଗୋଷ୍ଠୀର ଗ୍ୟାଲେରୀକୁ ଭର୍ଚୁଆଲ୍ ଟୁର କରିଥିଲେ । ଅଗଷ୍ଟ ୧୬ ତାରିଖ ଦିନ ସଂଗ୍ରହାଳୟରେ ଥିବା ଜୁଆଙ୍ଗ, ସାନ୍ତାଳ, ଗୋଣ୍ଡ ଓ ଲାଞ୍ଜିଆ ସଉରା ଘରକୁ ଭର୍ଚୁଆଲ୍ ଟୁର କରିପାରିବେ । ଏହା ଦ୍ୱାରା ପର୍ଯ୍ୟଟକମାନେ ଘରେ ବସି ସଂଗ୍ରହାଳୟ ବୁଲି ପରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।


# ମାଇକ୍ରୋସଫ୍ଟ ଟ୍ରାନ୍ସଲେଟରରେ ଓଡ଼ିଆ ଭାଷା

ଭୁବନେଶ୍ୱର,୧୪।୮ (ନି.ପ୍ର): ମାଇକ୍ରୋସଫ୍ଟ ଟ୍ରାନ୍ସଲେଟରରେ ସ୍ଥାନ ପାଇଛି ଓଡ଼ିଆ ଭାଷା। ଟେକ୍ନୋଲୋଜି କ୍ଷେତ୍ରରେ କାମ କରୁଥିବା ବିଶ୍ୱର ପ୍ରମୁଖ କମ୍ପାନୀ ମାଇକ୍ରୋସଫ୍ଟ ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ଏହି ଘୋଷଣାରେ କୁହାଯାଇଛି ଓଡ଼ିଆ ଭାଷା ଖୁବ୍ ଶୀଘ୍ର ମାଇକ୍ରୋସଫ୍ଟ ଟ୍ରାନ୍ସଲେଟର ଆପ୍, ଏମ୍ ଏସ୍ ଅଫିସ, ଟ୍ରାନ୍ସଲେଟର ଫର ବିଙ୍ଗ ଏବଂ ଆଜୁର୍ କଗ୍ନିଟିଭ୍ ସର୍ଭିସେସ୍ ଟ୍ରାନ୍ସଲେଟର ଆଦିରେ ସ୍ଥାନ ପାଇବ। ଉଲ୍ଲେଖ୍ୟଯୋଗ୍ୟଯେ ପୂର୍ବରୁ ହିନ୍ଦୀ , ବଙ୍ଗଳା,ଗୁଜରାଟୀ, କନ୍ନଡ, ମାଲାୟଲମ୍, ମରାଠୀ, ପଂଜାବୀ, ତାମିଲ, ତେଲୁଗୁ, ଉର୍ଦ୍ଦୁ ଏବଂ ଇଂରାଜୀ ଭାଷାରେ ମାକ୍ରୋସଫ୍ଟ କାର୍ଯ୍ୟ କରୁଛି।

# ସମାଜସେବି ମାନସ ପାଠୀଙ୍କ ସ୍ମୃତିଚାରଣ ସଭା

ଜଳେଶ୍ୱର,୧୪।୮ (ନି.ପ୍ର): ଅଳ୍ପ ବୟସ ହୋଇଥିଲେ ମଧ୍ୟ ସମାଜସେବାରେ ସେ ନିଜକୁ ନିୟୋଜିତ କରିବା ସହିତ ପରୋପକାର ଓ ସେବା କ୍ଷେତ୍ରରେ ମାଇଲ ଖୁଣ୍ଟଭାବେ କାର୍ଯ୍ୟ କରିଥିବା ସ୍ୱର୍ଗତ ମାନସ କୁମାର ପାଠୀଙ୍କୁ ଆଜି ହୋଟେଲ ଜଳେଶ୍ୱର ଇନ୍ ପରିସରରେ ବିଜେପି ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏହି ସ୍ମୃତିସଭାରେ ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବିଜେପିର ଜିଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ସଂପାଦିକା ସିପ୍ରା ବାଜପେୟୀ ଭିଡିଓ କଲିଂରେ ଶ୍ରଦ୍ଧାଞ୍ଜଳି ଓ ବିଗତ ଦିନର ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମୀର ପାତ୍ର, ଶାନ୍ତନୁ ପଟ୍ଟନାୟକ, ପ୍ରବୀର ପ୍ରଧାନ, ସୁରଜିତ୍ ଘୋଷ, ବାଣିଦାସ ମହାପାତ୍ର, ରିଆଜ୍ ଖାଁ, ସୁବ୍ରତ ଘୋଷ, ତପନ ବିଶ୍ୱାଳ, ମନୋଜ ସାସମଲ, ପ୍ରଣବ ପଣ୍ଡା, ସୁଖପଦ ସାମଲ, ଅଂଜନ ଦାସ, ସତ୍ୟଜିତ୍ ମିଶ୍ର, ମାନସ ଦତ୍ତ, ବିକାଶ ପାଢୀ, ହରିଶଂକର ଗିରି, ଶିବ ଶଂକର ଜେନା, ନବୀନ ସାମଲ, ରାମକୃଷ୍ଣ ସାହୁ, ସଂଜୟ ମହାନ୍ତି, ସୁମତି ଦେ, ମନୋରଂଜନ ଦାସ, ଅଜୟ ଚକ୍ରବର୍ତ୍ତୀ, ସୁଶାନ୍ତ ପ୍ରଧାନ, ମନୋଜ ଭୂୟାଁ, ରବିନାରାୟଣ ପାତ୍ର ପ୍ରମୁଖ ସ୍ମୃତିଚାରଣ କରି ସ୍ୱର୍ଗତ ପାଠୀଙ୍କର ଗୁଣାବଳି ବଖାଣିଥିଲେ ।

# ପ୍ରଫେସର ଜୟନ୍ତ ଦାସଙ୍କ ଦ୍ୱାଦଶାହରେ ସ୍ମୃତିସଭା



ଜଳେଶ୍ୱର, ୧୪/୮ (ନି.ପ୍ର) : ପ୍ରଫେସର ଜୟନ୍ତ ଦାସଙ୍କ ଦ୍ୱାଦଶାହ ଉପଲକ୍ଷେ ସ୍ମୃତି କମିଟି ପକ୍ଷରୁ ଆଜି ତାଙ୍କ ନିଜବାସଗୃହଠାରେ ଏକ ଶ୍ରଦ୍ଧାସୁମନ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତାଙ୍କ ଗୁରୁ ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରି ତାଙ୍କ ଅଧ୍ୟାପନା ବେଳେ ସ୍ୱର୍ଗତ ଜୟନ୍ତ ଦାସ ପ୍ରଥମ ଅନର୍ସର ଛାତ୍ର ଥିଲେ ଓ ତାଙ୍କର ବ୍ୟବହାର, ଶିକ୍ଷାଲାଭ, ମାନବ ପଣିଆ, ଆଲୋଚ୍ୟର ବିଷୟ ଥିଲା ବୋଲି କହିଥିଲେ । ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଦୀନକୃଷ୍ଣ ସ୍ମୃତିପରିଷଦର ଅଧ୍ୟକ୍ଷ ବିପିନ ବିହାରୀ ବିଶ୍ୱାଳ ଦୀର୍ଘବର୍ଷର ସହପାଠୀ, ଜିତାରାମ ଦେ, ଡ. ରମାକାନ୍ତ ଭଂଜ, ରେବତୀର ସଂପାଦିକା ସୁବାସିନୀ ଜେନା, ଡ. ଅଜିତ୍ କୁମାର ମହାନ୍ତି, ଆଶିଷ କୁମାର ଦାସ, ବିଷ୍ଣୁପଦ ମହାନ୍ତି, ଦିଲ୍ଲିପ ଗିରି, ସୁନିଲ ଗିରି, ଶରତ ପରିଡା, କମଳ ଚକ୍ରବର୍ତ୍ତୀ, ସୁକୁମାର ଦାସ, ଗୋପବଂଧୁ ମହାପାତ୍ର, ଅଂଶୁମାନ ମହାନ୍ତି, ଜୟଦେବ ଦାସ, ଶ୍ୟାମଳ କିଶୋର ଦାସ, ଲିପ୍‌ସା ଦାସ, ସତ୍ୟସୁନ୍ଦର ଦାସ, ରାମଚନ୍ଦ୍ର ଜେନା, ଗିତାଞ୍ଜଳି ଦାସ, ପ୍ରଣତି ଦାସ, ଅବନୀ ଚାନ୍ଦ, ଜଳଧର ଭଂଜ, ନାରାୟଣ ଚନ୍ଦ୍ର ପ୍ରଧାନ, ଇନ୍ଦୁମତି ଗିରି, ସତ୍ୟବ୍ରତ ପ୍ରଧାନ, ମଧୁସୂଦନ ଦତ୍ତ, ଅଧିର କୁମାର ଗିରି, ଜୀବନ ପରିଡା, ପୂର୍ଣ୍ଣଚନ୍ଦ୍ର ଦେ, ଜ୍ୟୋତ୍ସ୍ନା ଦେ, ମଂଜୁ ଦେ ଓ ସ୍ୱର୍ଗତ ଦାସଙ୍କ ପୁତ୍ରବଧୂ ଡ. ଅଭିଶ୍ୱେତା ଦାସ ଶ୍ରଦ୍ଧାସୁମନ ଜ୍ଞାପନ କରି ମୃତ୍ୟୁ ଏକ ଧ୍ରୁବସତ୍ୟ ଓ ବୈଦିକ ଧର୍ମ, ତାଙ୍କର ମାନବିକତା, ସଂଗଠନ ପ୍ରିୟତା, ସାମବାଦୀ ନିତୀ, ଗରିବଙ୍କ ପ୍ରତି ଦୟା, ବଂଧୁତ୍ୱପୂର୍ଣ୍ଣ ସମ୍ଭାଷଣ, ସହପାଠୀଭାବେ ସ୍ମୃତିଚାରଣ କରିଥିଲେ । ସମ୍ବାଦର ଡିଜିଏମ୍ ଗୌତମ ବୁଦ୍ଧ ଦାସ, ଅବସରପ୍ରାପ୍ତ ଶ୍ରସାନୀକ ଅଧିକାରୀ ସନ୍ତୋଷ ମିଶ୍ର, ଡ. ଶ୍ରୀଜୟା ଦାସ, ସ୍ତମ୍ଭକାର କାଳିପଦ ପଣ୍ଡା, ଡ. ଡିଡି ଘୋଷ, ମିହିର ଭଂଜ ପ୍ରମୁଖ ଭିଡିଓ କଲିଂରେ ସ୍ମୃତିଚାରଣ କରିଥିଲେ । କରୋନାର କଟକଣା ସତ୍ୱେ ବିଭିନ୍ନ ଅଂଚଳରୁ ତାଙ୍କ ବଂଧୁମାନେ ଅରସି ଦଳେ ପରେ ଦଳେ ସ୍ମୃତିଚାରଣ କରିଥିଲେ । ନଳଗଜା କଲେଜ ପକ୍ଷରୁ ଏକ ସ୍ମୃତିଚାରଣ ବାର୍ତ୍ତା ଆସିଥିଲା । ସ୍ମୃତିସଭାରେ ଏକ ସ୍ମରଣୀକାକୁ ଡ. ବିପିନ ବିହାରୀ ବିଶ୍ୱାଳ ଉନ୍ମୋଚନ କରିଥିଲେ ।

ଶନିବାର,୧୫ ଅଗଷ୍ଟ ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଭୁବନେଶ୍ୱରରୁ ପୁଣି ୨୪୭ କରୋନା ପଜିଟିଭ୍

ଭୁବନେଶ୍ୱର,୧୪।୮ (ନି.ପ୍ର): ଭୁବନେଶ୍ୱରରେ ଶୁକ୍ରବାର ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ପୁଣି ୨୦୦ ଟପିଛି। ଶୁକ୍ରବାର ଦିନ ଗୋଟିଏ ଦିନରେ ଆଉ ୨୪୭ ଅକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୧୪୮ ଜଣ କ୍ୱାରେଂଟାଇନ୍‌ରୁ ଠାବ ହୋଇଥିବା ବେଳେ ୯୯ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିଭଳି ଗୋଟିଏ ,ଦିନରେ ଆଉ ୧୦୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୮୪୨କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୩୧୧୮ ଜଣ ସୁସ୍ଥ ହୋଇଥିବା ବେଳେ ୨୩ ଜଣଙ୍କର ମୃତ୍ୟୁ ହୋଇଛି। ବର୍ତ୍ତମାନ ଆଉ ୧୬୯୫ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି। ବିଏମସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆଜି ଚିହ୍ନଟ ୧୪୮ ଟି କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ୨ ଜଣଙ୍କର ଟ୍ରାଭେଲ ହିଷ୍ଟ୍ରି ରହିଛି ଏବଂ ଅନ୍ୟ ସମସ୍ତେ ପୂର୍ବରୁ ଚିହ୍ନଟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଶୁକ୍ରବାର ୟୁନିଟ୍ -୬ ଓ ସୁକ ବିହାର ଅଂଚଳରୁ ୧୧ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ବମିଖାଲରୁ ୮ ଜଣ, ନୟାପଲ୍ଲୀରେ ଥିବା ଏକ ହୋଟେଲର ୬ ଜଣ କର୍ମଚାରୀ, ରିଜର୍ଭ ପୋଲିସ୍ କଲୋନୀରୁ ୬ ଜଣ, ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ବସ୍ତିରୁ ୪ ଜଣ , ବୁଦ୍ଧେଶ୍ୱରୀ କଲୋନୀରୁ ୪ , ଆଇଆରସି ଭିଲେଜ ଏନ ୬ ରୁ ୪ ଜଣ, ଘରୋଇ ହସ୍ପିଟାଲର ୪ କର୍ମଚାରୀ ଓ ଡୁମଡୁମାରୁ ୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ସ୍ଥାନୀୟ ମାମଲା ମଧ୍ୟରୁ ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀରୁ ୪ ଜଣ, ନିଳାଦ୍ରୀବିହାର ପଣ୍ଡଶ ପାର୍କ ବସ୍ତିରୁ ୩ ଜଣ ରହିଛନ୍ତି। ଅପରପକ୍ଷରେ ୟୁନିଟ୍ ୪ରୁ ସର୍ବାଧିକ ୧୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ , ସିରିପୁର ଭୋଇ ସାହିରୁ ୭, ୟୁନିଟ୍ ୮ରୁ ୬, ୟୁନିଟ୍ ୯ରୁ ୫ , ସାମନ୍ତରାପୁରରୁ ୮ , ଭୀମପୁରରୁ ୬, ବମିଖାଲ, ବଡଗଡ , ଅଶୋକ ନଗର ଓ ଚନ୍ଦ୍ରଶେଖରପୁର ବିଡିଏ କଲୋନୀରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

# ୨୪ ଘଂଟାରେ ଅବପାତର ରୂପ ନେବ ଲଘୁଚାପ

## ୨ ଦିନ ପ୍ରବଳ ବର୍ଷିବ , ସବୁ ବନ୍ଦରକୁ ୩ ନମ୍ବର ବିପଦ ସଂକେତ ଜାରି



ଭୁବନେଶ୍ୱର,୧୪।୮ (ନି.ପ୍ର): ଉତର ଓଡିଶା ଉପକୂଳ ଏବଂ ଗ୍ୟାଙ୍ଗଟିକ ପର୍ଶ୍ଚିମବଙ୍ଗ ଅଂଚଳରେ ଲଘୁଚାପ ଘନୀଭୂତ ହୋଇ ୱେଲ ମାର୍କେଡ୍ ଲୋ ପ୍ରେସରରେ ପରିଣତ ହୋଇ ଉତର ଓଡିଶା ଉପକୂଳ, ସଂଲଗ୍ନ ଉତର-ପର୍ଶ୍ଚିମ ବଙ୍ଗୋପସାଗର ଏବଂ ଗ୍ୟାଙ୍ଗଟିକ ପର୍ଶ୍ଚିମବଙ୍ଗ ଅଂଚଳରେ ରହିଛି। ଏହା ଆଗାମୀ ୨୪ଘଂଟାରେ ଆହୁରି ଘନୀଭୂତ ହୋଇ ଗୋଟିଏ ଅବପାତ ର ରୂପ ନେବା ସହ , ଉତର-ପର୍ଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି ।ଏହା ସହ ଜଡିତ ଘୂର୍ଣିବଳୟ ସମୁଦ୍ର ପତନ ଠାରୁ ବାୟୁମଣ୍ଡଳରେ ୭.୬ କିମି ଉଚ୍ଚତା ଯାଇଁ ବ୍ୟାପିଛି । ଏହା ପ୍ରଭାବରେ ଓଡିଶା ଉପକୂଳ ତଥା ତାହାର ଆଖପାଖ ଅଂଚଳରେ ପବନ ୩ଦିନ ଯାଇଁ ୪୫ ରୁ ୫୫ କିମି ବେଗରେ ରହିବାର ସମ୍ଭାବନା ଥିବାରୁ ଓଡ଼ିଶାର ସମସ୍ତ ବନ୍ଦର ଗୁଡିକ ପାଇଁ ୩ ନମ୍ବର ବିପଦ ସଂକେତ ଜାରି କରାଯାଇଛି। ଏହାର ପ୍ରଭାବରେ ଆସନ୍ତା ୧୭ ତାରିଖ ଯାଏଁ ସାରା ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଆସନ୍ତା ଦୁଇ ଦିନ ରାଜ୍ୟର କେତେକ ଜିଲ୍ଲାରେ ଅତିପ୍ରବଳ ବର୍ଷା ହୋଇପାରେ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଂଟା ମଧରେ ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ହେଲା ପୁରୀ, ଜଗତସିଂହପୁର, ସମ୍ବଲପୁର, ଅନୁଗୁଳ ଓ ଦେବଗଡ଼। ସେହିପରି କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ, ଢେଙ୍କାନାଳ, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗୀର ଆଦି ଜିଲ୍ଲା ସମେତ କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, ମାଲକାନଗିରି ଓ ସୁନ୍ଦରଗଡ଼ ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ଷା ସମୟରେ ସମୁଦ୍ର ଭିତରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

## ରାଜ୍ୟରେ ଆଉ ୧୦ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୩୨୪ ହେଲା

ଭୁବନେଶ୍ୱର,୧୪।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୩୨୪ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାର ଚାରି ଜଣ ରହିଥିବା ବେଳେ ପୁରୀ ଜିଲ୍ଲାର ୩ ଜଣ ଅଛନ୍ତି । କଟକ,ସମ୍ବଲପୁର ଓ ସୁନ୍ଦରଗଡର ଜଣେ ଜଣେ କରୋନାରେ ମୃତ୍ୟୁ ବରଣ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସେହିପରି କଟକ ଜିଲ୍ଲାର ଜଣେ ୪୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ସେହିପରି ଗଂଜାମ ଜିଲ୍ଲାର ଜଣେ ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ, ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୭୫ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ। ସେହିପରି ଗଂଜାମ ଜିଲ୍ଲାର ହିଁ ୬୫ ବର୍ଷ ବୟସ୍କ ପୁରୁଷଙ୍କର ଓ ଅନ୍ୟ ଜଣେ ୭୦ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୫୨ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ଜଣା ପଡିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୩୨ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ପୁରୀ ଜିଲ୍ଲାର ଜଣେ ୫୦ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ, ମଧୁମେହ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୫୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଭାବେ ପୁରୀ ଜିଲ୍ଲାର ହିଁ ଜଣେ ୭୨ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ ।

## ବରିଷ୍ଠ ଆଇପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୪।୮ (ନି.ପ୍ର): ବରିଷ୍ଠ ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ ହୋଇଛି। କ୍ରାଇମବ୍ରାଂଚ ଆଇଜି ତଥା ୧୯୯୯ ବ୍ୟାଚ୍ ଆଇପିଏସ୍ ଘନଶ୍ୟାମ ଉପାଧ୍ୟାୟଙ୍କୁ ଭିଜିଲାନ୍ସ ଆଇଜି ଭାବେ ବଦଳି କରାଯାଇଛି। ଗୃହ ବିଭାଗ ପକ୍ଷରୁ ଏସମ୍ପର୍କିତ ବିଜ୍ଞପ୍ତି ଜାରି କରାଯାଇଛି। ସେହିପରି କମ୍ପ୍ୟୁଟର ଏସପି ୨୦୦୨ ବ୍ୟାଚ୍ ଗଜଭିୟେ ଏସକେ ଈଶ୍ୱରଦାସଙ୍କୁ ଅର୍ବାନ ପୁଲିସ୍ ଆଣ୍ଡ ଟ୍ରାଫିକ୍ ଟ୍ରେନିଂ ଇନଷ୍ଟିଚ୍ୟୁଟର ପ୍ରିନ୍ସିପାଲ, କଳାହାଣ୍ଡି ଜିଲ୍ଲା ଅତିରିକ୍ତ ଏସପି ତଥା ଓପିଏସ୍ ମନୋଜ କୁମାର ମହାନ୍ତଙ୍କୁ ଦେବଗଡ଼ ଏସପି(ଇନଚାର୍ଜ) ଭାବେ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱରସ୍ଥିତ ଅର୍ବାନ ପୁଲିସ୍ ଆଣ୍ଡ ଟ୍ରାଫିକ୍ ଟ୍ରେନିଂ ଇନଷ୍ଟିଚ୍ୟୁଟର ପ୍ରିନ୍ସିପାଲ ଥିବା ଓଏପିଏସ୍ ବିଜୟ କୁମାର ସାହୁଙ୍କୁ ସପ୍ତମ ବାଟାଲିୟନର କମାଣ୍ଡାଂଟ ଭାବେ ବଦଳି କରାଯାଇଛି। ଗତ ଜୁଲାଇ ୧୪ତାରିଖରେ ଦେବଗଡ଼ ଏସପି ଭାବେ ବଦଳି ହୋଇଥିବା ଓପିଏସ୍ ଏସସି ଜମାଦାରଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇ ପୁଲିସ ମୁଖ୍ୟାଳୟର ଅତିରିକ୍ତ ଆଇଜି ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି।

# ସଚେତନତା ସୃଷ୍ଟିରେ ବିଫଳ ବାଲେଶ୍ୱର ପ୍ରଶାସନ

## ବିବାଦରେ ବର୍ଜ୍ୟବସ୍ତୁ ପରିଚାଳନା ୟୁନିଟ୍ ସ୍ଥାପନ

## ସ୍ଥାନୀୟ ବାସିନ୍ଦାଙ୍କ ବିରୋଧରୁ ମାଣିଖମ୍ବ ୟୁନିଟ୍ ନିର୍ମାଣ କାର୍ଯ୍ୟ ବନ୍ଦ



ବାଲେଶ୍ୱର,୧୪।୮ (ନି.ପ୍ର): ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି)ର ନିର୍ଦ୍ଦେଶାନୁସାରେ ସମ୍ପ୍ରତି ସମଗ୍ର ଦେଶର ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ବାଲେଶ୍ୱରରେ ଜନ ସଚେତନତାର ଅଭାବ ଏହି ଯୋଜନା କାର୍ଯ୍ୟକାରୀରେ ଅନ୍ତରାୟ ହୋଇଛି। ବର୍ଜ୍ୟବସ୍ତୁ ପିଚାଳନା ଯୋଜନାରେ ଅଦ୍ରତାଯୁକ୍ତ ବର୍ଜ୍ୟବସ୍ତୁକୁ କମ୍ପୋଷ୍ଟରେ ପରିଣତ ପାଇଁ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର (ଏମସିସି) ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ମେଟେରିଆଲ ରିନୁଆଲ ଫେସିଲିଟି (ଏମଆରଏଫ) ସ୍ଥାପନ କରାଯାଉଛି। ଏହି କ୍ରମରେ ବାଲେଶ୍ୱରର ଶ୍ରୀକଣ୍ଠପୁର ମୌଜାରେ ଏମସିସି ସ୍ଥାପନକୁ ନେଇ ପୂର୍ବରୁ ଲୋକଙ୍କ ପ୍ରତିବାଦ ହୋଇଥିବା ବେଳେ ଏବେ ମାଣିଖମ୍ବ ଅଞ୍ଚଳରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖାଯାଇଛି। ଏଠାରେ ନିର୍ମାଣ ହେଉଥିବା ଏମସିସି ୟୁନିଟ୍ ନିର୍ମାଣ କାର୍ଯ୍ୟକୁ ସ୍ଥାନୀୟ ଲୋକେ ବନ୍ଦ କରିବା ସହ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି। ପ୍ରାରମ୍ଭରୁ ସ୍ଥାନୀୟ ଲୋକଙ୍କ ମତାମତ ନନେଇ ପୌରପାଳିକା ପକ୍ଷରୁ କଲ୍ୟାଣ ମଣ୍ଡପ ସ୍ଥାପନର ଆଳ ଦେଖାଇ କାର୍ଯ୍ୟ ଆରମ୍ଭ ହୋଇଥିଲା ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ମାଣିଖମ୍ବ ଭଳି ଘନ ଜନବସତି ଅଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ୟୁନିଟ୍ ସ୍ଥାପନ ଦ୍ୱାରା ଏଠାକାର ପରିବେଶ ପ୍ରଦୂଷଣ ହେବା ନେଇ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଜନବହୁଳ ଅଞ୍ଚଳ ଦେଇ ସହରର ଆବର୍ଜନା ବୁହାହେବା ଦ୍ୱାରା ନାନାବିଧ ସମସ୍ୟା ଉପୁଜିବ ବୋଲି ସେମାନେ ଆରୋପ କରିଛନ୍ତି। ଏହି ଅଞ୍ଚଳରେ ମନ୍ଦିର, ଏକାଧିକ ବିଦ୍ୟାଳୟ ଥିବା ବେଳେ ଏହାର ପ୍ରଭାବ ସିଧାସଳଖ ଲୋକଙ୍କ ଉପରେ ପଡ଼ିବ ବୋଲି ସେମାନେ କହିଛନ୍ତି। ଅତଏବେ ଏହାକୁ ଅନ୍ୟତ୍ର ଜନବସତି ନଥିବା ଖାଲି ଜାଗାକୁ ସ୍ଥାନାନ୍ତର ପାଇଁ ମାଣିଖମ୍ବବାସୀ ଦାବି କରିଛନ୍ତି। ନତୁବା ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ତେବେ ଏ ସମ୍ପର୍କରେ ପ୍ରକଳ୍ପ କାର୍ଯ୍ୟ ତଦାରଖକାରୀ ବାଲେଶ୍ୱର ପୌରପାଳିକାର କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ନାୟକଙ୍କୁ ପଚାରିବାରୁ, ଅଜ୍ଞତା ଦୃଷ୍ଟିରୁ ଲୋକମାନେ ଏହି ୟୁନିଟ୍‌ର ଉପାଦେୟତା ନ ଜାଣି ଏହାକୁ ବିରୋଧ କରିବା ଉଚିତ ନୁହେଁ ବୋଲି ସେ କହିଥିଲେ। ଡମ୍ପିଂ ୟାର୍ଡ଼ରୁ ଆଦ୍ରତାଯୁକ୍ତ ବର୍ଯ୍ୟବସ୍ତୁ ପବନ ପ୍ରବେଶ କରିପାରୁ ନଥିବା ସ୍ୱତନ୍ତ୍ର ଗାଡ଼ିରେ ଏମସିସିକୁ ଆସିବା ସହ ଏଠାରୁ କମ୍ପୋଷ୍ଟ ମଧ୍ୟ ଅନୁରୂପ ଭାବେ ବାହାରକୁ ପଠାଇ ଦିଆଯିବ। ଏହା ଦ୍ୱାରା କାହାରି କିଛି କ୍ଷତି ହେବାର ନାହିଁ। ନିଜ ଅଞ୍ଚଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଏମସିସି ଓ ଏମଆରଏଫ ପ୍ରତିଷ୍ଠା ପାଇଁ କନିଷ୍ଠ ଯନ୍ତ୍ରୀ ଶ୍ରୀ ନାୟକ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ତେବେ ଜନ ସଚେତନତା ସୃଷ୍ଟି ନେଇ ପୌର କର୍ତ୍ତୃପକ୍ଷ ବିଶେଷ ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ଏଭଳି ବିବାଦୀୟ ପରିସ୍ଥିତି ଦେଖାଦେଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏମସିସି ପ୍ଲାଣ୍ଟରେ ବଡ଼ ବଡ଼ କୂଅ ଖୋଳାଯାଇ ବର୍ଜ୍ୟବସ୍ତୁକୁ ସେଥିରେ ପକାଯିବା ସହ ଆବଶ୍ୟକ କେମିକାଲ ଦ୍ୱାରା ତାହାକୁ ଡିକେମ୍ପୋଜଡ୍ କରାଯାଇ ୭ ଦିନ ପରେ ତାହାକୁ କମ୍ପୋଷ୍ଟ ଖତ ଭାବେ ଚାଷୀମାନଙ୍କୁ ପ୍ରଦାନ କରାଯାଇପାରିବ। ସେହିକ୍ରମରେ ବାଲେଶ୍ୱର ସହରରେ ଦୈନିକ ଉତ୍ପନ୍ନ ହେଉଥିବା ୨୯.୫୦ ମେଟ୍ରିକ୍ ଟନ୍ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୫-ଟିପିଡି(ଦୈନିକ ୫ ଟନ୍ ହିସାବରେ) ୬ ଗୋଟି ପରିଚାଳନା ୟୁନିଟ୍ 'ଏମସିସି' ସ୍ଥାପନ ନିମନ୍ତେ ସ୍ଥାନ ନିରୂପଣ ହୋଇଛି। ସହରର ମାଣିଖମ୍ବ, ଶ୍ରୀକଣ୍ଠପୁର, ଚାନ୍ଦମାରି ପଡ଼ିଆ, ଗୁଡ଼ିପଦା, ସୁନହଟ ଓ ପୁରୁଣାବାଲଶ୍ୱର ଆଦି ସ୍ଥାନରେ ଏହି ୟୁନିଟ୍ ସ୍ଥାପନ କରାଯିବ। ସେହିପରି କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସୁନହଟ, ପୁରୁଣାବାଲେଶ୍ୱର, ଚାନ୍ଦମାରିପଡ଼ିଆ ଓ ଚୂନଭାଟି ଆଦି ୪ ଗୋଟି ସ୍ଥାନ ନିରୂପଣ ହୋଇଛି। ମାତ୍ର ଜନ ସଚେତନତା ସୃଷ୍ଟିରେ ବିଫଳତା ଯୋଗୁଁ ଏହି ପ୍ରୋସେସିଂ ୟୁନିଟ୍ ସ୍ଥାପନକୁ ନେଇ ଏବେ ସବୁଠି ବିବାଦ ଦେଖାଦେଇଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି।


## ସାମାନ୍ୟ ବର୍ଷାରେ ମ୍ୟୁନିସିପାଲଟି ବେହାଲ : ୪ନଂ ୱାର୍ଡରେ ଆଣ୍ଠୁଏ ପାଣି

ଜଳେଶ୍ୱର,୧୪।୮ (ନି.ପ୍ର): ଆଜି ସକାଳଠାରୁ ଜଳେଶ୍ୱର ଅଂଚଳରେ ଝିପିଝିପି ବର୍ଷା ଆରମ୍ଭ ହୋଇଛି । ଏହି ବର୍ଷାରେ ଜଳେଶ୍ବର ମ୍ୟୁନିସିପାଲଟିର ବିଭିନ୍ନ ସ୍ଥନାରେ ଜଳନିଷ୍କାସନ ହୋଇପାରିନାହିଁ। ଏ ସଂପର୍କରେ କେତେକ ବାସିନ୍ଦା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜଳେଶ୍ୱର ମ୍ୟୁନିସିପାଲଟିର ୧୭ଟି ୱାର୍ଡ । ଲୋକ ସଂଖ୍ୟା ପ୍ରାୟ ୩୧ହଜାର । ଏହାର କେତେକୱାର୍ଡରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ରାସ୍ତା ବୁଡି ପାଣିର ସୁଅ ଛୁଟେ ତ ଅନ୍ୟ କେତେକଙ୍କ ଘରେ ପାଣି ପଶେ । ଅଳ୍ପ ବର୍ଷା ଫଳରେ ୪ନଂ ୱାର୍ଡର ସାପ୍ତାହିକ ହାଟ ନିକଟ କେତେକ ସ୍ଥାନ ପାଣିରେ ବୁଡି ଯାଇଛି । କଂକ୍ରିଟ ରୋଡ ଥିଲେ ମଧ୍ୟ ତା ଉପରେ ପାଣି ଛିଡା ହୋଇଛି । ଜଳ ନିଷ୍କାସନର ରାସ୍ତା ହୋଇ ପାରୁନଥିବାରୁ ଆଜି ସେଠାରେ ବସବାସ କରୁଥିବା ପରିବାରବର୍ଗ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗତ କିଛିବର୍ଷ ଧରି ଏପରି ଘଟଣା ଘଟି ଆସୁଥିଲେ ମଧ୍ୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ସେମାନେ ଅଭିଯୋଗ କରିଆସୁଛନ୍ତି । ଅନ୍ୟପକ୍ଷରେ ମ୍ୟୁନିସିପାଲଟିର ୱାର୍ଡ ନଂ ୩, ୭, ୮, ୯, ୧୦, ୧୧ରେ ମଧ୍ୟ ବର୍ଷା ପାଣି ନିଷ୍କାସନ ହୋଇନପାରୁଥିବାରୁ ସେ ଅଂଚଳ ଉବୁଟୁବୁ ଅବସ୍ଥାକୁ ଆସିଛି । ଏ ସଂପର୍କରେ ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହି ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ମ୍ୟୁନିସିପାଲଟିର ବିଭିନ୍ନ ସ୍ଥାନ ଜଳ ନିଷ୍କାସନ ରାସ୍ତା ବନ୍ଦ ହୋଇ ଯାଇଥିବାରୁ ଚଳିତତବର୍ଷ ବର୍ଷା ପୂର୍ବରୁ କେତେକ ସ୍ଥାନରେ ଜେସିବି ଲଗାଇ ଜଳନାଳୀ ପରିଷ୍କାର କରାଯାଇଛି । ଜଳ ନିଷ୍କାସନ ହୋଇପାରୁନଥିବା ସ୍ଥାନର ଅଧିବାସୀଙ୍କ ଅଭିଯୋଗ ପାଇଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ ।

## ପ୍ଲାଜ୍‌ମା ଦାତାଙ୍କୁ ଗଣଶିକ୍ଷା ମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୪।୮ (ନି.ପ୍ର): ଗୁରୁତର କରୋନା ରୋଗୀଙ୍କୁ ପ୍ଲାଜ୍‌ମା ଥେରାପି ସହାୟତାରେ ପୂର୍ଣ୍ଣ ଆରୋଗ୍ୟ କରାଯାଇ ପାରୁଛି । ଗୋଟିଏ ବ୍ୟକ୍ତିଙ୍କଠାରୁ ସଂଗୃହୀତ ପ୍ଲାଜ୍‌ମା ୨ ଜଣ କୋଭିଡ୍ ରୋଗୀଙ୍କୁ ଆରୋଗ୍ୟ କରିପାରୁଛି। ପ୍ଲାଜ୍‌ମା ଦାନ ଅଭିଯାନକୁ ଏକ ଗଣଆନ୍ଦୋଳନରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ବରି ଗସ୍ତ କରି ପ୍ଲାଜ୍‌ମା ଦାନ କରିଥିବା ୪ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ସୂଚନାଯୋଗ୍ୟ ଯେ ଶ୍ରୀ ସଂଜୟ ଜେନା, ଶ୍ରୀ ପ୍ରକାଶ ସେଠୀ, ଶ୍ରୀ ଗୋକୁଳ ସାହୁ ଏବଂ ଶ୍ରୀ ଲକ୍ଷ୍ମଣ ଜେନା ପ୍ଲାଜ୍‌ମା ଦାନ କରିଥିଲେ । ଏହି ଅବସରରେ ବରି ବିଧାୟିକା ସୁନନ୍ଦା ଦାଶ ଉପସ୍ଥିତ ଥିଲେ ।

## ୧୬୮୪ ଛୁଇଁଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା




ବାଲେଶ୍ୱର,୧୪।୮ (ନି.ପ୍ର): ଦିନ ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅଦ୍ୟାବଧି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୪ ଲକ୍ଷ ଅତିକ୍ରମ କରିଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ସଂଖ୍ୟା ୫୪ହଜାର ୬୩୦ରେ ପହଞ୍ଚିଛି। ସେହିଭଳି ବାଲେଶ୍ୱର ଜିଲ୍ଲାରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି। ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ଯାଉଛି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୫୬ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୬୮୪ରେ ପହଞ୍ଚିଛି। ଅଦ୍ୟାବଧି ୧୧୨୪ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୫୪୮ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ଅଦ୍ୟାବଧି ଜିଲ୍ଲାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ଚିହ୍ନଟ ହୋଇଥିବା ୫୬ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରୁ ୧୭ଜଣ ସଂକ୍ରମିତ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି।ଗୋପାଳଗାଁର ୨୨ ବର୍ଷର ଯୁବକ, ସତ୍ୟନଗରର ୩୭ ବର୍ଷର ଯୁବକ, ଗୋଧିବସାର ୨୨ ବର୍ଷର ମହିଳା, ଦେୱାନୀ ପାଟଣାର ୨୭ ବର୍ଷର ଯୁବକ, ପୁରୁଣାବାଲେଶ୍ୱରର ୨୦ ବର୍ଷର ଯୁବକ ଓ ୬୨ ବର୍ଷର ପୁରୁଷ, ସହଦେବଖୁଣ୍ଟାର ୪୩ ବର୍ଷର ପୁରୁଷ ଓ ୩୨ ବର୍ଷର ମହିଳା, ନୀଳିଆବାଗର ୫୧ ବର୍ଷର ମହିଳା ଓ ୨୧ ବର୍ଷର ଯୁବକ, ମୋତିଗଞ୍ଜର ୭୦ ବର୍ଷର ବୃଦ୍ଧା, ସୁନହଟର ୪୦ ଓ ୨୮ ବର୍ଷର ଦୁଇଜଣ ମହିଳା ଏବଂ ୩୮ ବର୍ଷର ଯୁବକ, ଫକୀରମୋହନ ନଗରର ୨୫ ବର୍ଷର ମହିଳା, ବାରବାଟୀର ୭୫ ବର୍ଷର ପୁରୁଷ, ବଡ଼ଖୁଆ ଅଞ୍ଚଳର ୬୨ ବର୍ଷର ମହିଳା କରୋନା ପଜିଟିଭ୍ ଥିବା ଜଣାପଡ଼ିଛି। ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲ୍ଲାରେ ସ୍ଥାନୀୟ ସଂକ୍ରମଣ ବଢ଼ିଚାଲିଥିବା ବେଳେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## 'ମୋନା'ର ଭର୍ଚୁଆଲ ବୈଠକ



ବାଲେଶ୍ୱର,୧୪।୮ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ(ମୋନା), ବାଲେଶ୍ୱର ଶାଖାର ମାସିକିଆ ବୈଠକ ପ୍ରଥମଥର ପାଇଁ ଭରଚୁଆଲ ମୋଡ଼ରେ ସଭାପତି ଏଡ୍‌ଭୋକେଟ ପ୍ରଭାକର ସାହୁଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି । ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ସାଧାରଣ ସଂପାଦିକା ମମତା ମହାପାତ୍ର ପୂର୍ବ ଅଧିବେଶନ ମାନଙ୍କର ବିବରଣୀ ପାଠ କରି ଜିଲ୍ଲାପାଳଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଶ୍ୱ ନିଶା ନିରୋଧ ଦିବସରେ ଦାବିପତ୍ର ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ । ଉପଦେଷ୍ଟା ସୁବ୍ରତ କର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟର ପ୍ରଶଂସା କରିବା ସହ ଟାଉନ ଥାନା ଅଧିକାରୀ ଓ ଅବକାରୀ ଅଧିକାରୀଙ୍କ ନିଶା କାରବାର ବିରୋଧରେ ପ୍ରଶଂସନୀୟ ପଦକ୍ଷେପ ପାଇଁ ସମ୍ବର୍ଦ୍ଧନା ଦେବାକୁ ପ୍ରସ୍ତାବ ଦେବା ସହ ସାକ୍ଷାତ୍ ଆଲୋଚନା କରିବାକୁ କହିଥିଲେ। କୋଷାଧକ୍ଷ ଡ. କ୍ଷିତୀଶ୍ୱର ଦାଶ ଆୟବ୍ୟୟ ଉପସ୍ଥାପନ କରିଥିଲେ ଓ ଏହା ଅନୁମୋଦିତ ହୋଇଥିଲା । ସଦସ୍ୟା କଲ୍ୟାଣୀ ନନ୍ଦ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ ଦେଶାତ୍ମବୋଧ ସଂଗୀତ ଗାନ କରିଥିଲେ । ଏହି ବୈଠକରେ ଭରଚୁଆଲ ମୋଡ଼ରେ ଡ. କେଶବ ଚରଣ ପଣ୍ଡା, କୁମୁଦ ରଞ୍ଜନ ଗିରି, ସ୍ୱର୍ଣ୍ଣଲତା ସ୍ୱାଇଁ, ଅଭିମନ୍ୟୁ କାନୁନ୍‌ଗୋ, ଅକ୍ଷୟ ତ୍ରିପାଠୀ, କମଳାକାନ୍ତ ଦାଶ, ଯୋଗେଶ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ଗୀତାଞ୍ଜଳି ସିଂହ, ସୀତାନାଥ ଦାସ, ଲୀନା ପାଣିଗ୍ରାଗୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଇଂ.ବିକ୍ରମ ମାଝୀ ଓ ବସନ୍ତ ପ୍ରଧାନ ଏହି ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଫୁଲ୍ଲ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo